READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୭ ସଂଖ୍ୟା-୧୬ ୧ - ୭ ମଇ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-16 1st - 7th MAY, 2023 BHUBANESWAR ₹ 5/- (8 Pages)

### ମନେପଡ଼ିଲା 'ମହାନଦୀ'

# ବିଜେଡି ଟାର୍ଗେଟରେ କଂଗ୍ରେସ ଓ ବିଜେପି

**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ପୂର୍ବରୁ ଶାସକ ବିଜେଡି ପୁଣିଥରେ 'ମହାନଦୀ' ପ୍ରସଙ୍ଗକୁ ଫେରିଛି। ମହାନଦୀ ଜଳବିବାଦ ପ୍ରସଙ୍ଗରେ ଉଭୟ ବିଜେପି ଓ କଂଗ୍ରେସକୁ କଡ଼ା ସମାଲୋଚନା କରିବା ସହ ଏହି ଦୁଇ ଦଳର ରାଜ୍ୟ ନେତାମାନେ ନିଜ ନିଜର ରାଷ୍ଟ୍ରୀୟ ହାଇକମାଣ୍ଡଙ୍କ ଉପରେ ଚାପ ପକାଇ ମହାନଦୀ ଜଳବିବାଦର ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ବିଜେଡି ଦାବି କରିଛି। ଏପଟେ ଉଭୟ ବିଜେପି ଓ କଂଗ୍ରେସ ମଧ୍ୟ ମହାନଦୀ ପ୍ରସଙ୍ଗରେ ରାଜ୍ୟର ବିଜେଡ଼ି ସରକାରଙ୍କ ବିଫଳତା ପ୍ରସଙ୍ଗ



ଉଠାଇ ବର୍ଷିଛନ୍ତି। ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ, ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା ଓ ଅଧାରୁ ଅଧିକ ଜିଲ୍ଲାର ପ୍ରାୟ ଅଢ଼େଇ କୋଟି ଲୋକ ଏହା ଉପରେ ନିର୍ଭରଶୀଳ। ମହାନଦୀ ଜଳବିବାଦ ପ୍ରସଙ୍ଗରେ ଟ୍ରିବ୍ୟୁନାଲ ଗଠନକୁ ୫ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ନିର୍ଯ୍ୟାସ ବାହାରି ପାରୁନି। ରାଜ୍ୟର ବିଜେଡି ସରକାର କ୍ରମାଗତ ଭାବେ ଏହି ପ୍ରସଙ୍ଗରେ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ପ୍ରୟାସ କରୁଥିଲେ ମଧ୍ୟ ଦୁଇ ଜାତୀୟ ଦଳ ବିଜେପି ଓ କଂଗ୍ରେସ ଏହି ପ୍ରସଙ୍ଗରେ କେବଳ ଶସ୍ତା ରାଜନୀତି ଓ କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି। ବିଜେଡି ନେତୃତ୍ୱାଧିନ ଓଡ଼ଶା ସରକାର ଛତିଶଗଡ଼ର ଏହି ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିବାକୁ ଦାବି କରୁଥିଲେ ମଧ୍ୟ ଛତିଶଗଡ଼ ଏପର୍ଯ୍ୟନ୍ତ ତାହା କରୁ ନାହିଁ। ବିଜେପି ଓ କଂଗ୍ରେସର ରାଜ୍ୟ ନେତୃତ୍ୱ 'ଆଗ ପାର୍ଟି ଓ ପରେ ମାଟି' ନୀତି ଅବଲମ୍ବନ କରୁଥିବାରୁ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ କେନ୍ଦ୍ର ସରକାର କିମ୍ବା ଛତିଶଗଡ଼ ସରକାରଙ୍କ ଉପରେ ଅନୁରୂପ ଚାପ ସୃଷ୍ଟି ହୋଇପାରୁନି। ପୂର୍ବରୁ ଛତିଶଗଡ଼ରେ ବିଜେପି ସରକାର ଥିବାବେଳେ ରାଜ୍ୟ ବିଜେପିର ନେତାମାନେ ବିଶେଷକରି ଓଡ଼ିଶାର କେନ୍ଦ୍ରମନ୍ତ୍ରୀ ନିରବ ରହି ପରୋକ୍ଷରେ ଛତିଶଗଡ଼କୁ ପ୍ରୋତ୍ସାହିତ କରୁଥିଲେ। ଏବେ ଅନୁରୂପ ନୀତି କଂଗ୍ରେସ ଆପଣାଇଛି। ଛତିଶଗଡ଼ରେ କଂଗ୍ରେସର ସରକାର ଥିବାରୁ ରାଜ୍ୟ କଂଗ୍ରେସର ନେତାମାନେ ମଧ୍ୟ ଓଡ଼ିଶାରେ ଚୁପ୍ ବସିଛନ୍ତି। ତେଣୁ ମହାନଦୀ ଜଳବିବାଦ ପ୍ରସଙ୍ଗରେ ରାଜ୍ୟ ସ୍ୱାର୍ଥହାନି ହେଉଥିବାବେଳେ ଦୁଇ ଦଳ ବିଜେପି ଓ କଂଗ୍ରେସର ଅସଲ ମୁଖା ଓ ଦୋମୁହାଁ ଚରିତ୍ର ପଦାରେ ପଡ଼ିଛି। ଓଡ଼ିଶା ବିରୋଧୀ, ➤ ପୃ-୬

### ଘୃଣା ଭାଷଣ; ରାଜ୍ୟମାନଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ନିଜ ଆଡୁ ମାମଲା କର



**ନୂଆଦିଲ୍ଲୀ :** ଦେଶରେ ବିଭିନ୍ନ ଜାତି ଓ ଧର୍ମକୁ ନେଇ ଦିଆଯାଉଥିବା ଘୃଣା ସୃଷ୍ଟିକାରୀ ବୟାନ ଉପରେ ସୁପ୍ରିମକୋର୍ଟ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ରେ ସୁପ୍ରିମକୋର୍ଟ ଦିଲ୍ଲୀ, ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡ ପୋଲିସ୍‌କୁ ଦେଇଥିବା ନିର୍ଦ୍ଦେଶର ପରିସରକୁ ବୃଦ୍ଧି କରିଛନ୍ତି। ୨୦୨୨ରେ ସର୍ବୋଚ୍ଚ ଅଦାଲତ ଏହି ରାଜ୍ୟର ପୁଲିସ୍କୁ ଘୃଣା ସୃଷ୍ଟିକାରୀ ବୟାନ ଉପରେ ନିଜ ଆଡ଼କୁ ପଦକ୍ଷେପ ନେବାକୁ କହିଥିଲେ। ଏବେ ଦେଶର ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟଗୁଡ଼ିକୁ ସମାନ ନିର୍ଦ୍ଦେଶ ଦେଇଛନ୍ତି। ଘୃଣା ସୃଷ୍ଟିକାରୀ ବୟାନ ଉପରେ ଯଦି ବି କେହି ଅଭିଯୋଗ ନ କରୁଛନ୍ତି, ତା'ହେଲେ ପୁଲିସ୍ ନିଜ ଆଡୁ ମାମଲା ରୁଜୁ କରିପାରିବ। ମାମଲା ରୁଜୁରେ ବିଳମ୍ବ ହେଲେ, ଏହାକୁ ଅଦଲାତ ଅବମାନନା ଭାବେ ବିବେଚନା କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଘୃଣା ସୃଷ୍ଟିକାରୀ ବୟାନକୁ ଅତ୍ୟନ୍ତ ସାଂଘାତିକ ଅପରାଧ ଭାବେ ବିବେଚନା କରି ସର୍ବୋଚ୍ଚ କୋର୍ଟ କହିଛନ୍ତି, ଘୃଣା ସୃଷ୍ଟିକାରୀ ବୟାନ ଦେଶର ଧର୍ମନିରପେକ୍ଷ ଆତ୍ମାକୁ ପ୍ରଭାବିତ କରିବାକୁ ସକ୍ଷମ। ଘୃଣା ସୃଷ୍ଟିକାରୀ ବୟାନ ଉପରେ କାର୍ଯ୍ୟାନୁଷ୍ଠାନ ଓ ଏହାକୁ ରୋକିବା ପାଇଁ ସୁପ୍ରିମକୋର୍ଟ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରି ଏକାଧିକ ଆବେଦନ କରାଯାଇଥିଲା। ଏହାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ କରିଥିଲେ। ହେଟସ୍ପିଚ୍ ବିରୋଧରେ ➤ ପୃ-୬

## ବିଜେଡିକୁ ନିର୍ବାଚନ ଜିତାଇବା ପାଇଁ 'ଫାଇଭ-ଟି' : ବିଜୟ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ 'ଫାଇଭ-ଟି'ର କାମ କେବଳ ବିଜେଡିକୁ ନିର୍ବାଚନ ଜିତାଇବା ବୋଲି ଅବସରପ୍ରାପ୍ତ ମୁଖ୍ୟ ସଚିବ ତଥା କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିବା ସହ କଡ଼ା ଭାଷାରେ କଟାକ୍ଷ କରିଛନ୍ତି। କଂଗ୍ରେସ ଭବନରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୟ ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟବାସୀଙ୍କ ମୌଳିକ ସମସ୍ୟାର ସମାଧାନ କ୍ଷେତ୍ରରେ ବିଫଳ ସରକାର କେବଳ ଫାଇଭ-ଟି ନାଁରେ ପ୍ରହେଳିକା ସୃଷ୍ଟି କରୁଛି। ୧୮ମାସ ମଧ୍ୟରେ ଷ୍ଟାଡ଼ିୟମ ନିର୍ମାଣ କରିଦେଲେ, ଅଥଚ ଲୋକଙ୍କୁ ପିଇବା ପାଇଁ ପାଣି ଟୋପାଏ ଦେଇପାରୁନାହାନ୍ତି। ନବରଙ୍ଗପୁରରେ ବୃଦ୍ଧା ଚୌକି ଧରି ବ୍ୟାଙ୍କ ଗଲେ, ଏଥିରୁ ଟେକ୍ନୋଲୋଜି ଜଣାପଡୁଛି। ଆଉ ଟ୍ରାନ୍ସପରେନ୍ସିର ପ୍ରଚାର ହେଉଛି କିନ୍ତୁ କୌଣସି ଖର୍ଚ୍ଚର ହିସାବ ସରକାର ଦେଇପାରୁନାହାନ୍ତି। ସ୍କୁଲରେ କୋଠରୀ ନାହିଁ, କାନ୍ଥ ରଙ୍ଗ ବଦଳାଇ



ଫାଇଭ-ଟି ଟ୍ରାନ୍ସଫରମେସନ କରୁଛନ୍ତି। ସରକାରଙ୍କ ଏହି 'ଫାଇଭ-ଟି'ର ମିଥ୍ୟା ପ୍ରଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନବନିଯୁକ୍ତ ପ୍ରଚାର ବିଭାଗର ଅଧକ୍ଷ ଶ୍ରୀ ପଟ୍ଟନାୟକ ଆହୁରି ମଧ୍ୟ କହିଥିଲେ ଯେ, ୫ଟି ଶାସନ ନାଁରେ ପ୍ରହସନ ଚାଲିଛି ବୋଲି କଟାକ୍ଷ କରିଛନ୍ତି। କେବଳ ମିଥ୍ୟା ଆଉ ମିଥ୍ୟାକୁ ନେଇ ସରକାର ଚାଲିଛି। ମିଥ୍ୟା ବନାମ ବାସ୍ତବତା ପ୍ରସଙ୍ଗ ଉଠାଇ 'ଫାଇଭ-ଟି'ର ବାଖ୍ୟାତ୍ମକ ବର୍ଣ୍ଣନା ➤ ପୃ-୬

## ଓଡ଼ିଶାରେ 'ବାବୁମାନେ' ମୁଖ୍ୟମନ୍ତ୍ରୀଙ୍କ ସ୍ଥାନ ବି ନେଇସାରିଲେଣି: ଧର୍ମେନ୍ଦ୍ର

**ଭୁବନେଶ୍ୱର :** ଓଡ଼ିଶାରେ ବାବୁମାନଙ୍କ ଶାସନ ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ଥାନ ବି ବାବୁମାନେ ନେଇସାରିଲେଣି। ବାବୁମାନଙ୍କ ପାଇଁ ପ୍ରଭାବଶାଳୀ ମନ୍ତ୍ରୀମାନେ ବି ଛତା ଧରି ବୁଲୁଥିବା ଦେଖିବାକୁ ମିଳିଲାଣି ବୋଲି ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟକୁ ଆଧାର କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ କଟାକ୍ଷ କରିଛନ୍ତି। ଗଣମାଧ୍ୟମକୁ



ସମ୍ବଲପୁରରେ ହନୁମାନ ଜୟନ୍ତୀ ପାଳନବେଳେ ହିଂସା ଘଟଣାରେ ସ୍ଥାନୀୟ ପ୍ରଶାସନକୁ ଦାୟୀ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ରାଜ୍ୟ ସରକାର ଓ ପ୍ରଶାସନର ଅପାରଗତାରୁ ସମ୍ବଲପୁରରେ ଏଭଳି ଅଭାବନୀୟ ପରିସ୍ଥିତି ହନୁମାନ ଜୟନ୍ତୀବେଳେ ସମ୍ଭବପର ହେଲା। ଏପ୍ରିଲ ୧୪ତାରିଖରେ ଜଣେ ଆଦିବାସୀ ପିଲାକୁ ହତ୍ୟା କରାଗଲା। ପୋଲିସ କାର୍ଯ୍ୟାନୁଷ୍ଠାନ ➤ ପୃ-୬

## ବସ୍ତିମୁକ୍ତ ହେବ ସ୍ମାର୍ଟ ସହର

**ଭୁବନେଶ୍ୱର :** ବସ୍ତି ମୁକ୍ତ ସ୍ମାର୍ଟ ସହର। ରୂପାନ୍ତରଣ ପର୍ବରେ ସହରାଞ୍ଚଳ ସବୁ ବସ୍ତିର ହେଉଛି ଅପଗ୍ରେଡେସନ୍। ରାସ୍ତାଠାରୁ ଆରମ୍ଭ କରି ଲାଇଟ୍, ପାନୀୟ ଜଳ, ପାଇଖାନା ବ୍ୟବସ୍ଥା ସବୁକିଛି ଚକାଚକ୍। ୯ଟି ଭର୍ଟିକାଲ ପାରାମିଟରରେ ପ୍ରତ୍ୟେକ ବସ୍ତିକୁ ମୌଳିକ ସୁବିଧା ଯୋଗାଇ ଦିଆଯାଉଛି । ସହରାଞ୍ଚଳ ବିକାଶ ଧାରାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏପରି



ଆଭିମୁଖ୍ୟକୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚିତ। ୨୦୨୩ ମସିହା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ମିଳିଛି ଜାତିସଂଘ ୱାର୍ଲଡ ହାବିଟାଟ୍ ପୁରସ୍କାର। ମୋଟ ୧୧୫ଟି ସହରାଞ୍ଚଳର ୨ ହଜାର ୯୧୯ଟି ବସ୍ତିରୁ ଏବେସୁଦ୍ଧା ୭୬୯ଟି ବସ୍ତିର ହୋଇଛି ରୂପାନ୍ତରଣ। ସେପଟେ ଚୂଡ଼ାନ୍ତ ପର୍ଯ୍ୟାୟରେ ୫ ମହାନଗର ନିଗମ ଅଞ୍ଚଳରେ ଜାଗା ମିଶନ ଜରିଆରେ ମାଗଣା ➤ ପୃ-୬

## ବକ୍ରବାଣୀ



ଆଗକୁ ଭୋଅଟ ଆଉଚି ବୋଲି
ଜୟ ଜଗନ୍ନାଥ ନାରା ଦିଅଁନ୍ତି
ମିଛରେ ଭକତି ଦେଖେଇ ହେଇ
ଜଗା କାଳିଆର ସାହା ନିଅଁନ୍ତି
ରତନ ଭଣ୍ଡାର ଚାବି ଖୋଜାରେ
ବାଇଶି ନଖିଅ ଖରଚ କଲେ
ତଦନ୍ତ ରିପୋର୍ଟ ମିଳିଲା ଗୋଟେ
ସେଇଟାକୁ ପୁଣି ହଜେଇ ଦେଲେ
ଭେଳିକି କରନ୍ତି ଭୋଟ ବେଳକୁ
କେମିତି ସହୁଚି ଦଇବ ୟା'ଙ୍କୁ।

——— ଟୁଟୁ

### ପଦାରେ ପଡିଛି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ପାରିବାପଣିଆ

# ଅସ୍ତିତ୍ୱ ହରାଇବାକୁ ବସିଛି ପ୍ରାଚୀନ ସଂଗ୍ରହାଳୟ

**ବାରିପଦା, (ବିଜୁ ସିଂ):** ଓଡ଼ିଶା ଇତିହାସେର ଭଞ୍ଜବଂଶ ଦୁଇ ଶାଖାରେ ବିଭକ୍ତ ହୋଇ ଉତ୍ତର ଓ ମଧ୍ୟ ଓଡ଼ିଶାରେ ନବମ-ଦଶମ ଶତାବ୍ଦୀ ସମୟେର ରାଜତ୍ୱ କରୁଥିବାର ଜଣାପେଡ଼ । ଉତ୍ତର ଓଡ଼ିଶାର ଖଇରଭଣ୍ଡନ ଓ ବୈତରଣୀ ଉପତ୍ୟକାରେ ସ୍ଥାପିତ ହୋଇଥିବା ଖିଜିଙ୍ଗମଣ୍ଡଳର ରାଜଧାନୀ ଥିଲା ଖିଜିଙ୍ଗକୋଟ; ଯାହା ଆଧୁନିକ ଖିଚିଂ ସହିତ ପରିଚିହ୍ନିତ ହୋଇଅଛି । ଖିଜିଙ୍ଗକୋଟର ଭଞ୍ଜବଂଶଦ୍ୱାରା ପ୍ରଦତ୍ତ ୧୫ ଗୋଟି ତାମ୍ରଶାସନ ବର୍ତ୍ତମାନ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଅଛି। ପ୍ରାୟ ନବମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମୟୂରଭଞ୍ଜ ଜିଲାର ଖଇରଭଣ୍ଡନ ଓ କେନ୍ଦୁଝରର ଜିଲା କଣ୍ଟାଖଇର ନଦୀର ଦୁଇ କୂଳେର ଏହି ରାଜ୍ୟ ପରିବ୍ୟାପ୍ତ ରହିଥିଲା। ଏହା ଆର୍ଯ୍ୟ ସଂସ୍କୃତିର ଅନ୍ୟତମ







କେନ୍ଦ୍ର ଭାବେ ପ୍ରଖ୍ୟାତି ଲାଭ କରିଥିଲା । ଦିଲ୍ଲୀର ସୁଲତାନ ଫିରୋଜ ସାହା ତୁଗଲକ ଖ୍ରୀ.୧୩୬୦-୬୧ରେ ଦକ୍ଷିଣ ବିହାର ପଟୁ ଏହି ଖିଜିଙ୍ଗକୋଟ ଉପେର ଆକ୍ରମଣ କରି ଗଢ଼ିଉଠିଥିବା ନଗରୀ, ମନ୍ଦିର ଓ ଅଟ୍ଟାଳିକା ଆଦିକୁ ଧୂଳିସାତ କରି ଭଞ୍ଜ ଇତିହାସକୁ ଏକ ନୂତନ ମୋଡ଼ ଦେଇଥିଲେ। ଖିଚିଂ ଓ ତାର ଆଖପାଖ ଅଞ୍ଚଳେର ଭୁଖୋଦନରୁ ମିଳିଥିବା ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଦ୍ୱାରା ଖିଂଚିଂର ସାଂସ୍କୃତିକ ମହତ୍ୱକୁ ପ୍ରତିପାଦିତ କରାଇ ପାରିଛି । ଏହି ପ୍ରାଚୀନ କୀର୍ତ୍ତି ରାଜିକୁ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ସଂରକ୍ଷିତ କରିବା ନିମେନ୍ତ ଖ୍ରୀ.୧୯୨୨ରେ ଖିଚଂଠାରେ ଏକ ଆଧୁନିକ ସଂଗ୍ରହାଳୟ ନିର୍ମାଣ କରି ସେଥିରେ ସାଇତ ରଖିଥିଲେ। ଭୂଖନନରୁ ମିଳିଥିବା ପ୍ରାଚୀନ କୀର୍ତ୍ତିର ସାଂସ୍କୃତିକ ମୂଲ୍ୟକୁ ଅବଧାରଣକରିବା କଷ୍ଟକର ରହିଥିଲା। ଏହି ଆଧୁନିକ ସଂଗ୍ରହାଳୟେର ପ୍ରାଚୀନ ଖିଜିଙ୍ଗମଣ୍ଡଳର ବିଭିନ୍ନ ସ୍ଥାନରୁ ସଂଗୃହୀତ ଅେନକ ଦୁଲର୍ଭ ଦେବେଦବୀମାନଙ୍କ ମୂର୍ତ୍ତି, କୁଶାଣ ଓ ପୁରାତନ ଯୁଗର ମୁଦ୍ରା, ତାମ୍ର ଲେଖ, ମୃଣ୍ମୟପାତ୍ର, ମଧ୍ୟଯୁଗୀୟ ଉପକରଣ, ପ୍ରାକ୍‌ଐତିହାସିକ ଯୁଗର ଅସ୍ତ୍ରଶସ୍ତ୍ର ଓ ଉପକରଣ, ମୋହର(ସିଲ) ଆଦିକୁ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଅତି ଯତ୍ନରେ ସାଇତି ରଖିବା ସଙ୍ଗେ ସଙ୍ଗେ ସଂଗ୍ରହାଳୟର ଦାୟିତ୍ୱ ଜେଣ ଅଭିଜ୍ଞ ଓ ଦକ୍ଷ କମର୍ଚାରୀଙ୍କ ହାତେର ନ୍ୟସ୍ତ କରିଥିଲେ। ଯାହା ପରବର୍ତ୍ତୀ ସମୟେର ମୟୂରଭଞ୍ଜ ତଥା ଓଡ଼ିଶା ସଂସ୍କୃତିର ଏକ ପ୍ରାଣକେନ୍ଦ୍ର ପାଲଟି ଯାଇଥିଲା । ଏହାର ପ୍ରତ୍ନତତ୍ୱ ଅତୀବ ପ୍ରାଚୀନ ହୋଇଥିବାରୁ ଏହାର ମହତ୍ୱ ତଥା ଗୁରୁତ୍ୱ କ୍ରମଶଃ ବୃଦ୍ଧି ପାଇବା ସହିତ ଖିଚିଂ ମନ୍ଦିର ଓ ସଂରହାଳୟ ପର୍ଯ୍ୟଟକମାନଙ୍କ ନିମେନ୍ତ ମୁଖ୍ୟ ଆକଷର୍ଣର କେନ୍ଦ୍ର ବିନ୍ଦୁ ହେଲା। ସଂଗ୍ରାଳଳୟେର ମୟୂରଭଞ୍ଜର ପ୍ରାଚୀନ ଓ ମଧ୍ୟଯୁଗୀୟ ଯେଉଁ ସମସ୍ତ ଉେଲ୍ଲଖନୀୟ ସାଂସ୍କୃତିକ କୃତିମାନ ସଂଗୃହୀତ ଓ ସୁରକ୍ଷିତ ହୋଇ ରହିଛି ତାହା ଅତୀତ ଗୌରବ ଓ ଉନ୍ନତ ସଭ୍ୟତାର ଉଜ୍ଜ୍ୱଳ ନିଦର୍ଶନ ରହିଥିଲା। ➤ ପୃ-୬





### ମେ' ୨୯ରେ ନବୀନ ସରକାରଙ୍କ ୫ମ ପାଳିର ୪ର୍ଥ ବର୍ଷ ପୂର୍ତ୍ତି

# ସବୁ ମନ୍ତ୍ରୀ ଦେବେ ନିଜ ବିଭାଗର ରିପୋର୍ଟ

**ଭୁବନେଶ୍ୱର :** ଆସନ୍ତା ମଇ ମାସ ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ପାଳନ କରିବ ୫ମ ପାଳିର ୪ର୍ଥ ବର୍ଷ ପୂର୍ତ୍ତି। ରାଜ୍ୟବାସୀ କ୍ରମାଗତ ଭାବରେ ବିଜେଡିକୁ ଆଶୀର୍ବାଦ ପ୍ରଦାନ କରି ଆସିଛନ୍ତି। ଏହାହିଁ ସରକାରଙ୍କୁ ଅଧିକ ଦାୟିତ୍ୱବାନ କରିଛି। ସାଧାରଣ ଲୋକଙ୍କ ହିତରେ ସରକାର ଅନେକ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରି ଆସୁଛନ୍ତି। ତେବେ ଶାସନ ବ୍ୟବସ୍ଥାରେ ଜନ ଭାଗିଦାରୀକୁ ସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ମୁଖ୍ୟମନ୍ତ୍ରୀ ୪ର୍ଥ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ବିଭାଗର ସଫଳତା ରାଜ୍ୟବାସୀଙ୍କ ନିକଟରେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୪ର୍ଥ ବର୍ଷ ପୂର୍ତ୍ତିର ଅବ୍ୟବହିତ ପୂର୍ବରୁ ଆସନ୍ତା ମେ ୨୨ ତାରିଖରୁ ବିଭିନ୍ନ ବିଭାଗର ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ସମୀକ୍ଷା ବୈଠକରେ ବିଭାଗୀୟ ମନ୍ତ୍ରୀମାନେ ନିଜ ବିଭାଗର ଅନ୍ୟୂନ ୫ଟି ପ୍ରମୁଖ ସଫଳ କାର୍ଯ୍ୟର ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳର ସମସ୍ତ ମନ୍ତ୍ରୀଙ୍କୁ ଏହି ମର୍ମରେ ଚିଠି ଲେଖିଛନ୍ତି। ଆମ ଶାସନର ପୁରୋଭାଗରେ ରାଜ୍ୟର ସାଢ଼େ ୪ କୋଟି ଜନସାଧାରଣ ରହିଛନ୍ତି। ସେମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିର ଅଗ୍ରାଧିକାର ଭିତ୍ତିରେ ପାଳନ ଆମ ସରକାରଙ୍କ ସର୍ବପ୍ରଥମ ଉତ୍ତର ଦାୟିତ୍ୱ। ତେଣୁ



ସେଥିନିମନ୍ତେ ଏକନିଷ୍ଠ ଭାବରେ ନିରନ୍ତର ଉଦ୍ୟମ ଜାରି ରଖିବାକୁ ମନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ମୁଖ୍ୟମନ୍ତ୍ରୀ। ମନ୍ତ୍ରୀମାନଙ୍କୁ ଲେଖିଥିବା ଚିଠିରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୧୯ ମସିହା ମଇ ୨୯ ତାରିଖରେ ନବଗଠିତ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକରେ ଆମେ ନିର୍ବାଚନୀ ଇସ୍ତାହାରରେ ରହିଥିବା ସମସ୍ତ ପ୍ରସ୍ତାବଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଥିଲେ। ଖୁବ୍‌ଶୀଘ୍ର ଆମେ ୪ ବର୍ଷ ପୂରଣ କରିବାକୁ ଯାଉଛନ୍ତି। ଏହାମଧ୍ୟରେ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ଆମେ ଅନେକ ଗୁଡ଼ିଏ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିଛନ୍ତି। 'ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ' ଏକଥା ଆମେ ସ୍ପଷ୍ଟ ଭାବେ ଓଡ଼ିଶାର ଜନସାଧାରଣଙ୍କ ନିକଟରେ ମଧ ରଖିସାରିଛନ୍ତି। ଏହି ପରିପ୍ରେକ୍ଷୀରେ ମଇ ମାସ ୨୨ ତାରିଖଠାରୁ ବିଭିନ୍ନ ବିଭାଗର ସମୀକ୍ଷା କରାଯିବ। ବିଭାଗର ୫ଟି ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ସହ ବିଭାଗ ପକ୍ଷରୁ ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମ ଅନ୍ତର୍ଗତ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କୁ ଚିଠିରେ ଉଲ୍ଲେଖ କରିଛନ୍ତି। ତେଣୁ ଏହାପୂର୍ବରୁ ମନ୍ତ୍ରୀମାନେ ନିଜନିଜସ୍ତରରେ ବିଭାଗୀୟ ଅଧିକାରୀଙ୍କ ସହ ➤ ପୃ-୬

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସରକାରୀ କାମର ସମାଧାନ ହେବ। ପରୀକ୍ଷା ଓ ପଦୋନ୍ନତି ଯୋଗ ଅଛି। ଅଚାନକ ଧନ ପ୍ରାପ୍ତି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ଯୋଗ ଅଛି। ଜୀବନସାଥୀଙ୍କ ଉପହାର ଦେଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** ଧନର ପ୍ରାପ୍ତି ସୁନ୍ଦର ଯୋଗ ଅଛି। ଗାଡି ଚାଳନାରେ ସଂଯତ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ବାଦବିବାଦ ହୋଇପାରେ। ପ୍ରେମୀ ଓ ଜୀବନସାଥୀଙ୍କର ଅଟକିଥିବା କାମ ପୂରା ହେବ। ବିଦେଶ ଭ୍ରମଣର ଯୋଗ ରହିଛି।

**ମିଥୁନ** ସଫଳତାର ସହ ପୁରୁଣା କାମ ହେବ। ଧନପ୍ରାପ୍ତି ଯୋଗ ଅଛି। ଖର୍ଚ୍ଚର ଅନେକ ସୁଯୋଗ ଆସିବ। କାର୍ଯ୍ୟକ୍ଷେତ୍ରରେ ନୂଆ କାମ ପାଇବେ। ଜୀବନସାଥୀଙ୍କ ସହ ସୁନ୍ଦର ସମ୍ପର୍କ ରହିବ। ପରିବାରରେ ଖୁସି ଆସିବ।

**କର୍କଟ** ବାଣୀରେ ଲଗାମ ଦିଅନ୍ତୁ। ମାଆଙ୍କ ସହ ବିବାଦ ରହିପାରେ। ରକ୍ତଚାପ ବଢ଼ିପାରେ। ଧନହାନୀ ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସ୍ତ୍ରୀ ଲୋକଙ୍କ ସହ ବିବାଦ ହୋଇପାରେ। ନୂତନ ଗୃହ କିଣି ପାରନ୍ତି।

**ସିଂହ** ରୋକିଥିବା କାମ ପୁରା ହେବ। ଆର୍ଥିକ ସ୍ଥିତି ଉତ୍ତମ ରହିବ ଓ ଉପହାର ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଶ୍ୱଶୁର ଘରକୁ ଭ୍ରମଣରେ ଯାଇପାରନ୍ତି। ନୂତନ ବସ୍ତ୍ର କ୍ରୟ କରିପାରନ୍ତି।

**କନ୍ୟା** ଧନ ସମ୍ବନ୍ଧୀୟ ସୂଚନା ପାଇପାରନ୍ତି। ଆୟ ଓ ବ୍ୟୟ ହେବ। କ୍ୟାରିୟରରେ ପରିଶ୍ରମ କରିପାରନ୍ତି। ପାର୍ଟନରଙ୍କ ଧନହାନୀ ଯୋଗ ଅଛି। ବିଦେଶ ଭ୍ରମଣ କରିପାରନ୍ତି। ଗୃହରେ କିଛି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ତୁଳା** ଗୃହ ମରାମତି ଯୋଗ ଅଛି। ବିଦେଶରୁ ଶୁଭ ସୂଚନା ପାଇବେ। ଧନ ସମ୍ବନ୍ଧୀୟ ଶୁଭ ସୂଚନା ପାଇବେ। ସ୍ଥାନ ପରିବର୍ତ୍ତନ ଯୋଗ ଅଛି। ପ୍ରେମୀ ମାନେ ସୁନ୍ଦର ସମୟ କଟାଇବେ ଓ ଉପହାର ଦେଇ ପାରନ୍ତି।

**ବିଛା** ବଡ କାମ ଓ ବଡ ଧନପ୍ରାପ୍ତି କରିପାରନ୍ତି। ଭୂମିରେ ଧନ ବିନିଯୋଗ କରିବେ। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ। ଜୀବନସାଥୀଙ୍କ ଠାରୁ ଭଲ ଖବର ପାଇବେ। ବିଦେଶ ଭ୍ରମଣ କରିପାରନ୍ତି।

**ଧନୁ** ହଠାତ୍ ସବୁକାମ କରିବାକୁ ପଡିପାରେ। ଆଶ୍ଚର୍ଯ୍ୟ ଲାଗିବ। ପଦୋନ୍ନତି ହୋଇପାରେ। ସବୁକାମରୁ ଭଲ ଖବର ପାଇପାରନ୍ତି। ଜୀବନସାଥୀଙ୍କ ପୁରୁଣା ଦାବି କରିବେ।

**ମକର** ସପ୍ତାହ ସଂଘର୍ଷମୟ ରହିବ। ଘର ତିଆରି କାମ କରନ୍ତୁ ନାହିଁ। ଆୟ ତୁଳନାରେ ବ୍ୟୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ଅସହଯୋଗ ପାଇବେ। ଦମ୍ପତିଙ୍କର ମତାନ୍ତର ହୋଇପାରେ। ପ୍ରେମୀ ଯୁଗଳଙ୍କ ପାଇଁ ଭଲ ସମୟ।

**କୁମ୍ଭ** ଭୂମି ବାହାନ ଆଦି କିଣିପାରନ୍ତି। ଧନ ସ୍ଥିତି ମଧ୍ୟମ ରହିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଷବ। ଘରେ କୌଣସି ମାଙ୍ଗଳିକ କାର୍ଯ୍ୟ କରିପାରନ୍ତି। ବିଦେଶ ଭ୍ରମଣର ଯୋଗ ରହିଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାରରେ ଶାନ୍ତି ବଜାୟ ରହିବ।

**ମୀନ** କୌଣସି ମହିଳାଙ୍କ ସହ ବିବାଦ ହୋଇପାରେ। ସପ୍ତାହଟି ବ୍ୟସ୍ତତାରେ କଟିବ। ମାଆ ଓ ପାର୍ଟନରଙ୍କ ମଧ୍ୟରେ ବଡ ବିବାଦ ହୋଇପାରେ। ଜୀବନସାଥୀଙ୍କ ସହ ନଦୀ ବା ସମୁଦ୍ର ପାଖକୁ ଯାଇ ପାରନ୍ତି। ବିଦେଶ ଭ୍ରମଣର ଯୋଗ ଅଛି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# କୋଭିଡ୍ ମୃତ୍ୟୁ ୯୫% ହ୍ରାସ



**ନ୍ୟୁୟର୍କ :** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ପକ୍ଷରୁ ବୁଧବାର କୁହାଯାଇଛି ଯେ ଚଳିତବର୍ଷ କୋଭିଡ୍-୧୯ ଜନିତ ମୃତ୍ୟୁ ୯୫ ପ୍ରତିଶତ ହ୍ରାସ ପାଇଛି। କିନ୍ତୁ ଭୂତାଣୁ ଏବେ ବି ସକ୍ରିୟ ରହିଛି। ବିଭିନ୍ନ ଦେଶ ଏହାକୁ କିପରି ପରିଚାଳନା କରିବେ ତାହା ଜାଣିବା ଉଚିତ। ହୁ ମୁଖ୍ୟ ଟେଡ୍ରୋସ ଆଧାନମ ଗେବ୍ରେୟେସସ୍ କହିଛନ୍ତି, କୋଭିଡ୍ ସଂକ୍ରମଣ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବା ଏବଂ କୋଭିଡ୍ ମୃତ୍ୟୁ ୯୫ ପ୍ରତିଶତ କମିଥିବା ନେଇ ଆମେ ଖୁବ୍ ଉତ୍ସାହିତ। ତେବେ କେତେକ ଦେଶରେ ସଂକ୍ରମଣ ବୃଦ୍ଧି ପାଇବା ଦେଖାଯାଉଛି। ଗତ ୪ ସପ୍ତାହରେ ପ୍ରାୟ ୧୪,୦୦୦ ଲୋକ ଏହି ରୋଗରେ ମୃତ୍ୟୁବରଣ କରିଛନ୍ତି। ଏକ୍ସବିବି.୧.୧୬ ଉପକିସମର ଆବିର୍ଭାବ ପରେ ଏହି ଭୂତାଣୁ ତା'ର ରୂପ ବଦଳାଇବାରେ ଲାଗିଛି। ଏହା ନୂଆ ଲହର ସୃଷ୍ଟି ଓ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଁ ସକ୍ଷମ ବୋଲି ସେ କହିଛନ୍ତି। କୋଭିଡ୍-୧୯ର ଅନ୍ତ ଘଟିବ ବୋଲି ହୁ ମୁଖ୍ୟ ଆଶା ପ୍ରକାଶ କରିବା ସହ କହିଛନ୍ତି, ଭୂତାଣୁ କିନ୍ତୁ ସମ୍ପୂର୍ଣ୍ଣ ଲୋପ ପାଇବ ନାହିଁ। ତେଣୁ ବିଭିନ୍ନ ଦେଶ ଅନ୍ୟ ସଂକ୍ରାମକ ରୋଗ ସହ କିପରି ଏହାର ପରିଚାଳନା କରିବେ ତାହା ଜାଣିବା ଦରକାର। ଲଙ୍ଗ୍ କୋଭିଡ୍ (କୋଭିଡ୍ର ପରପ୍ରଭାବ) ପ୍ରତି ଚେତାବନୀ ଦେଇ ଟେଡ୍ରୋସ କହିଲେ ଯେ, ପ୍ରତି ୧୦ ଜଣରେ ଜଣେ ଲଙ୍ଗ୍ କୋଭିଡ୍ ଜନିତ ସମସ୍ୟା ଭୋଗ କରୁଛନ୍ତି। ପ୍ରତ୍ୟେକ ଦେଶ ଟିକାକରଣ ଲାଗି ଥିବା ସମସ୍ତ ବାଧା ଦୂର କରିବା ଦରକାର। ସବୁ ଲୋକ ଯେପରି ଟିକା ନେଇପାରନ୍ତି ତା'ର ବ୍ୟବସ୍ଥା କରିବା ଆବଶ୍ୟକ। ହୁ'ର ବୈଷୟିକ ମୁଖ୍ୟ ମାରିଆ ଭାନ କେରଖୋଭ୍ କହିଛନ୍ତି, କୋଭିଡ୍-୧୯ର ଉପକିସମ ଏକ୍ସବିବି ଏବେ ସାରା ବିଶ୍ୱରେ ପ୍ରଭାବ ବିସ୍ତାର କରିଛି। ଏଥି ପ୍ରତି ସମସ୍ତେ ସଚେତନ ରହିବା ସହ ଟେଷ୍ଟିଂ ବଢ଼ାଇବା ଆବଶ୍ୟକ, ଯାହାଫଳରେ ଏହାର ଠିକ୍ ଭାବେ ମନିଟରିଂ କରାଯାଇପାରିବ।

## ଓଡ଼ିଆ ପୁଅ ସିଦ୍ଧାର୍ଥ ମହାନ୍ତି ହେଲେ ଏଲଆଇସିର ଅଧ୍ୟକ୍ଷ

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ଆଉ ଜଣେ ଓଡ଼ିଆଙ୍କୁ ବଡ଼ ପଦବୀରେ ନିଯୁକ୍ତି ଦେଇଛନ୍ତି। ଦେଶର ସବୁଠାରୁ ବଡ଼ ରାଷ୍ଟ୍ରାୟତ୍ତ ବୀମା କମ୍ପାନୀ ଏଲଆଇସିର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି ସିଦ୍ଧାର୍ଥ ମହାନ୍ତି। ସେ ଏବେ ଏଲଆଇସିର ଅନ୍ତରୀଣ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। କିନ୍ତୁ ତାଙ୍କୁ କେନ୍ଦ୍ର ସରକାର ସ୍ଥାୟୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ସେ ୨୦୨୪ ଜୁନ ମାସ ଯାଏ ଏହି ପଦବୀରେ ରହିବେ। ୨୦୨୪ ଜୁନରେ ସେ ଅଧ୍ୟକ୍ଷ ପଦ ଛାଡ଼ିବା ପରେ ଏଲଆଇସିର ଏମଡି ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ୨୦୨୫ ଜୁନ୍ ମାସ ଯାଏ କାର୍ଯ୍ୟ କରିବେ। ୨୦୨୩ ମାର୍ଚ୍ଚ ୧୪ରୁ ସେ ଏଲଆଇସିର ଅନ୍ତରୀଣ ଅଧ୍ୟ ଭାବେ କାମ କରୁଥିଲେ। ୧୯୮୫ରେ ଏଲଆଇସିରେ ଯୋଗ ଦେଇଥିବା ଶ୍ରୀ ମହାନ୍ତିଙ୍କୁ ୨୦୨୧ ମହିହା ଫେବୃଆରୀରେ ଏଲଆଇସିର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିଲା। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଏଥିସହ ତାଙ୍କ ପାଖରେ ଆଇନ ଓ ବିଜନେସ ମ୍ୟାନେଜମେଣ୍ଟର ଡିଗ୍ରୀ ମଧ୍ୟ ରହିଛି।

## ମହଙ୍ଗା ହେବ ସାବୁନ, ଶାମ୍ପୁ, ଡିଟରଜେଣ୍ଟ !



**ନୂଆଦିଲ୍ଲୀ :** ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଇଛି। କିନ୍ତୁ ସାଧାରଣ ଖାଉଟିଙ୍କୁ ଦରଦାମ ବୃଦ୍ଧିରୁ ରିହାତି ମିଳୁନାହିଁ କିମ୍ବା ନିକଟ ଭବିଷ୍ୟତରେ ମିଳିବା ସମ୍ଭାବନା ଦେଖାଯାଉନାହିଁ। ନିକଟରେ କ୍ଷୀର ଏବଂ କ୍ଷୀରଜାତୀୟ ଉତ୍ପାଦ ମହଙ୍ଗା ହୋଇଥିବାବେଳେ ଆଗାମୀ ଦିନରେ ସାବୁନ, ଶାମ୍ପୁ ଏବଂ ଡିଟରଜେଣ୍ଟ ଆଦି ଗାଧୁଆ ଓ ସଫା ସାମଗ୍ରୀ ମହଙ୍ଗା ହେବାର ସମ୍ଭାବନା ରହିଛି। ସରକାର ଏସବୁ ସାମଗ୍ରୀ ପ୍ରସ୍ତୁତ ହେଉଥିବା ପ୍ରମୁଖ କଞ୍ଚାମାଲ ଉପରେ ଶୁଳ୍କ ବୃଦ୍ଧି କରିପାରନ୍ତି। ବାଣିଜ୍ୟ ମନ୍ତ୍ରାଳୟ ଅଧୀନ ଡାଇରେକ୍ଟର ଜେନେରାଲ ଅଫ୍ ଟ୍ରେଡ୍ ରିମେଡିଜ୍ (ଡିଜିଟିଆର) ଦୁଇମାସ ପୂର୍ବରୁ ଏକ ପ୍ରସ୍ତାବ ଦେଇଥିଲା। ଏଥିରେ କୁହାଯାଇଥିଲା ଯେ ଇଣ୍ଡୋନେସିଆ, ମାଲେସିଆ ଏବଂ ଥାଇଲାଣ୍ଡ ଭଳି ଦେଶରୁ ଆମଦାନି ହେଉଥିବା ସାଚ୍ୟୁରେଟେଡ ଫ୍ୟାଟି ଆଲକହଲ ଉପରେ ଟିକସ ବୃଦ୍ଧି ହେବା ଆବଶ୍ୟକ। ଏସବୁ ସାମଗ୍ରୀ ଉପରେ ଆଣ୍ଟି ଡମ୍ପିଂ ଡ୍ୟୁଟି ବୃଦ୍ଧି ସହିତ ଅତିରିକ୍ତ କାଉଣ୍ଟରଭେଲିଂ ଡ୍ୟୁଟି ଲଗାଇବାର ପ୍ରସ୍ତାବ ଦିଆଯାଇଛି। ସରକାର ଯଦି ଡାଇରେକ୍ଟର ଜେନେରାଲ ଅଫ୍ ଟ୍ରେଡ ରିମେଡିଜର ପ୍ରସ୍ତାବକୁ ଗ୍ରହଣ କରି ନିଅନ୍ତି ତାହେଲେ ଆଗାମୀ ଦିନରେ ସାଚ୍ୟୁରେଟେଡ ଫ୍ୟାଟି ଆଲକହଲ ମୂଲ୍ୟ ମହଙ୍ଗା ହୋଇଯିବ। ଯଦି କଞ୍ଚାମାଲ ମୂଲ୍ୟ ବଢ଼ିଯାଏ ତାହେଲେ କମ୍ପାନିଗୁଡ଼ିକ ସ୍ୱାଭାବିକ ଭାବେ ଏହାର ବୋଝ ଗ୍ରାହକଙ୍କ ଉପରେ ଲଦିବେ। ତେବେ ଡାଇରେକ୍ଟର ଜେନେରାଲ ଅଫ୍ ଟ୍ରେଡ ରିମେଡିଜ୍ର ପ୍ରସ୍ତାବ ଉପରେ ସାବୁନ, ଶାମ୍ପୁ ଏବଂ ଡିଟରଜେଣ୍ଟ ଉଦ୍ୟୋଗ ସହ ଜଡ଼ିତ ସଂଗଠନ ଇଣ୍ଡିଆନ୍ ସର୍ଫାକ୍ଟାଣ୍ଟ ଗ୍ରୁପ (ଆଇଏସ୍ଜି) ଚିନ୍ତା ବ୍ୟକ୍ତ କରିଛି। ଶୁଳ୍କ ନବଢ଼ାଇବା ଲାଗି ଅର୍ଥ ମନ୍ତ୍ରାଳୟକୁ ଆଇଏସ୍ଜି ଚିଠି ଲେଖିଛି।

## ଏଣିକି ଆମେରିକାରେ ମିଳିବ ଦୀପାବଳି ଛୁଟି



**ୱାଶିଂଟନ:** ଏଣିକି ଆମେରିକାରେ ମିଳିବ ଦୀପାବଳି ଛୁଟି। ୟୁନାଇଟେଡ୍ ଷ୍ଟେଟ୍ସର ପେନସିଲଭେନିଆରେ ଦୀପାବଳିକୁ ନ୍ୟାସନାଲ ହଲିଡେ ଘୋଷଣା କରାଯାଇଛି। ସିନେଟର ନିକିଲ ସବଲ ଏନେଇ ଟୁଇଟ କରି ସୂଚନା ଦେଇଛନ୍ତି। ଏନେଇ ସର୍ବସମ୍ମତି କ୍ରମେ ସ୍ୱତନ୍ତ୍ର ବିଲ ପାସ୍ କରାଯାଇଛି। ପେନସିଲେନିଆରେ ଦକ୍ଷିଣ ଏସିଆର ପ୍ରାୟ ୨ ଲକ୍ଷ ଲୋକ ବସବାସ କରୁଥିବା ବେଳେ ସେମାନେ ଦୀପାବଳିକୁ ବେଶ ଧୁମଧାମରେ ପାଳନ କରିଥାନ୍ତି। ତେଣୁ ସେମାନଙ୍କ ପର୍ବକୁ ଆପଣାଇବା ସହ ସମସ୍ତେ ଏକାଠି ଦୀପାବଳିକୁ ପାଳନ କରିବାକୁ ଛୁଟି ଘୋଷଣା ପାଇଁ ସ୍ୱତନ୍ତ୍ର ବିଲ୍ ପାସ କରାଯାଇଛି ବୋଲି ସିନେଟର ସବଲ କହିଛନ୍ତି।

## ତଦନ୍ତ ନ ସାରି ଚାର୍ଜସିଟ୍ ଦାଖଲ ଅନୁଚିତ: ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ:** ସୁପ୍ରିମ୍‌କୋର୍ଟ ବୁଧବାର କହିଛନ୍ତି ଯେ, ତଦନ୍ତକାରୀ ସଂସ୍ଥାଗୁଡ଼ିକ କୌଣସି ଅଭିଯୁକ୍ତ ବିରୋଧରେ ସେପର୍ଯ୍ୟନ୍ତ ଚାର୍ଜସିଟ୍ ଦେବା ଅନୁଚିତ, ଯେପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ସ୍ୱତଃସିଦ୍ଧ (ଡିଫଲ୍ଟ) ଜାମିନ ପ୍ରଦାନରୁ ବଞ୍ଚିତ କରିବା ପାଇଁ ଆବଶ୍ୟକ ଅନୁସନ୍ଧାନ କାମ ସରିନାହିଁ। ସିଆର୍‌ପିସିର ଧାରା ୧୬୭ ଅନୁସାରେ, ରିମାଣ୍ଡ ତାରିଖରୁ ୬୦ ଦିନ ଭିତରେ ତଦନ୍ତକାରୀ ସଂସ୍ଥା ଯଦି କୋର୍ଟରେ ଚାର୍ଜସିଟ୍ ଦାଖଲ କରି ନ ପାରେ ତେବେ ଅଭିଯୁକ୍ତଙ୍କୁ ସ୍ୱତଃସିଦ୍ଧ ଜାମିନ ମିଳିପାରିବ। କେତେକ ନିର୍ଦ୍ଦିଷ୍ଟ ବର୍ଗର ଅପରାଧ ପାଇଁ ଏହି ସମୟସୀମା ୯୦ ଦିନକୁ ବୃଦ୍ଧି କରାଯାଇପାରେ। କିନ୍ତୁ ଯଦି ଉପଯୁକ୍ତ ତଦନ୍ତ ନ ସାରି ତଦନ୍ତକାରୀ ସଂସ୍ଥା ଚାର୍ଜସିଟ୍ ପ୍ରଦାନ କରେ ତେବେ ବି ସ୍ୱତଃସିଦ୍ଧ ଜାମିନ ଅଧିକାରରୁ ଅଭିଯୁକ୍ତଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ। ତେଣୁ ଅଭିଯୁକ୍ତ ଜାମିନ ନ ପାଇଲା ଭଳି ସର୍ବନିମ୍ନ ତଦନ୍ତ ଶେଷ ନ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିବା ଅନୁଚିତ ବୋଲି ଆଜି ଜଷ୍ଟିସ୍ କୃଷ୍ଣମୁରାରି ଓ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ଏକ ଆପରାଧିକ ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ଅବସରରେ କୋର୍ଟ ଏହା କହିଛନ୍ତି।

### ସାମ୍ପଲ ଟେଷ୍ଟରେ ୪୮ ମେଡିସିନ ଫେଲ୍

# ହୃଦରୋଗ ସାଙ୍ଗକୁ ରହିଛି ରକ୍ତଚାପ ମେଡିସିନ



**ନୂଆଦିଲ୍ଲୀ:** ସାମ୍ପଲ ଟେଷ୍ଟରେ ଝୁଣ୍ଟି ପଡ଼ିଲା ୪୮ ମେଡିସିନ। ପାସ୍ କରିବା ହେଲା କାଠିକର ପାଠ। ଏହା ମଧ୍ୟରେ ହୃଦରୋଗ ସମ୍ବନ୍ଧିତ ମେଡିସିନ ଥିବା ବେଳେ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରୁଥିବା ମେଡିସିନ ବି ରହିଛି। କେନ୍ଦ୍ରୀୟ ଡ୍ରଗ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ (ସିଡିଏସ୍ସିଓ)ର ଏକ ରିପୋର୍ଟରେ ଏହି ଚାଞ୍ଚଲ୍ୟକର ଖୁଲାସା ହୋଇଛି। ଗତ ମାସରେ ସମୁଦାୟ ୧୪୯୭ ମେଡିସିନର ସାମ୍ପଲ ଟେଷ୍ଟ ହୋଇଥିବା ବେଳେ ସେଥି ମଧ୍ୟରୁ ୪୮ ମେଡିସିନ ଏହି ଟେଷ୍ଟ ପାସ୍ କରି ପାରି ନ ଥିଲେ। କେନ୍ଦ୍ରୀୟ ଡ୍ରଗ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ ଯାଞ୍ଚ ଅନୁଯାୟୀ, ଏହି ୪୮ ମେଡିସିନ ମଧ୍ୟରୁ ଉତ୍ତରାଖଣ୍ଡରେ ପ୍ରସ୍ତୁତ ୧୪ ମେଡିସିନ, ହିମାଚଳ ପ୍ରଦେଶର ୧୩ ମେଡିସିନ, କର୍ଣ୍ଣାଟକର ୪ ମେଡିସିନି, ମହାରାଷ୍ଟ ଓ ଦିଲ୍ଲୀର ୨ଟି ଲେଖା ମେଡିସିନ, ଗୁଜରାଟ, ମଧ୍ୟପ୍ରଦେଶ, ସିକିମ, ଜମ୍ମୁ, କଶ୍ମୀର, ପୁଡୁଚେରୀର ଗୋଟିଏ ଲେଖା ମେଡିସିନ ନାଁ ସାମିଲ ଅଛି। ସିଡିଏସସିଓ ରିପୋର୍ଟ ଅନୁଯାୟୀ, ଏହି ମେଡିସିନଗୁଡ଼ିକ ମଧ୍ୟରେ ଲାଇକୋପିନ୍ ମିନେରାଲ୍ ସିରପ୍ ଭଳି ମେଡିସିନ ବି ସାମିଲ ଅଛି। ଯାହାକୁ ଲୋକମାନେ ଉଚ୍ଚ ରକ୍ତଚାପ, ହାଇ କୋଲେଷ୍ଟରଲ, କ୍ୟାନସର ପରି ମାରାତ୍ମକ ରୋଗରେ ଆକ୍ରାନ୍ତ ହେଲେ ସେବନ କରିଥାନ୍ତି। ଏହାବାଦ ଭିଟାମିନ୍ ସି ଇଞ୍ଜେକ୍ସନ୍, ଫୋଲିକ୍ ଏସିଡ୍ ଇଞ୍ଜେକ୍ସନ୍, ଆଲବେଣ୍ଡଜୋଲ୍ କୌଶିକ୍ ଡୋକ୍ -୫୦୦, ନିକୋଟିନାମାଇଡ୍ ଇଞ୍ଜେକ୍ସନ୍, ଅଲସିପ୍ଲୋକ୍ସ ଆଦି ମେଡିସିନ ବି ରହିଛି। ଶରୀରକୁ ଆବଶ୍ୟକ ମୁତାବକ ଭିଟାମିନ୍ ଯୋଗାଇବା ସହ, ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବା, ଆଜର୍ଲି, ଏସିଡ, ଫୋଙ୍ଗାଲ ଇଡ଼ଫେକ୍ସନକୁ ଦୂର କରିବାକୁ ଏହି ମେଡିସିନ ସେବନ କରାଯାଇଥାଏ। ମାତ୍ର ଏବେ ଏହା ସାମ୍ପଲ ଟେଷ୍ଟରେ ବିଫଳ ହୋଇଥିବାରୁ ଏହାକୁ ସେବନ କରୁଥିବା ଲୋକଙ୍କ ମଧ୍ୟରେ ଭାଳେଣି ପଡ଼ି ଗଲାଣି। ସାମ୍ପଲ ଟେଷ୍ଟରେ ବିଫଳ ହୋଇଥିବା ଫାର୍ମା କମ୍ପାନୀଙ୍କୁ ନୋଟିସ ଜାରି କରି ଏନେଇ ସ୍ପଷ୍ଟୀକରଣ ମଗାଯାଇଛି। ଟେଷ୍ଟରେ ବିଫଳ ହୋଇଥିବା ମେଡିସିନଗୁଡ଼ିକୁ ତୁରନ୍ତ ବଜାରରୁ ପ୍ରତ୍ୟାହାର କରି ନେବାକୁ ଆଦେଶ ଦିଆଯାଇଛି। ଏଥିସହ ଉକ୍ତ ଫାର୍ମା କମ୍ପାନୀଗୁଡିକର ଯାଞ୍ଚ ପାଇଁ ସମସ୍ତ ଡ୍ରଗ୍ ଇନ୍ସପେକ୍ଟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସିଡିଏସସିଓ ଦ୍ୱାରା କିଛି ମାସ ଅନ୍ତରରେ ବିଭିନ୍ନ ଫାର୍ମା କମ୍ପାନୀର ମେଡିସିନମାନଙ୍କର ସାମ୍ପଲ ଟେଷ୍ଟ କରାଯାଇଥାଏ। ଗତ ବର୍ଷ ନଭେମ୍ବରରେ ବି ସାମ୍ପଲ ଟେଷ୍ଟ ହୋଇଥିବା ବେଳେ ପ୍ରାୟ ୫୦ ପ୍ରକାର ମେଡିସିନ ବିଫଳ ହୋଇଥିଲେ। ସେଥିରେ ବହୁ ଆଣ୍ଟି ବାୟୋଟିକ ମେଡିସିନ ବି ସାମିଲ ଥିଲା।

### ମହାନଦୀ ଜଳବିବାଦ

## ମେ'ରେ ଓଡ଼ିଶାକୁ ୨ ପର୍ଯ୍ୟାୟରେ ଗସ୍ତକରିବେ ଟ୍ରିବ୍ୟୁନାଲ



**ନୂଆଦିଲ୍ଲୀ :** ଛତିଶଗଡ଼କୁ ଦୁଇ ପର୍ଯ୍ୟାୟ ଗସ୍ତ ପରେ ଓଡ଼ିଶାକୁ ମଧ୍ୟ ଦୁଇ ପର୍ଯ୍ୟାୟ ଗସ୍ତରେ ଆସିବେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ। ମେ ୧୦ରୁ ୧୪ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଓ ମେ ୧୮ରୁ ୨୨ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ ପାଇଁ ସ୍ଥିର ହୋଇଛି। ଓଡ଼ିଶାକୁ କ୍ଷେତ୍ର ପରିଦର୍ଶନ ପରେ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି। ପୂର୍ବ ଘୋଷିତ କାର୍ଯ୍ୟସୂଚୀ ଅନୁସାରେ ଟ୍ରିବ୍ୟୁନାଲ ଚଳିତ ମାସ ୨୯ରୁ ଛତିଶଗଡ଼କୁ ଦ୍ୱିତୀୟ ପର୍ଯ୍ୟାୟ ଗସ୍ତ ଆରମ୍ଭ କରିବେ। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ୍ ଏ.ଏମ୍ ଖାନଓ୍ୱିଲକର ଏହାର ନେତୃତ୍ୱ ନେବେ। ପ୍ରଥମ ପର୍ଯ୍ୟାୟରେ ଟ୍ରିବ୍ୟୁନାଲ ଛତିଶଗଡ଼ର ୧୦ଟି ସ୍ଥାନ ପରିଦର୍ଶନ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଆଉ ଦଶଟି ସ୍ଥାନର ସରଜମିନ୍ ସ୍ଥିତି ଅନୁଧ୍ୟାନ ହେବ। ଆସନ୍ତା ୩୦ରେ ଟ୍ରିବ୍ୟୁନାଲ ସଦସ୍ୟ ଜୋଙ୍କ ଓ ଉପର ମହାନଦୀ ମୁଖ୍ୟ ଉପଅବବାହିକା, ବଲ୍ଲାର ଜଳାଶୟ, କାଶଦଲ ଓ ଶିଓରିନାରାୟଣ ବ୍ୟାରେଜ, ମେ ୧ରେ ଅର୍ପା ଭଇଁଷାଝର, ହାସଦେଓ ବାଙ୍ଗୋ ଓ ଦାରୀ ବ୍ୟାରେଜ, ମେ ୨ରେ ହାସଦେଓ ଓ ଉପର ମହାନଦୀ ମୁଖ୍ୟ ଉପଅବବାହିକା, ବସନ୍ତପୁର ବ୍ୟାରେଜ, କଲମା ବ୍ୟାରେଜ ଓ ସୁରଜଗଡ଼ ସେତୁ ପରିଦର୍ଶନ କରିବେ। ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନର ଅନ୍ତିମ ଦିବସରେ ଟ୍ରିବ୍ୟୁନାଲ କେଲୋ ପ୍ରକଳ୍ପ ପରିଦର୍ଶନ କରିବେ। ଛତିଶଗଡ଼କୁ ଟ୍ରିବ୍ୟୁନାଲଙ୍କ ଦ୍ୱିତୀୟ ପର୍ଯ୍ୟାୟ ଗସ୍ତ ଅନେକ କାରଣରୁ ଗୁରୁତ୍ୱ ବହନ କରୁଛି। ଗସ୍ତ କାଳରେ ଛତିଶଗଡ଼ ଦ୍ୱାରା ମହାନଦୀର ଉପରମୁଣ୍ଡରେ ବ୍ୟାରେଜ ନିର୍ମାଣକୁ ବିରୋଧ କରି ଓଡ଼ିଶାର ଯେଉଁ ସବୁ ଅଭିଯୋଗ ରହିଛି ତାହା ଉପରେ ଟ୍ରିବ୍ୟୁନାଲଙ୍କ ଧ୍ୟାନ କେନ୍ଦ୍ରିତ ହେବ। ଏଭଳି ଅନୁମାନକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଏବେ ଉଭୟ ଓଡ଼ିଶା ଓ ଛତିଶଗଡ଼ ଏହି ମାମଲାରେ ସେମାନଙ୍କ ଦାବିକୁ ଯଥାସାଧ୍ୟ ଉପସ୍ଥାପନ ପାଇଁ ଉଦ୍ୟମ କରୁଛନ୍ତି। ଯୁକ୍ତିକୁ ଅକାଟ୍ୟ କରିବା ପାଇଁ ଓଡ଼ିଶା ପକ୍ଷକୁ ଅଧିକରୁ ଅଧିକ ସଦ୍ୟତମ ତଥ୍ୟ ସଂଗ୍ରହ ଚାଲିଛି।

## ମୌସୁମୀକୁ ପ୍ରଭାବିତ କରିବ ଏଲ୍ ନିନୋ

**ନୂଆଦିଲ୍ଲୀ :** ଚଳିତ ବର୍ଷ ଦେଶର ଅର୍ଥନୀତି ୬.୫ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ଆକଳନ କରାଯାଇଛି। ବିଶ୍ୱ ବ୍ୟାଙ୍କ, ଆଇଏମଏଫ ଏବଂ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ (ଏଡିବି) ସମେତ ଅନେକ ଏଜେନ୍ସି କହୁଛନ୍ତି ଯେ ଭାରତ ପୁଣି ଥରେ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହେବ। କିନ୍ତୁ ପାଣିପାଗର ଏକ ଅବସ୍ଥା ଭାରତର ସବୁ ଖୁସିକୁ ପାଣିଚିଆ କରିପାରେ। ତାହା ହେଉଛି ଏଲ୍ ନିନୋ। କେନ୍ଦ୍ରୀୟ ଓ ପୂର୍ବ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସମୁଦ୍ରପୃଷ୍ଠର ତାପମାତ୍ରା ବୃଦ୍ଧିକୁ ଏଲ ନିନୋ ବୋଲି କୁହାଯାଏ। ଏହା ଏକ ସ୍ପାନିସ୍ ଶବ୍ଦ ଓ ଏହାର ଅର୍ଥ ହେଉଛି ଛୋଟ ବାଳକ। ଏଣୁ ଛୋଟ ବାଳକ ଭାରତୀୟ ଅର୍ଥନୀତିକୁ ବଡ଼ ବିପଦରେ ପକାଇପାରେ ବୋଲି ଆଶଙ୍କା କରାଯାଉଛି। ଏଲ ନିନୋ କାରଣରୁ ସମୁଦ୍ର ପୃଷ୍ଠର ତାପମାତ୍ରା ସ୍ୱାଭାବିକଠାରୁ ୪-୫ ଡିଗ୍ରୀ ଅଧିକ ହୋଇଯାଏ। ଏହି ଗରମ ସମୁଦ୍ରରେ ପ୍ରବାହିତ ହେଉଥିବା ପବନର ପଥ ଓ ବେଗକୁ ବଦଳାଇ ଦେଇଥାଏ ଏବଂ ପାଣିପାଗ ଚକ୍ର ଗୁରୁତର ଭାବେ ପ୍ରଭାବିତ ହୋଇଥାଏ। ଦକ୍ଷିଣ-ପଶ୍ଚିମ ମୌସୁମୀ ଉପରେ ଏଲ୍ ନିନୋର ବଡ଼ ପ୍ରଭାବ ପଡ଼ିଛି। ଏହାର ପ୍ରଭାବରୁ କେତେକ ସ୍ଥାନରେ ପ୍ରବଳ ବର୍ଷା ହେଉଥିବାବେଳେ କିଛି ସ୍ଥାନରେ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥାଏ। ଅର୍ଥ ମନ୍ତ୍ରଣାଳୟ ଅନୁଯାୟୀ ଚଳିତ ବର୍ଷ ଏଲ୍ ନିନୋ ପ୍ରଭାବ ମୌସୁମୀକୁ ପ୍ରଭାବିତ କରିପାରେ। ପାଣିପାଗ ବିଭାଗ ସ୍ୱାଭାବିକ ମୌସୁମୀ ହେବ ବୋଲି ପୂର୍ବାନୁମାନ କରିଥିବା ବେଳେ ଘରୋଇ ପାଣିପାଗ ପୂର୍ବାନୁମାନ ସଂସ୍ଥା ସ୍କାଏମେଟ୍ ସ୍ୱାଭାବିକଠାରୁ କମ୍ ମୌସୁମୀ ହେବ ବୋଲି ପୂର୍ବାନୁମାନ କରିଛି। ମୌସୁମୀ ଦେଶର କୃଷି କ୍ଷେତ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶର ୬୦ ପ୍ରତିଶତ ଲୋକଙ୍କ ଜୀବିକା କୃଷି ଉପରେ ନିର୍ଭର କରେ ଏବଂ ଜିଡିପିରେ ଏହାର ଯୋଗଦାନ ୧୮ ପ୍ରତିଶତ।

# ଜାତୀୟ ଚିକିତ୍ସା ଉପକରଣ ନୀତିକୁ କ୍ୟାବିନେଟ୍ ମଞ୍ଜୁରି



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ ଜାତୀୟ ଚିକିତ୍ସା ଉପକରଣ ନୀତିକୁ ମଞ୍ଜୁରି ପ୍ରଦାନ କରାଯାଇଛି। ଏହି କ୍ଷେତ୍ରର ବିବିଧତା ଏବଂ ବହୁ-ବିଷୟକ ପ୍ରକୃତିକୁ ଦେଖି ଚିକିତ୍ସା ଉପକରଣ ଉଦ୍ୟୋଗରେ ନିୟାମକ ବ୍ୟବସ୍ଥା କରିବାକୁ ଯୋଜନା ହୋଇଛି। କୌଶଳ ବ୍ୟବସାୟକୁ ପ୍ରୋତ୍ସାହନ ଦେବା ଲାଗି କେନ୍ଦ୍ର ଓ ରାଜ୍ୟ ଉଭୟ ସ୍ତରରେ ସରକାରଙ୍କ ଅନେକ ବିଭାଗ ମଧ୍ୟରେ ସମନ୍ୱୟ ଆଣିବାର ଆବଶ୍ୟକତା ରହିଛି। ତେବେ ବିଭିନ୍ନ ପ୍ରକାରର କାର୍ଯ୍ୟକଳାପକୁ ଏକ ସୁସଙ୍ଗତ ଢଙ୍ଗରେ ଏକତ୍ରିତ କରିବାର ଆବଶ୍ୟକତା ରହିଛି ଯାହା ସମ୍ପୃକ୍ତ ଏଜେନ୍ସିମାନଙ୍କ ଦ୍ୱାରା ଏହି କ୍ଷେତ୍ର ପାଇଁ କେନ୍ଦ୍ରିତ ଓ କୁଶଳ ସମର୍ଥନ ସହିତ ସୁବିଧା ପ୍ରଦାନ କରିବ। ଜାତୀୟ ଚିକିତ୍ସା ଉପକରଣ ନୀତି ୨୦୨୩ ଆସିବା ଫଳରେ ପ୍ରସାର, ସାମର୍ଥ୍ୟ, ଗୁଣବତ୍ତା, ନବସୃଜନ ସହିତ ସାର୍ବଜନୀନ ସ୍ୱାସ୍ଥ୍ୟ ଲକ୍ଷ୍ୟକୁ ପୂରଣ କରିବା ସହଜ ହେବ। ଚିକିତ୍ସା ଉପକରଣ କ୍ଷେତ୍ରର ବ୍ୟବସ୍ଥିତ ବିକାଶ ଏଥିପାଇଁ ସୁବିଧା ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଏହି କ୍ଷେତ୍ର ନିଜର ସମ୍ପୂର୍ଣ୍ଣ ସମ୍ଭାବନା ଯଥା ନବସୃଜନ ଉପରେ ଧ୍ୟାନ ଦେବା ସହିତ ଉତ୍ପାଦନ ଲାଗି ଏକ ସକ୍ଷମ ଇକୋସିଷ୍ଟମର ନିର୍ମାଣ, ଏକ ମଜବୁତ ଓ ସୁବ୍ୟବସ୍ଥିତ ନିୟାମକ ଢାଞ୍ଚା ପ୍ରସ୍ତୁତ କରିବା, ଉଦ୍ୟୋଗ ଆବଶ୍ୟକତା ଅନୁରୂପ ପ୍ରତିଭା ଓ କୁଶଳୀ ସମ୍ବଳ, ପ୍ରଶିକ୍ଷଣ ଓ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିବା ଏବଂ ଉଚ୍ଚ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଭଳି ଲକ୍ଷ୍ୟକୁ ପୂରଣ କରିବ ବୋଲି ଆଶା କରାଯାଉଛି । ଘରୋଇ ନିବେଶ ଓ ଚିକିତ୍ସା ଉପକରଣର ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଲାଗି ଏହି ନୀତି ସରକାରଙ୍କ 'ଆତ୍ମନିର୍ଭର ଭାରତ' ଏବଂ 'ମେକ ଇନ ଇଣ୍ଡିଆ' କାର୍ଯ୍ୟକ୍ରମର ଅନୁରୂପ ଅଟେ। ଏହି ନୀତି ଚିକିତ୍ସା ଉପକରଣ ଉଦ୍ୟୋଗକୁ ଏକ ପ୍ରତିଦ୍ୱନ୍ଦ୍ୱୀ, ଆତ୍ମନିର୍ଭରଶୀଳ, ସହନଶୀଳ ଏବଂ ନବୋନ୍ମେଷ ଉଦ୍ୟୋଗରେ ପରିଣତ କରିବା ସହ ସୁଦୃଢ଼ କରିବା ଲାଗି ଆବଶ୍ୟକ ସହାୟତା ଓ ମାର୍ଗଦର୍ଶନ ଯୋଗାଇ ଦେବ ଯାହାକି କେବଳ ଭାରତର ନୁହେଁ ବରଂ ସାରା ବିଶ୍ୱର ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିପାରୁଥିବ । ରୋଗୀଙ୍କ ପରିବର୍ତ୍ତିତ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିବା ଲାଗି ଏକ ରୋଗୀ କୈନ୍ଦ୍ରିକ ଦୃଷ୍ଟିକୋଣ ସହିତ ଚିକିତ୍ସା ଉପକରଣ କ୍ଷେତ୍ରକୁ ଦ୍ରୁତ ପ୍ରଗତି ପଥରେ ଆଗେଇ ନେବା ପାଇଁ ଜାତୀୟ ଚିକିତ୍ସା ଉପକରଣ ନୀତି ୨୦୨୩ରେ ଲକ୍ଷ୍ୟ ରଖାଯାଇଛି।



**ରାଜ୍ୟ ସରକାର ଏବଂ ଟୋଫି ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର**

# ରାଜ୍ୟରେ ଜଙ୍ଗଲ ବାହାରେ ବୃକ୍ଷ କାର୍ଯ୍ୟକ୍ରମର ଆରମ୍ଭ

**ଭୁବନେଶ୍ୱର:** ଓଡ଼ିଶା ଜଙ୍ଗଲ ଓ ସବୁଜିମା ବୃଦ୍ଧିକୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି। ଜଙ୍ଗଲ ବାହାରେ ବୃକ୍ଷ କାର୍ଯ୍ୟକ୍ରମ (ଟୋଫି) ଦ୍ୱାରା ପ୍ରାକୃତିକ ପରିବେଶର ଯଥେଷ୍ଟ ଉନ୍ନତି ଆସିବ ଏବଂ କୃଷି ଅନୁକୂଳ ଜଳବାୟୁ ସୃଷ୍ଟି ହେବ। ଏହି ମାଧ୍ୟମରେ ଜଙ୍ଗଲ ବାହାରେ ୨୮ ଲକ୍ଷ ହେକ୍ଟର ନୂତନ ଜମିରେ ବୃକ୍ଷରୋପଣ ହେବ। ଯାହାଫଳରେ ୪.୨ କୋଟି ଟନ୍ ଅଙ୍ଗାରକାମ୍ଳ ସମକକ୍ଷ ସେକ୍ୱେଷ୍ଟ୍ରେସନ୍ ସୃଷ୍ଟି ହେବା ସହ ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନଜୀବିକାକୁ ପରିପୁଷ୍ଟ କରିବ। 'ଟୋଫି' କାର୍ଯ୍ୟକ୍ରମ ଓଡ଼ିଶାରେ ଆଶା ଠାରୁ ଅଧିକ ସଫଳତା ହାସଲ କରିବ। ଓଡ଼ିଶାରେ 'ଜଙ୍ଗଲ ବାହାରେ ବୃକ୍ଷ କାର୍ଯ୍ୟକ୍ରମ' (ଟୋଫି)ର ଶୁଭାରମ୍ଭ କରି ଏହା କହିଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ। ହୋଟେଲ୍ ଲେମନ୍ ଟ୍ରି ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଅମାତଙ୍କ ଉପସ୍ଥିତିରେ ୟୁଏସ୍ଏଡ୍, ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଟୋଫିର କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏଥିରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଯୋଗଦେଇ ଅଣଜଙ୍ଗଲ ଭୂମିରେ କୃଷିର ସ୍ୱାସ୍ଥ୍ୟ, ଉତ୍ପାଦନ ତଥା ସ୍ଥିରତା ବଜାୟ ରଖିବା ପାଇଁ ରାଜ୍ୟରେ ବୃହତ୍ ଏଗ୍ରିଫାର୍ମିଂର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ଏଗ୍ରିଫାର୍ମିଂକୁ ସୁଦୃଢ଼ କରିବା ପାଇଁ କୃଷକ ଅନୁକୂଳ ନୀତି ଓ ନିୟମାବଳୀ ପ୍ରସ୍ତୁତ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଥିଲେ। ଓଡ଼ିଶା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଜଙ୍ଗଲବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ଓଡ଼ିଶାର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ୫୩୭ ବର୍ଗକିଲୋମିଟର ବୃଦ୍ଧି ପାଇଛି ବୋଲି କହିବା ସହ ଭାରତର ବନ ସର୍ବେକ୍ଷଣ ରିପୋର୍ଟ-୨୦୨୧ ଅନୁଯାୟୀ ଓଡ଼ିଶାର ଜଙ୍ଗଲ ଆଚ୍ଛାଦନ ଜାତୀୟ ହାରଠାରୁ ଅଧିକ ରହିଛି। ତେବେ ଉନ୍ନତ ଜ୍ଞାନକୌଶଳ ଏବଂ ପାରଦର୍ଶିତା ପ୍ରଦାୟକ 'ଟୋଫି' କାର୍ଯ୍ୟକ୍ରମ ଓଡ଼ିଶାରେ ନିଶ୍ଚିତ ବଡ଼ ସଫଳତା ହାସଲ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର କନ୍ସଲ୍ ଜେନେରାଲ୍, ହାଇଦ୍ରାବାଦ୍ ଜେନିଫର ଲାର୍ସନ୍ ଏବଂ ୟୁଏସ୍ଏ/ଭାରତ ଟୋଫି ମିସନର ନିର୍ଦ୍ଦେଶିକା ବୀଣା ରେଡ୍ଡୀ ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱର ଏକ ପ୍ରମୁଖ ସମସ୍ୟା ଏବଂ ପର୍ଯ୍ୟାପ୍ତ ଜଙ୍ଗଲ ଓ ସବୁଜିମା ସୃଷ୍ଟି ଏହି ସମସ୍ୟାର ସମାଧାନ କରିପାରିବ। ଟୋଫିର ଲକ୍ଷ୍ୟ ପୂରଣ ପାଇଁ କୃଷକ, ବ୍ୟବସାୟିକ ସଂସ୍ଥା ଓ ଅନୁଷ୍ଠାନଗୁଡ଼ିକ ମିଳିତ ଭାବରେ କାର୍ଯ୍ୟକରିବା ଆବଶ୍ୟକ ବୋଲି କହିଥିଲେ। ଟୋଫି ଏବଂ ଭାରତ କ୍ଷେତ୍ରର ନିର୍ଦ୍ଦେଶକ ଚନ୍ଦ୍ରଶେଖର ଏମ୍ ବିରାଦର, 'କାମ୍ପା'ର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଦୀପ ରାଜ କରାଟ ଓଡ଼ିଶାରେ ଟୋଫିର କାର୍ଯ୍ୟକାରିତା ଓ ଲକ୍ଷ୍ୟସାଧନ ଉପରେ ଆଲୋକପାତ କରିଥିଲେ। ଟୋଫି କାର୍ଯ୍ୟକ୍ରମର ସଫଳତା ଓଡ଼ିଶାର କୃଷି ଉତ୍ପାଦନ ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ଆଣିବାର କ୍ଷମତା ରଖିଛି। ଜଙ୍ଗଲ ବାହାରେ ବୃକ୍ଷର କ୍ଷେତ୍ର ବୃଦ୍ଧି ପାଇବା ଦ୍ୱାରା ଅନ୍ତର୍ଭୁକ୍ତ ଅର୍ଥନୀତିରେ ଉନ୍ନତି ଆସିବ। ଯାହାଦ୍ୱାରା କାର୍ବନ ବିଚ୍ଛିନ୍ନତା ଓ ମୃତ୍ତିକା ସ୍ୱାସ୍ଥ୍ୟ ସହ ପରିସଂସ୍ଥାନୀୟ ସେବା ବୃଦ୍ଧି ପାଇବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଟୋଫି ସିଆଇଏଫ୍ଓଆର-ଆଇସିଆରଏଏଫ୍‌ର ଡେପୁଟି ଚିଫ୍ ମନୋଜ ଡବାସ ସ୍ୱାଗତ ଭାଷଣ ଦେଇଥିବାବେଳେ ୟୁଏସ୍ଏଡ୍/ଇଣ୍ଡିଆର ଉପ ନିର୍ଦ୍ଦେଶକ ଭର୍ଗିସ୍ ପଲ୍ ଧନ୍ୟବାଦ ଦେଇଥିଲେ। ଉଦ୍ୟାନକୃଷିର ନିର୍ଦ୍ଦେଶକ ରୋହିତ ଲେଙ୍କା, ମୃତ୍ତିକା ସଂରକ୍ଷଣର ନିର୍ଦ୍ଦେଶକ ହେମନ୍ତ ପଣ୍ଡା ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**ଦେଢବର୍ଷରେ କମିବ କୁକୁରଙ୍କ ଉତ୍ପାତ**

# ଏକାସହ ବନ୍ଧ୍ୟାକରଣ ହେବେ ୧୫୦



**ଭୁବନେଶ୍ୱର :** ଦିନକୁ ଦିନ ବଢିବାରେ ଲାଗିଛି ବୁଲା କୁକୁରଙ୍କ ଦୌରାତ୍ମ୍ୟ। ସଂଖ୍ୟା ବୃଦ୍ଧି ସାଙ୍ଗକୁ କୁକୁରଙ୍କ ଉତ୍ପାତରେ ଅତିଷ୍ଠ ଜନସାଧାରଣ। ଏଥିରେ ରୋକ ଲଗାଇବାକୁ ଯାଇ ବିଏମସି ନେବାକୁ ଯାଉଛି ବଡ ପଦକ୍ଷେପ। ଖୁବଶୀଘ୍ର ରାଜଧାନୀରେ ହେବ କୁକୁର ଗଣନା। କୁକୁର ଗଣନା କ୍ଷେତ୍ରରେ ରାଜ୍ୟରେ ଏହା ହେବ ପ୍ରଥମ। ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ୩ ହଜାର କୁକୁର ଥିବା ଆକଳନ କରାଯାଇଛି। ପୂର୍ବରୁ ଦକ୍ଷିଣ ଦିଲ୍ଲୀ ଓ ଅହମ୍ମଦାବାଦରେ କୁକୁରଙ୍କ ଗଣନା କରାଯାଇଛି। ଭୁବନେଶ୍ୱରରେ ଘରୋଇ ସଂସ୍ଥା ଜରିଆରେ ପ୍ରତି ୱାର୍ଡ ଓ ସାହିରେ କୁକୁରଙ୍କ ଗଣନା କରାଯିବାକୁ ଯୋଜନା କରିଛି ବିଏମ୍ସି। ଏହାସହ ତ୍ୱରାନ୍ୱିତ ହେବ ଆନିମଲ ବାର୍ଥ କଣ୍ଟ୍ରୋଲ ବା ଏବିସି କାର୍ଯ୍ୟକ୍ରମ। ମଞ୍ଚେଶ୍ୱରରେ ଖୋଲିବ ଅତ୍ୟାଧୁନିକ ତଥା ବୃହତ ଷ୍ଟେରିଲାଇଜ କେନ୍ଦ୍ର। ଯେଉଁଠି ଦୈନିକ ୧୫୦ କୁକୁରଙ୍କ ଏକା ସଙ୍ଗେ ହୋଇପାରିବ ବନ୍ଧ୍ୟାକରଣ। ଏହା ହେଲେ ଦେଢ ବର୍ଷ ମଧ୍ୟରେ କୁକୁରଙ୍କ ଜନ୍ମ ଉପରେ ନିୟନ୍ତ୍ରଣ ଲାଗିପାରିବ ବୋଲି ଲକ୍ଷ୍ୟ ରଖିଛି ବିଏମ୍ସି। ଉଭୟ କାର୍ଯ୍ୟ ପାଇଁ ଘରୋଇ ସଂସ୍ଥାକୁ ଦିଆଯିବ ଦାୟିତ୍ୱ। ମହାରାଷ୍ଟ୍ରର ଭାଟ୍ସ ଫର ଆନିମଲ ନାମକ ଏକ ଘରୋଇ ସଂସ୍ଥା ସହିତ ଚୁକ୍ତି ସ୍ୱାକ୍ଷର କରିଛି ବିଏମ୍ସି। ପ୍ରତି କୁକୁରଙ୍କୁ ଧରିବା, ବନ୍ଧ୍ୟାକରଣ କରିବା, ଟିକାକରଣ ଓ ଚିକିତ୍ସା ପାଇଁ ୧୬୫୦ଟଙ୍କା ଲେଖାଏଁ ଖର୍ଚ୍ଚ କରାଯିବ।

# ପିଲାଙ୍କୁ ମିଳିବ ପୋଷଣଯୁକ୍ତ ମଧ୍ୟାହ୍ନଭୋଜନ

**ଭୁବନେଶ୍ୱର :** ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କୁ ସ୍ୱାସ୍ଥ୍ୟକର ଓ ନିରାପଦ ମଧ୍ୟାହ୍ନଭୋଜନ ଯୋଗାଇଦେବା ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ମିଶନ୍ ଶକ୍ତି ଭବନ ପରିସରରେ ଶୁକ୍ରବାର ଏକ ଦୁଇଦିନିଆ କର୍ମଶାଳା ଉଦ୍ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ପିଏମ୍-ପୋଷଣ, ୟୁଏନ୍ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ୍ ଏବଂ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ଅନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ପୋଷଣଯୁକ୍ତ ମଧ୍ୟାହ୍ନ ଭୋଜନ ଯୋଗାଇବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି ଅବସରରେ ଯାଜପୁର, ବାଲେଶ୍ୱର ଏବଂ ଢେଙ୍କାନାଳ ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନର୍ମାନେ ଅଂଶଗ୍ରହଣ କରି ସୁରକ୍ଷିତ ଏବଂ ସ୍ୱାସ୍ଥ୍ୟକର ପରିବେଶରେ କିଭଳି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯିବ ସେନେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲ।

**କୋଣାର୍କ ମନ୍ଦିରରେ ୨୭୧ଜଣ ଫଟୋଗ୍ରାଫରଙ୍କ ଜୀବନ ଜୀବିକା ମାମଲା**

# କେନ୍ଦ୍ର ସରକାର, ଏଏସଆଇ, ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ନୋଟିସ୍

**କୋଣାର୍କ :** ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ମଧ୍ୟରେ ଫଟୋ ଉଠାଇ ପେଟ ପୋଷୁଥିବା ପ୍ରାୟ ୨୫୦ ଫଟୋଗ୍ରାଫରଙ୍କୁ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏ ଏସ ଆଇ) ନୂଆ ଗାଇଡଲାଇନ୍ ଅନୁଯାୟୀ ମନ୍ଦିର ପରିସର ମଧ୍ୟକୁ ବାରଣ କରିବାକୁ ନେଇ ଏକ ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି କେନ୍ଦ୍ର ସରକାର,ଏଏସଆଇ ଡିଜି,ଏଏସଆଇ ପୁରୀ ସର୍କଲର ଅଧିକ୍ଷକ, ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଜିଲ୍ଲାପାଳ ଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ମଇ ୧୭ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜବାବ୍ ଦାଖଲ କରିବାକୁ କୁହାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍ ମୂରଲୀଧର ଓ ବିଚାରପତି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଙ୍କୁ ନେଇ ଗଠିତ ଖଣ୍ଡପୀଠ ବୈଦ୍ୟନାଥ ଗୋଚ୍ଛାୟତ ଓ ଅନ୍ୟମାନଙ୍କ ପକ୍ଷରୁ ଆଗତ ହୋଇଥିବା ରିଟ ପିଟିସନ ର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ଫନି ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସର୍ବେକ୍ଷଣ କରାଯାଇ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ପ୍ରାୟ ୨୭୧ ଜଣ ଫଟୋଗ୍ରାଫରଙ୍କୁ ଚିହ୍ନଟ କରାଯାଇ ସମସ୍ତଙ୍କୁ ୧୦୦୦୦/- ଲେଖାଏଁ ବାତ୍ୟା ସହାୟତା ପ୍ରଦାନ କରାଯାଇଥିଲା।୨୦୧୭ ମସିହାରେ ଏ ଏସ ଆଇ ପକ୍ଷରୁ ନୂଆ ଗାଇଡଲାଇନ ଆସିଥିଲା। ଏଥିରେ ମନ୍ଦିର ଭିତରେ ଫୋଟୋଗ୍ରାଫି ପାଇଁ ସର୍ବନିମ୍ନ ମାଟ୍ରିକ ଶିକ୍ଷାଗତ ଯୋଗ୍ୟତା ବାଧ୍ୟତାମୂଳକ ହୋଇଥିବା ବେଳେ ସର୍ବାଧିକ ୬୮ ଜଣ ଫୋଟୋଗ୍ରାଫର ମନ୍ଦିର ଭିତରକୁ ଯାଇପାରିବେ ବୋଲି କୁହାଯାଇଥିଲା। ସେହିପରି



ପର୍ଯ୍ୟଟନ ବିଭାଗ ପରିଚୟ ପତ୍ର ଦେଖାଇ କିଛି ଫୋଟୋଗ୍ରାଫର ମନ୍ଦିର ଭିତରକୁ ଯାଉଥିବାବେଳେ। ହେଲେ ପରବର୍ତ୍ତୀ ସମୟରେ ଏହି ପରିଚୟପତ୍ର କୁ ପର୍ଯ୍ୟଟନ ବିଭାଗ ଅସ୍ୱୀକାର କରିଥିଲେ ଏବଂ ଏହା ତତ୍କାଳୀନ ପର୍ଯ୍ୟଟନ ଅଧିକାରୀଙ୍କ ଦ୍ୱାରା ବ୍ୟକ୍ତିଗତ ଭାବେ ଦିଆଯାଇଥିବା ସ୍ପଷ୍ଟ ହୋଇଥିଲା।ଏହି ତଥ୍ୟ ଜଣାପଡିବା ପରେ ଫୋଟୋଗ୍ରାଫରମାନଙ୍କୁ ଏଏସଆଇ ପକ୍ଷରୁ ଭିତରକୁ ଯିବାକୁ ବାରଣ କରାଯାଇଥିବାରୁ ସେମାନଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ତାଲିକା ଅନୁଯାୟୀ ଅନୁମତି ଦେବାପାଇଁ ଏହି ମାମଲା ରୁଜ୍ଜୁ ହୋଇଛି। ଅଧିକନ୍ତୁ ମାଟ୍ରିକ ଶିକ୍ଷାଗତ ଯୋଗ୍ୟତା ଓ ସର୍ବାଧିକ ୬୮ ସଂଖ୍ୟା କିପରି ଓ କେଉଁ ଭିତ୍ତିରେ ସ୍ଥିରୀକୃତ ହେଲା, ତାହା ମଧ୍ୟ ଆବେଦନକାରୀଙ୍କ ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ଆବେଦନକାରୀଙ୍କ ପକ୍ଷରୁ କୋଣାର୍କ ବାର୍ ଆସୋସିଏସନ୍ ସଭାପତି ଆଇନଜୀବୀ ଶ୍ରୀଜୟ କୁମାର ବରାଳ ଓ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ମେ' ୮ରୁ ଓଜେଇଇ

**ଭୁବନେଶ୍ୱର :** ମେ' ୮ରୁ ଓଡ଼ିଶା ଯୁଗ୍ମ ପ୍ରବେଶିକା (ଓଜେଇଇ) ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ଓଜେଇ ପକ୍ଷରୁ ୱେବସାଇଟରେ ଆଡ୍‌ମିଟ୍ କାର୍ଡ ଅପଲୋଡ୍ କରାଯାଇଛି। ପରୀକ୍ଷାର୍ଥୀ ସେମାନଙ୍କର ପଞ୍ଜୀକରଣ ନମ୍ବର ଓ ଜନ୍ମ ତାରିଖ ମାଧ୍ୟମରେ ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରି ପାରିବେ। ପ୍ରଥମ ଦିନରେ ଲାଟେରାଲ୍ ଡିପ୍ଲୋମା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ପର୍ଯ୍ୟାୟ କ୍ରମେ ଏମସିଏ, ଏମବିଏ ଓ ଅନ୍ୟାନ୍ୟ ବର୍ଗରେ ନାମଲେଖା ପାଇଁ ପ୍ରବେଶିକା ଅନୁଷ୍ଠିତ ହେବ। ସିବିଟି ମାଧ୍ୟମରେ ପରୀକ୍ଷା ହେବ। ପରୀକ୍ଷା ଅବଧି ଦୁଇଘଣ୍ଟାର ରହିବ। ଦୈନିକ ତିନୋଟି ସିଫ୍ଟରେ ପରୀକ୍ଷା ହେବ ୧୫ ତାରିଖରେ ଶେଷ ହେବ।

# ଜୁନ୍ ୩ରୁ ଭୁବନେଶ୍ୱରରୁ ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ବିମାନ

**ଭୁବନେଶ୍ୱର :** ଜୁନ୍ ୩ରୁ ଭୁବନେଶ୍ୱରରୁ ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ବିମାନ ଉଡ଼ାଣ ଆରମ୍ଭ କରିବ। ଇଣ୍ଡିଗୋ ଏୟାରଲାଇନ୍ସ ମେ ୧୫ରେ ଭୁବନେଶ୍ୱରରୁ ଦୁବାଇକୁ ବିମାନ ଉଡ଼ାଣ କରିବା ନେଇ ଟିକେଟ୍ ବୁକିଂ ଆରମ୍ଭ କରିଥିବାବେଳେ ଖୁବ୍ ଶୀଘ୍ର ସିଙ୍ଗାପୁର ଓ ବ୍ୟାଙ୍କକ୍ ନେଇ ବୁକିଂ ଆରମ୍ଭ କରିବ ବୋଲି ଜଣାପଡ଼ିଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଇଣ୍ଡିଗୋ ବିମାନ ଜୁନ୍ ୩ରୁ ସପ୍ତାହକୁ ଦୁଇଦିନ ଲେଖାଏ ଭୁବନେଶ୍ୱରରୁ ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ଉଡ଼ାଣ ଆରମ୍ଭ କରିବ। ବିମାନଟି ମଙ୍ଗଳବାର ଓ ଶନିବାର ଅପରାହ୍ନ ୩ଟା ୩୦ରେ ସିଙ୍ଗାପୁରରୁ ଆସି ଭୁବନେଶ୍ୱରରେ ପହଞ୍ଚିବାକୁ ଥିବାବେଳେ ଏଠାରୁ ସଂଧ୍ୟା ୬ଟା ୨୫ରେ ସିଙ୍ଗାପୁର ଅଭିମୁଖେ ଉଡ଼ାଣ କରିବ। ସେହିପରି ମଙ୍ଗଳବାର ଓ ଶନିବାର ଅପରାହ୍ନ ୪ଟା ୫୦ରେ ଭୁବନେଶ୍ୱରୁ ବ୍ୟାଙ୍କକ୍ ଅଭିମୁଖେ ଉଡ଼ାଣ କରିବାକୁ ଥିବାବେଳେ ବ୍ୟାଙ୍କକ୍ରୁ ବୁଧବାର ଓ ରବିବାର ଭୁବନେଶ୍ୱର ଆସିବ। ଏଠାରେ ସଂଧ୍ୟା ୬ଟା ୫୫ରେ ଅବତରଣ କରିବ। ଏବେ ଟି-୨ ଟର୍ମିନାଲ ପୁନରୁଦ୍ଧାର କାମ ଚାଲିଥିଲେ ବି ଖୁବ୍ ଶୀଘ୍ର ଏହା ଶେଷ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଇଲେକ୍ଟ୍ରି ଗାଡ଼ି କିଣାରେ ରିହାତି ପରିମାଣ ବୃଦ୍ଧି



**ଭୁବନେଶ୍ୱର :** ରାଜ୍ୟ କ୍ୟାବିନେଟ୍ ସୋମବାର ଓଡ଼ିଶା ବିଦ୍ୟୁତ ଯାନ ନୀତି-୨୦୨୧ରେ ସଂଶୋଧନ କରିବା ପରେ ରାଜ୍ୟ ସରକାର ଇଲେକ୍ଟ୍ରି ଗାଡ଼ି କିଣାରେ ରିହାତି ପରିମାଣକୁ ବୃଦ୍ଧି କରିଛନ୍ତି। ସଂଶୋଧିତ ନୀତି ଅନୁସାରେ ଏଣିକି ଦୁଇଚକିଆ ଇଲେକ୍ଟ୍ରି ଗାଡ଼ି କିଣିଲେ ସର୍ବାଧିକ ୨୦ହଜାର ଟଙ୍କା, ତିନିଚକିଆ ଯାନରେ ୩୦ହଜାର ଟଙ୍କା ଓ ଚାରିଚକିଆ ଯାନରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ସରକାର ଦେବେ। ଇଲେକ୍ଟ୍ରି ଯାନ କିଣାକୁ ପ୍ରୋତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସୂଚନା ଅନୁସାରେ, ରାଜ୍ୟ ସରକାର ୨୦୨୫ ମସିହା ସୁଦ୍ଧା ରାଜ୍ୟରେ ୨୦% ବିଦ୍ୟୁତଚାଳିତ ଯାନ ଚଳାଚଳ ଲକ୍ଷ୍ୟ ହାସଲ ପାଇଁ ଗତ ସୋମବାର ଓଡ଼ିଶା ବିଦ୍ୟୁତଚାଳିତ ଯାନ ନୀତି-୨୦୨୧ରେ ସଂଶୋଧନ କରିଛନ୍ତି। ୨୦୨୨ ମସିହା ଶେଷସୁଦ୍ଧା ରାଜ୍ୟରେ ମାତ୍ର ୪.୪୮% ବିଦ୍ୟୁତ ଚାଳିତ ଯାନ ପଞ୍ଜିକରଣ ହୋଇଥିବାରୁ ରାଜ୍ୟ ସରକାର ବିଦ୍ୟୁତଚାଳିତ ଗାଡ଼ି କ୍ରୟ ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ ରିହାତି ପରିମାଣକୁ ବୃଦ୍ଧି କରିଛନ୍ତି। ଦୁଇଚକିଆ ଯାନ ଉପରେ ରିହାତି କିଲୋୱାଟ ପିଛା ୫ହଜାର ଟଙ୍କା ଓ ସର୍ବାଧିକ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ। ସେହିପରି ତିନିଚକିଆ ଗାଡ଼ିରେ ୩୦ହଜାର ଟଙ୍କା(ଗାଡ଼ି ପିଛା) ରିହାତି ମିଳିବ ଏବଂ ଚାରିଚକିଆ ବିଦ୍ୟୁତଚାଳିତ ଯାନରେ କିଲୋୱାଟ ପିଛା ୧୦ହଜାର ଟଙ୍କା ହିସାବରେ ସର୍ବାଧିକ ଦେଢ଼ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ। ପୂର୍ବରୁ ରାଜ୍ୟ ସରକାର ଏହି ବିଦ୍ୟୁତାଚଳିତ ଯାନ ଉପରେ ସବସିଡି ପରିମାଣର ସର୍ବାଧିକ ୧୫% ଧାର୍ଯ୍ୟ କରିବା ସହ ଦୁଇଚକିଆ ଯାନ ଉପରେ ସର୍ବାଧିକ ୫ହଜାର ଟଙ୍କା, ୩ଚକିଆ ଯାନରେ ୧୦ହଜାର ଟଙ୍କା ଓ ଚାରିଚକିଆ ଯାନରେ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ଘୋଷଣା କରିଥଲେ। ନୀତି ଆୟୋଗଙ୍କ ପରାମର୍ଶରେ ରାଜ୍ୟ ସରକାର ଓଡ଼ିଶା ବିଦ୍ୟୁତଯାନ ନୀତି-୨୦୨୧ କାର୍ଯ୍ୟକାରୀ କରିଥିଲେ। ଏହି ରିହାତି ସୁବିଧା ୨୦୨୧ ସେପ୍ଟେମ୍ବର ୧ରୁ ମିଳୁଥିଲା। କିନ୍ତୁ ଏହି ରିହାତି ପରିମାଣକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିନି। ଯେଉଁଥିପାଇଁ ୨୦୨୨ ଶେଷ ସୁଦ୍ଧା ରାଜ୍ୟରେ ମାତ୍ର ୪.୪୮% ବିଦ୍ୟୁତଚାଳିତ ଯାନ ପଞ୍ଜିକୃତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ରିହାତି (ସବସିଡି) ପରିମାଣକୁ ପୁଣିଥରେ ବୃଦ୍ଧି କରିଛନ୍ତି। ସୂଚନାଯୋଗ୍ୟ, ପ୍ରଚଳିତ ନୀତିରେ ରାଜ୍ୟ ସରକାର ୨୦୨୫ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ବିଦ୍ୟୁତଚାଳିତ ଯାନ ଉପରେ ୧୦୦ ପ୍ରତିଶତ ମୋଟରଯାନ ଟିକସ ଓ ରେଜିଷ୍ଟ୍ରେସନ ଫି' ଛାଡ଼ କରିଛନ୍ତି।

# ଲଣ୍ଡନରେ ନିର୍ମାଣ ହେବ ଶ୍ରୀଜଗନ୍ନାଥ ମନ୍ଦିର

## ୨୫୦ କୋଟି ଦାନକଲେ ଓଡ଼ିଆ ଉଦ୍ୟୋଗୀ



**ଭୁବନେଶ୍ୱର :** ଲଣ୍ଡନ୍‌ରେ ଖୁବ ଶୀଘ୍ର ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ ହେବାକୁ ଯାଉଛି। ଗଜପତି ଦିବ୍ୟସିଂହ ଦେବଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଛି। ଏହି ମନ୍ଦିର ନିର୍ମାଣ ପାଇଁ ଜଣେ ଓଡ଼ିଆ ବ୍ୟବସାୟୀ ୨୫୦ କୋଟି ଟଙ୍କା ଦାନ କରିଛନ୍ତି। ଫିନେଷ୍ଟ ଗ୍ରୁପ ଅଫ୍ କମ୍ପାନୀର ଅଧ୍ୟକ୍ଷ ବିଶ୍ୱନାଥ ପଟ୍ଟନାୟକ ଏହି ଅର୍ଥ ଦାନ ଦେଇଛନ୍ତି। ପେସାରେ ଜଣେ ବ୍ୟାଙ୍କର ଭାବରେ ନିଜର କ୍ୟାରିଅର ଆରମ୍ଭ କରିଥିବା ଶ୍ରୀ ପଟ୍ଟନାୟକ ଅନେକ ଆର୍ଥିକ ପ୍ରତିଷ୍ଠାନରେ କାର୍ଯ୍ୟ କରିଛନ୍ତି। ପରେ ଚାକିରି ଛାଡି ସେ ଉଦ୍ୟୋଗୀ ହେବାକୁ ମନସ୍ଥ କରିଥିଲେ। ଶ୍ରୀ ପଟ୍ଟନାୟକ ସ୍ୱାସ୍ଥ୍ୟ ସେବା, ଫିନଟେକ୍, ରିଟେଲ, ଗ୍ରୀନ୍ ସୋଲାର ଏନର୍ଜି, ରିଫାଇନେରୀ ଆଦି ଅନେକ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିଛନ୍ତି।ଚଳିତମାସ ଏପ୍ରିଲ ୨୩ରେ ଏସଟ୍ଟେଏସ୍ୟୁକେର ୟୁକେ ନଭନାଟ ସେଣ୍ଟର ଲଣ୍ଡନଠାରେ ଅନୁଷ୍ଠିତ ପ୍ରଥମ ଶ୍ରୀଜଗନ୍ନାଥ ସମ୍ମିଳନୀରେ ପୁରୀ ଗଜପତି ମହାରାଜ ଦିବ୍ୟ ସିଂହଦେବ, ମହାରାଣୀ ଲୀଳାବତୀ ପଦ୍ମାବତୀଙ୍କ ଉପସ୍ଥିତିରେ ୟୁକେ ଶ୍ରୀଜଗନ୍ନାଥ ସୋସାଇଟିର ମୁଖ୍ୟ ଡ. ଶେଷଦେବ ସ୍ୱାଇଁ ଓ ଫିନେଷ୍ଟ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଅରୁଣ କର ଏହା ଘୋଷଣା କରିଥିଲେ। ଏହି ଅବସରରେ ଶ୍ରୀ କର କହିଥିଲେ ଯେ, ମନ୍ଦିର ନିର୍ମାଣ କରିବାକୁ ଫିନେଷ୍ଟ ଗ୍ରୁପ ୧୫ ଏକର ଜମି କ୍ରୟ କରିବା ପାଇଁ ୭୦ କୋଟି ଟଙ୍କା ଦେବାକୁ ପ୍ରତିଶ୍ରୁତିବଦ୍ଧ। ମନ୍ଦିର ପାଇଁ ଜମି ଚିହ୍ନଟ ହୋଇଥିବାବେଳେ କ୍ରୟ କରିବା ପାଇଁ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୦୨୪ ମସିହା ସୁଦ୍ଧା ମନ୍ଦିରର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ଶେଷ ହେବ। ଆଜକୁ ୩ବର୍ଷ ପୂର୍ବେ ବ୍ରିଟେନରେ ରହୁଥିବା ଶ୍ରୀଜଗନ୍ନାଥପ୍ରେମୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ସୋସାଇଟି ଗଠନ କରାଯାଇଥିଲା।

# ଓଡ଼ିଶାରେ ୭ ନର୍ସିଂ କଲେଜ ଖୋଲିବ

**ଭୁବନେଶ୍ୱର :** ଦେଶରେ ୨୦୧୪ ପରେ ଯେଉଁ ସବୁ ମେଡିକାଲ୍ କଲେଜ ସ୍ଥାପନ କରାଯାଇଛି ସେଠାରେ ନର୍ସିଂ କଲେଜ ଖୋଲିବ। ସାରା ଦେଶରେ ୧୫୭ଟି ନର୍ସିଂ କଲେଜ ସ୍ଥାପନ କରିବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ର ମଞ୍ଜୁରି ମିଳିଛି। ଏଥିପାଇଁ ୧୫୭୦ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରତି ନର୍ସିଂ କଲେଜରେ ୧୦୦ ବିଏସ୍‌ସି (ନର୍ସିଂ) ସିଟ୍ ରହିବ। ଖୋଲାଯିବାକୁ ନୂଆ ନର୍ସିଂ କଲେଜ ମଧ୍ୟରୁ ଓଡ଼ିଶାରେ ସାତଟି ଖୋଲିବ। ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ଯେ ଏହି କଲେଜଗୁଡ଼ିକ ଖୋଲିବା ପରେ ପ୍ରତିବର୍ଷ ପ୍ରାୟ ୧୫,୭୦୦ ନୂଆ ନର୍ସିଂ ସ୍ନାତକ ସୃଷ୍ଟି ହେବେ। ଏହି ପଦକ୍ଷେପ ଜରିଆରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନର୍ସମାନଙ୍କୁ ନେଇ ରହିଥିବା ଅନ୍ତର ଦୂର କରିବାକୁ ସରକାର ପ୍ରୟାସ କରିଛନ୍ତି। ଦେଶରେ ଖୋଲାଯିବାକୁ ଥିବା ନର୍ସିଂ କଲେଜଗୁଡ଼ିକ ମଧ୍ୟରୁ ଉତ୍ତରପ୍ରଦେଶରେ ସର୍ବାଧିକ ୨୭, ରାଜସ୍ଥାନରେ ୨୩ ଓ ମଧ୍ୟପ୍ରଦେଶରେ ୧୪ ଓ ତାମିଲନାଡୁରେ ୧୧ଟି ନର୍ସିଂ କଲେଜ ଖୋଲିବ। ନୂଆ ନର୍ସିଂ କଲେଜଗୁଡ଼ିକର ନିର୍ମାଣ କାର୍ଯ୍ୟ ଦୁଇ ବର୍ଷରେ ଶେଷ କରାଯିବ ବୋଲି ଶ୍ରୀ ମାଣ୍ଡଭୀୟ କହିଛନ୍ତି। ସେ କହିଛନ୍ତି ଯେ ଭାରତର ୨୬,୦୦୦ ନର୍ସ ବ୍ରିଟେନ୍, ୧୬,୦୦୦ ଆମେରିକା, ୧୨,୦୦୦ ଅଷ୍ଟ୍ରେଲିଆ ଓ ୨୦ ହଜାର ନର୍ସ ମଧ୍ୟ ପ୍ରାଚ୍ୟ ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି।

# ରାଜ୍ୟରେ ନିର୍ମାଣ ହେବ ଆଉ ୮୬୬ଟି ନୂଆ ବିଜୁ ସେତୁ

**ଅତିରିକ୍ତ ୩୫୯୭.୨୨ କୋଟି ଖର୍ଚ୍ଚ କରିବେ ସରକାର**



**ଭୁବନେଶ୍ୱର :** ଦେଶ ତଥା ରାଜ୍ୟର ଅର୍ଥନୀତିରେ ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବା ବେଳେ ଏହା ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ବିଶେଷକରି ଗ୍ରାମାଞ୍ଚଳକୁ ସବୁଦିନିଆ ଉନ୍ନତ ସଂଯୋଗ ବ୍ୟବସ୍ଥା ସହ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଗ୍ରାମ ଏବଂ ପଞ୍ଚାୟତ ସଡ଼କ ଉପରେ ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାର ବିଜୁ ସେତୁ ଯୋଜନାର କାର୍ଯ୍ୟାନ୍ୱୟନ କରୁଛନ୍ତି। ୨୦୨୩-୨୪ ବର୍ଷରେ ୫୨୬ଟି ନୂତନ ବିଜୁ ସେତୁ ନିର୍ମାଣ କରାଯିବାକୁ ୧୯ଶହ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ରାଜ୍ୟ କ୍ୟାବିନେଟ ବିଜୁ ସେତୁ ଯୋଜନାରେ ଆଉ ୮୬୬ଟି ସେତୁ ନିର୍ମାଣ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛନ୍ତି। ରାଜ୍ୟରେ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଗମନାଗମନ ଏବଂ ଯୋଗାଯୋଗରେ ନଦୀ, ନାଳଗୁଡ଼ିକ ସମସ୍ୟା ସୃଷ୍ଟି କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୧ ମସିହା ଅକ୍ଟୋବର ୯ ତାରିଖରେ ବିଜୁ ସେତୁ ଯୋଜନାର ଶୁଭାରମ୍ଭ କରିଥିଲେ। ୨୦୧୧-୧୨ ମସିହାରେ ଯୋଜନା ଆରମ୍ଭର ବର୍ଷରେ ମାତ୍ର ୭ଟି ସେତୁ ନିର୍ମାଣ ସମ୍ଭବପର ହୋଇପାରିଥିଲା। ତେବେ ଏହାପରଠାରୁ ଏହି ଯୋଜନା ଉପରେ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଫୋକସ୍ କରିଛନ୍ତି। ଗତ ୧୧ ବର୍ଷରେ ୨୦୨୨-୨୩ରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୧୨୫୪ଟି ବିଜୁ ସେତୁ ନିର୍ମାଣ ସରିଛି । ୨୦୨୩-୨୪ ବର୍ଷରେ ୫୨୬ଟି ନୂତନ ବିଜୁ ସେତୁ ନିର୍ମାଣ କରାଯିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୯ଶହ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ତେବେ ଆଜି ରାଜ୍ୟ କ୍ୟାବିନେଟ ବୈଠକରେ ଆଉ ୮୬୬ଟି ବିଜୁ ସେତୁ ନିର୍ମାଣ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି ମିଳିବା ସହ ଏଥି ପାଇଁ ଅତିରିକ୍ତ ୩୫୯୭.୨୨ କୋଟି ଟଙ୍କା ସରକାର ଖର୍ଚ୍ଚ କରିବେ। ସେହିପରି ବିଜୁ ସେତୁ ଯୋଜନା ୨୦୨୫-୨୬ ବର୍ଷ ଯାଏ ପରିବର୍ଦ୍ଧିତ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ମଞ୍ଜୁରି ମିଳିଛି। ଯୋଗାଯୋଗ ଦୃଷ୍ଟିରୁ ବିଜୁ ସେତୁ ବର୍ତ୍ତମାନ ରାଜ୍ୟର ବହୁ ଦୁର୍ଗମ ଅଞ୍ଚଳ ପାଇଁ ବରଦାନ ସାବ୍ୟସ୍ତ ହୋଇଥିବା ବେଳେ ଏପରି ଯୋଜନା ଦେଶବ୍ୟାପୀ ଉଚ୍ଚ ପ୍ରଶଂସିତ ହୋଇଛି। ଚଳିତ ବଜେଟରେ ମଧ୍ୟ ବିଜୁ ସେତୁ ଯୋଜନାକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇଛନ୍ତି। ବିଜୁ ସେତୁ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରୁଥିବା କାରଣରୁ ପରିବହନ କ୍ଷେତ୍ରରେ ଏହା ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବା ସହ ଗମନାଗମନ ତଥା ଯୋଗାଯୋଗ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନର ଦୂରତା କମିବା ସହ ଲୋକେ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା ପାଉଛନ୍ତି। ଏତଦ୍‌ବ୍ୟତୀତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ ଶକ୍ତି, କୃଷି ଉତ୍ପାଦନ, ବାଣିଜ୍ୟ ଓ ଜୀବିକାନିର୍ବାହ ଆଦି ମୌଳିକ ସୁବିଧା ଲୋକମାନେ ପାଇବା ସହିତ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜୀବନଜୀବିକା କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



# ଚର୍ଚ୍ଚାରେ ଦୁଇଟି ଭବନ

ସମ୍ପାଦକୀୟ

ତାରକ ମହାନ୍ତି



ଓଡ଼ିଶାରେ ଶଙ୍ଖ ଭବନ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବାସ ଭବନକୁ ନେଇ ଏବେ ଗଣମାଧ୍ୟମରେ ରୋଚକ ଚର୍ଚ୍ଚା ହେଉଛି। ବିଜୁ ଜନତା ଦଳର ନୂତନ ଭବ୍ୟ କାର୍ଯ୍ୟାଳୟ ଉଦ୍ଘାଟନ ପରେ ଓଡ଼ିଶାରେ ଏକ ଆଞ୍ଚଳିକ ପାର୍ଟି କିଭଳି ଏକ ସ୍ଥାୟୀ ଶାସନର ସ୍ୱପ୍ନ ଦେଖୁଚି ତାହା ହିଁ ଚର୍ଚ୍ଚାର ଆଧାର ହୋଇଥିଲାବେଳେ ଦିଲ୍ଲୀରେ ଆନ୍ନା ହଜାରେଙ୍କ ଆନ୍ଦୋଳନରୁ ଆରମ୍ଭ ହୋଇଥିବା କେଜରିୱାଲଙ୍କ ରାଜନୀତି କ୍ୟାରିଅରକୁ ନେଇ ମଧ୍ୟ ଚର୍ଚ୍ଚା ବଢୁଛି। ଶଙ୍ଖ ଭବନ ଅପେକ୍ଷା ଜାତୀୟ ଗଣମାଧ୍ୟମରେ କେଜରିୱାଲଙ୍କ ସରକାରୀ ବଙ୍ଗଳାର ମରାମତି, ନବୀକରଣ, ଖର୍ଚ୍ଚ ଓ ଚାକଚକ୍ୟକୁ ନେଇ ଆଲୋଚନା ହେଉଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାଦାସିଧା ଜୀବନ ଭଳି କେଜରିୱାଲ ମଧ୍ୟ ଅତ୍ୟନ୍ତ ସାଦାସିଧା ଜୀବନ ଯାପନ କରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହୋଇଥାଏ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ଓଡ଼ିଶାରେ ଜନତା ଦଳ ବଦଳରେ ବିଜୁ ଜନତା ଦଳ ଗଠନ ହୋଇ ଦୀର୍ଘ ୨୫ବର୍ଷ ଧରି ରାଜ୍ୟ ଶାସନ କ୍ଷମତା ଉପଭୋଗ କରୁଛନ୍ତି। ସେହିଭଳି ଦିଲ୍ଲୀରେ ସାଧାରଣ ଲୋକ ବା ଆମ ଆଦମୀ ପାର୍ଟି ଭାବେ ଏକ ଆଞ୍ଚଳିକ ଦଳ ଆଜି ଜାତୀୟ ଦଳର ମାନ୍ୟତା ହାସଲ କରିଛି। ଯଦିଓ ବିଜେଡି ବା ବିଜୁ ଜନତା ଦଳ ଦୀର୍ଘବର୍ଷ କ୍ଷମତାରେ ଥିଲେ ସୁଦ୍ଧା ସେହି ଆଞ୍ଚଳିକ ଦଳ ଭାବେ ଅଧିକ ସଶକ୍ତ ହୋଇଚାଲିଛି। ବେଶ ପୋଷାକରେ ନବୀନ ବାବୁ ଯେତେ ସରଳ ଦିଶନ୍ତି କେଜରିୱାଲ ମଧ୍ୟ ସେଭଳି ସରଳ ଓ ସାଦା ମଣିଷ ଲାଗନ୍ତି। ହେଲେ ନବୀନ ବାବୁ ସଂକ୍ଷେପରେ ସମ୍ବୋଧିତ କରୁଥିଲାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜରିୱାଲ ଖୁବ ଶାଣିତ ଭାବେ ସମ୍ବୋଧିତ କରିବା ସହ ବିଜେପିକୁ ଦୃଢ଼ ସମାଲୋଚନା କରନ୍ତି। ହେଲେ ଦିଲ୍ଲୀବାସୀ କେଜରିୱାଲଙ୍କୁ ତାଙ୍କ ସାଧାରଣ ଜୀବନ ଯାପନ ପାଇଁ ଆପଣେଇଥିଲେ। ସମସ୍ତେ ଭାବିଥିଲେ ଇଏ ଜଣେ ସାଧାରଣ ନାଗରିକଙ୍କ ଭଳି ଓ ସାଧାରଣ ଲୋକଙ୍କର ପାର୍ଟି। କିନ୍ତୁ ବର୍ତ୍ତମାନ ସାମ୍ନାକୁ ଆସିଥିବା ଘଟଣାରୁ ଜଣାପଡିଲା ଯେ ନିଜକୁ ଆମ ଆଦମୀ କହୁଥିବା କେଜରିୱାଲ ଆଦୌ ଆମ ଆଦମୀ ନୁହନ୍ତି। ସେ ଯଦି ସତରେ ଆମ ଆଦମୀ ବା ସାଧାରଣ ଲୋକ ହୋଇଥାନ୍ତେ, ତେବେ ଜନତାଙ୍କ ଟିକସ ଅର୍ଥରେ ନିଜର ସରକାରୀ ବାସଭବନ ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିନଥାନ୍ତେ। ମରାମତି ଓ ନବୀକରଣ ଖର୍ଚ୍ଚ ପାଖାପାଖି ୪୫ କୋଟି ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। କେବଳ ଏତିକି ନୁହେଁ, ଉକ୍ତ ଘରେ ଲାଗିଥିବା ଡୋର ସ୍କ୍ରିନ ଠାରୁ ଆରମ୍ଭ କରି ଆସବାବ୍‌ପତ୍ର ମଧ୍ୟ ଅତ୍ୟନ୍ତ ଦାମୀ। ଘର ଚଟାଣରେ ଦାମୀ ଟାଇଲ ଓ ମାର୍ବଲ ମଧ୍ୟ ବିଛାଯାଇଛି। ଏକ ଭବ୍ୟ ଅଟ୍ଟାଳିକାରେ ବି ବିଳାସପୂର୍ଣ୍ଣ ଜୀବନ ଜିଉଁଥିବା ବ୍ୟକ୍ତି ଆମ ଆଦମୀ ହୋଇପାରେ କି! କିନ୍ତୁ କେଜରିୱାଲଙ୍କ ରାଜନୈତିକ ବିଚକ୍ଷଣତା ନିଶ୍ଚୟ ଅଧିକ। ନଚେତ ନିଜର ଯାଦୁଗରୀ ଭାଷଣ ଓ କାର୍ଯ୍ୟଶୈଳୀ ଦ୍ୱାରା ଦୁଇଥର ମୁଖ୍ୟମନ୍ତ୍ରୀ ହେବା ସହିତ ପଞ୍ଜାବରେ ମଧ୍ୟ ସରକାର ଗଠନ କରିବା ଦେଶରେ ଏକ ବଡ଼ ବିରୋଧୀ ଦଳ ଭାବେ ପ୍ରମାଣିତ କରିଛି। ହେଲେ ଯେଉଁ କାର୍ଯ୍ୟଶୈଳୀ ଦ୍ୱାରା ଆରମ୍ଭରୁ କେଜରିୱାଲ ଲୋକଙ୍କ ଅସ୍ଥାଭାଜନ ହୋଇପାରିଥିଲେ ଏବଂ ଦିଲ୍ଲୀବାସୀ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ବାଛିଥିଲେ ସେଥିରେ ଏବେ ପ୍ରଶ୍ନବାଚୀ ଲାଗିଛି। କାରଣ ଜଣେ ମୁହଁରେ ସରଳ କଥା କହିବା ଓ ପ୍ରଚାରରେ ଏହାକୁ ପ୍ରଦର୍ଶିତ କରୁଥିଲା ବେଳେ ବାସ୍ତବ କଥା ଭିନ୍ନ ବୋଲି ଜଣାପଡିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସ୍ୱାଭାବିକ। ପୂର୍ବରୁ କେଜରିୱାଲଙ୍କ ଅତ୍ୟନ୍ତ ସହଯୋଗୀ ତଥା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ସିସୋଡ଼ିଆ ଜେଲରେ ଅଛନ୍ତି। ସିସୋଡ଼ିଆ ଲିକର ଦୁର୍ନୀତିରେ ଦୋଷୀ ଥିବା ଜଣାପଡିଛି। ସ୍ୱଚ୍ଛ ଶାସନର ବାର୍ତ୍ତା ଦେଇ କେଜରିୱାଲ କ୍ଷମତା ହାସଲ ପରେ ଦୁର୍ନୀତିକୁ ପ୍ରସୟ ଦେବା କଥାଟିକୁ କେହି ସହଜରେ ଗ୍ରହଣ କରୁନଥିଲେ ବି ବର୍ତ୍ତମାନର କେଜରିୱାଲ ନିଜର ସରକାରୀ ବାସଗୃହକୁ ନବୀକରଣ କରିବାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ତାହାକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି। ଲୋକଙ୍କ ଟିକସ ଅର୍ଥକୁ ଉନ୍ନୟନମୂଳକ କାର୍ଯ୍ୟରେ ନଲଗାଇ ସେ କିଭଳି ରାଜକୀୟ ଜୀବନଯାପନ ପାଇଁ ଚିନ୍ତା କରିପାରିଲେ ତାହା ଏବେ ଚର୍ଚ୍ଚାରେ ରହିଛି। ସେହିଭଳି ଓଡ଼ିଶାରେ ବିଜେଡି କାର୍ଯ୍ୟାଳୟ ଶଙ୍ଖ ଭବନ ପ୍ରତିଷ୍ଠାକୁ ନେଇ ଆଲୋଚନା ହେଉଛି। ଅତ୍ୟନ୍ତ ବ୍ୟୟବହୁଳ ଅଟ୍ଟାଳିକା ନିର୍ମାଣ ସହ ଏହି ଦଳୀୟ କାର୍ଯ୍ୟାଳୟରେ ତାରକା ହୋଟେଲର ସୁଖ ସୁବିଧା ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ଦଳ ଦଳୀୟ କାର୍ଯ୍ୟାଳୟକୁ ବିଜୁ ଭବନ ପରିବର୍ତ୍ତେ ଶଙ୍ଖ ଭବନ କାହିଁକି କରାଗଲା ବୋଲି କିଛି ବୁଦ୍ଧିଜୀବୀ କହୁଛନ୍ତି। ତେବେ କିଛିଦିନ ଆଗରୁ ବିଜେଡି ନେତାମାନେ ଶଙ୍ଖ ମୋର ଗର୍ବ ବୋଲି କହିଥିଲେ। ତେବେ ସେଇ ଶଙ୍ଖ ଗର୍ବର ପ୍ରତୀକ ନୁହେଁ ତ? ହେଲେ ଶଙ୍ଖ ଭବନ ଏକ ରାଜନୈତିକ ଦଳର ମୁଖ୍ୟ କାର୍ଯ୍ୟାଳୟ ହୋଇଥିଲା ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସରକାରୀ ବାସଗୃହ କ'ଣ ଆମ୍ ଆଦ୍‌ମୀ ପାର୍ଟିର କାର୍ଯ୍ୟାଳୟ ବୋଲି କୁହାଯାଇପାରିବ କି? ତେଣୁ ମୁଖ୍ୟମନ୍ତ୍ରୀ ଭଲ ଗୃହରେ ବାସ କରିବା କିଛି ଖରାପ କଥା ନୁହେଁ। ହେଲେ ଯେଭଳି ଲୋକଙ୍କ ଟିକସ ଅର୍ଥକୁ ଖର୍ଚ୍ଚ କରି ନିଜ ବାସଗୃହକୁ ପ୍ରାସାଦରେ ପରିଣତ କରାଗଲା ତାହା କେତେ ଗ୍ରହଣୀୟ।

# ଗୋପୀନାଥ ମହାନ୍ତିଙ୍କ ସାହିତ୍ୟରେ ଆଦିବାସୀଙ୍କ ସ୍ୱର



ଅସିତ ମହାନ୍ତି

ଗୋପୀନାଥ ମହାନ୍ତି ( ଏପ୍ରିଲ ୨୦, ୧୯୧୪, - ଅଗଷ୍ଟ ୨୦, ୧୯୯୧) ଓଡିଆ ଭାଷାର ଜଣେ ପ୍ରସିଦ୍ଧ ସାହିତ୍ୟିକ ଥିଲେ। ୧୯୩୦ ରୁ ୧୯୩୮ ମଧ୍ୟରେ ଥିବା ସମୟ ଲେଖକଙ୍କ ଜୀବନର ଗଠନ ସମୟ ବୋଲି ବିବେଚନା କରାଯାଏ। ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଗୋପୀନାଥ ମହାନ୍ତିଙ୍କୁ ୧୯୭୩ ମସିହାରେ 'ଜ୍ଞାନପୀଠ ପୁରସ୍କାର' ପ୍ରଦାନ କରାଯାଇଥିଲା। ପରେ ୧୯୮୧ ମସିହାରେ ତାଙ୍କୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଭାରତ ସରକାର ତାଙ୍କୁ 'ପଦ୍ମ ଭୂଷଣ' ପ୍ରଦାନ କରିଥିଲେ। ଗୋପୀନାଥ ମହାନ୍ତି ୨୦ ଏପ୍ରିଲ ୧୯୧୪ ରେ ମହାନଦୀ କୂଳରେ ଅବସ୍ଥିତ ଓଡିଶାର ଏକ ଛୋଟ ଗାଁ ନାଗବାଲିରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସୂର୍ଯ୍ୟନାଥ ମହାନ୍ତି ଜଣେ ଅନନ୍ୟ ବ୍ୟକ୍ତି ଥିଲେ। ଗୋପୀନାଥ ମହାନ୍ତି ଦୀର୍ଘ ସମୟ ଧରି ତାଙ୍କ ପିତାଙ୍କ ସମର୍ଥନ ପାଇ ନଥିଲେ। ଯେତେବେଳେ ଗୋପୀନାଥଙ୍କୁ ମାତ୍ର ୧୨ ବର୍ଷ ହୋଇଥିଲା, ସେତେବେଳେ ତାଙ୍କ ପିତା ତାଙ୍କୁ ଅନାଥ କରି ଦୁନିଆରୁ ବିଦାୟ ନେଇଥିଲେ। କିନ୍ତୁ ସେମାନେ ସେହି ସମୟରେ ଶିଶୁ ଗୋପୀନାଥଙ୍କ ପ୍ରକୃତି ଏବଂ ଜୀବନ ପ୍ରତି ତାଙ୍କର ଦୃଷ୍ଟିକୁ ଆକୃଷ୍ଟ କରିଥିଲେ। ଯେପର୍ଯ୍ୟନ୍ତ ତାଙ୍କ ପିତା ଜୀବିତ ଥିଲେ, ଗୋପୀନାଥ ମହାନ୍ତିଙ୍କ ପାଠପଢା ସୋନପୁରରେ ଚାଲିଥିଲା। ପିତାଙ୍କ ମୃତ୍ୟୁ ପରେ ସେ ତାଙ୍କ ଭାଇଙ୍କ ସହ ପାଟନା ଯାଇଥିଲେ। ସେ ଏଠାରୁ ହିଁ ୧୯୩୦ ରେ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ତା'ପରେ ସେ କଟକକୁ ଯାଇ ୧୯୩୬ ମସିହାରେ 'ରେଭେନ୍ସା କଲେଜ'ରୁ ଇଂରାଜୀରେ ଏମ ଏ ଡିଗ୍ରୀ ପ୍ରାପ୍ତ କରିଥିଲେ। ୧୯୨୩ ମସିହାରେ ଗୋପୀନାଥ ମହାନ୍ତି ଗାଁ ଛାଡିଥିଲେ ଯେତେବେଳେ ତାଙ୍କ ପିତା ଚାକିରି ପାଇଁ ସୋନପୁର ଯାଇଥିଲେ। ଏହା ପରେ ସେ କେବଳ କିଛି ଦିନ ପାଇଁ ଗାଁକୁ ଆସିଥିଲେ, କିନ୍ତୁ ନାଗବାଲି ଏବଂ ଏହାର ଆଖପାଖ ଗ୍ରାମୀଣ ପରିବେଶରେ ବିତାଇଥିବା ପିଲାଦିନ ତାଙ୍କ ଚେତନାରେ ସବୁଦିନ ପାଇଁ ଛାପି ହୋଇ ରହିଥିଲା , ଯାହା ତାଙ୍କ ଉପନ୍ୟାସ ପାଇଁ ଏକ ଚମତ୍କାର ଢାଞ୍ଚା ଉପସ୍ଥାପନ କରିଥିଲା। ଏହି ସମୟର ଅନ୍ୟ ଏକ ପ୍ରମୁଖ ଅବଦାନ ହେଲା ଗ୍ରାମାଞ୍ଚଳ ଏବଂ ଅଭିଜିତ, ଉଭୟ ସମାଜରେ ବସିବା ପରିପ୍ରେକ୍ଷୀରେ, କେବଳ ତାଙ୍କ ଭାଷାର ବିପୁଳ ଭଣ୍ଡାର ବୃଦ୍ଧି ପାଇଲା ନାହିଁ, ବରଂ ତାଙ୍କ ମଧ୍ୟରେ କଥାବାର୍ତ୍ତା ଏବଂ ଗ୍ରାମୀଣ ଢଗର ଛଟା ମଧ୍ୟ ଆସିଥିଲା। ୧୯୩୦ ରୁ ୧୯୩୮ ମଧ୍ୟରେ ଥିବା ସମୟକୁ ଗୋପୀନାଥ ମହାନ୍ତିଙ୍କ ଲେଖକ ଜୀବନର ଗଠନ ସମୟ ଭାବରେ ବିବେଚନା କରାଯାଇପାରେ। ତିନୋଟି ପ୍ରଭାବର ପ୍ରଭାବ ତାଙ୍କ ଉପରେ ପଡୁଥିଲା। ପାଶ୍ଚାତ୍ୟରୁ ଦୁଇଟି ଏବଂ ଭାରତରୁ ଜଣେ। ମାର୍କ୍ସ ଏବଂ ଋଷ ବିପ୍ଳବ ଏବଂ ଫ୍ରଏଡ୍ ପାଶ୍ଚାତ୍ୟର ପ୍ରଭାବ ଏବଂ ମହାତ୍ମା ଗାନ୍ଧୀ ଏବଂ ଜାତୀୟ ଆନ୍ଦୋଳନ ଭାରତର ପ୍ରଭାବ ଥିଲା। ଗୋପୀନାଥ ଗମ୍ଭୀର ଏବଂ ବିସ୍ତୃତ ଅଧ୍ୟୟନରେ ନିୟୋଜିତ ଥିଲେ। ରୋମାଁ ରୋଲା ଏବଂ ମ୍ୟାକ୍ସିମ ଗୋର୍କି ବିଶେଷ ଭାବରେ ପ୍ରିୟ ଥିଲେ ଏବଂ ତାଙ୍କୁ ପ୍ରଭାବିତ କରିଥିଲେ। ସେହି ଦିନଗୁଡ଼ିକରେ, ସେ ସାହିତ୍ୟ ଶୈଳୀରେ ନୂତନ ପରୀକ୍ଷଣ କରୁଥିଲେ ଏବଂ ପ୍ରଚଳିତ ରୋମାଣ୍ଟିକ୍ ଆଗ୍ରହକୁ ଖୋଲାଖୋଲି ବିରୋଧ କରୁଥିଲେ। ଗୋପୀନାଥ ମହାନ୍ତି ୧୯୩୬ ମସିହାରେ ଏକାଗ୍ରତା ସହିତ ଲେଖିବା ଆରମ୍ଭ କରିଥିଲେ ଏବଂ ତାଙ୍କର ପ୍ରଥମ ଉପନ୍ୟାସ 'ମନ ଗହିରର ଚାଷ' ଶେଷ କରିବାକୁ ଦୁଇ ବର୍ଷ ଲାଗିଗଲା। ଗୋପୀନାଥ ମହାନ୍ତିଙ୍କ କଥା ସାହିତ୍ୟକୁ ତିନୋଟି ଶ୍ରେଣୀରେ ରଖାଯାଇପାରିବ- ୧. ପ୍ରଥମ ଶ୍ରେଣୀ ହେଉଛି ସେହି ଦିନଗୁଡ଼ିକର ରଚନା ଯେତେବେଳେ ସେ ଆଦିବାସୀମାନଙ୍କ କ୍ଷେତ୍ରରେ ନିଯୁକ୍ତ ହୋଇଥିଲେ। ଏହି ରଚନାଗୁଡ଼ିକ ହେଉଛି- 'ଦାଦିବୁଢା', 'ପରଜା', 'ଅମୃତ ସନ୍ତାନ', 'ଶିବ ଭାଇ', 'ଅପହଞ୍ଚ'। ୨. ଦ୍ୱିତୀୟ ବର୍ଗର ରଚନାଗୁଡ଼ିକର ବିଷୟ ହେଉଛି ସହରବାସୀ ଏବଂ ସମାଜ। ଏହି ରଚନାଗୁଡ଼ିକ ହେଉଛି- 'ହରିଜନ', 'ଶରତ ବାବୁଙ୍କ ଗଳି', 'ରାହୁର ଛାୟା', 'ସପନ ମାଟି', 'ଦାନା-ପାଣି', 'ଲୟ -ବିଲୟ'। ୩. ପ୍ରକୃତରେ ତୃତୀୟ ଶ୍ରେଣୀରେ କେବଳ ଗୋଟିଏ ରଚନା ଅଛି - 'ମାଟି ମଟାଳ'। ଗୋପୀନାଥ ମହାନ୍ତିଙ୍କାର ପ୍ରମୁଖ କାର୍ଯ୍ୟଗୁଡ଼ିକ ହେଉଛି - ଉପନ୍ୟାସ - 'ମନ ଗହୀରର ଚାଷ ' (୧୯୪୦), 'ପରଜା' (୧୯୪୫), 'ଅମୃତର ସନ୍ତାନ' (୧୯୪୭), 'ସପନ ମାଟି' (୧୯୫୪), 'ମାଟିମଟାଳ' (୧୯୬୪)। କାହାଣୀ ସଂଗ୍ରହ - 'ଘାସର ଫୁଲ' (୧୯୫୧), 'ନବ ବଧୂ' (୧୯୫୨), 'ଉଡ଼ନ୍ତା ଖଇ' (୧୯୭୧)। ଖେଳ - 'ମୁକତିପଥେ ' (୧୯୩୭), 'ମହାପୁରୁଷ' (୧୯୫୮)। ପ୍ରବନ୍ଧ-ସଂଗ୍ରହ - 'କଳାଶକ୍ତି' (୧୯୭୩ )। ଗୋପୀ ବାବୁଙ୍କର ତିନୋଟି ରଚନା ସର୍ବାଧିକ ଖ୍ୟାତି ଅର୍ଜନ କରିଛି - 'ପରଜା', 'ଅମୃତର ସନ୍ତାନ' ଏବଂ 'ମାଟିମଟାଳ'। ପରଜା - 'ପରଜା'ରେ କୋରାପୁଟ ଜିଲ୍ଲାର ଏକ ଛୋଟ ଗରିବ ଆଦିବାସୀ ବସତି ଚିତ୍ରିତ ହୋଇଛି। ସେଠାରେ ଥିବା ଏକ ପରିବାରକୁ ସମଗ୍ର ବଂଶର ସବିଶେଷ ତଥ୍ୟ ଦେବା ପାଇଁ ଏକ ମାଧ୍ୟମ ପ୍ରସ୍ତୁତ କରାଯାଇଛି, ପ୍ରତିକୂଳ ପରିସ୍ଥିତିର ଭଉଁର ଜାଲରେ ବୁଲି - ବୁଲି ସେତେବେଳ ପର୍ଯ୍ୟନ୍ତ ଘେରି ରହିଛି, ଯେତେବେଳ ପର୍ଯ୍ୟନ୍ତ ତାହା ନଷ୍ଟ ନହୋଇଛି। ଅମୃତର ସନ୍ତାନ - 'ଅମୃତ ସନ୍ତାନ'ର ଦୃଷ୍ୟଚିତ୍ର ଅଧିକ ବିସ୍ତୃତ ଅଟେ। ଏହାର ନିର୍ମାଣ ମଧ୍ୟ ଜଟିଳ, କିନ୍ତୁ ଏଠାରେ କେବଳ ଗୋଟିଏ ପରିବାର କାହାଣୀର କେନ୍ଦ୍ର ପାଲଟିଛି ଏବଂ ଘଟଣାର ଦୃଶ୍ୟ ମଧ୍ୟ ସମାନ ଗାଁ, କିନ୍ତୁ ଏଠାରେ ନିଆଯାଇଥିବା ଆଦିବାସୀମାନଙ୍କ କନ୍ଧ ଜାତି, କାରଣ ଏହା ବହୁ ପ୍ରାଚୀନ, ବଡ଼ ଜନସଂଖ୍ୟା ଏବଂ ଏହାର ନିଜସ୍ୱ ଏହାର ଏକ ସ୍ଥିର ଜୀବନ-ବ୍ୟବସ୍ଥା ଅଛି, ତେଣୁ କାହାଣୀ-ସୂତ୍ର ସ୍ୱାଭାବିକ ଭାବରେ ଚିନ୍ତନ-ଆଧାରିତ ହୋଇପାରିଛି। ମାଟିମଟାଳ - ତିନି ଲକ୍ଷ କୋଡ଼ିଏ ହଜାର ଶବ୍ଦର ଏହି ଉପନ୍ୟାସ ବୋଧହୁଏ ଓଡିଆ ଭାଷାର ଦୀର୍ଘତମ ଉପନ୍ୟାସ, ଯାହା ଲେଖକଙ୍କୁ ପ୍ରାୟ ଦଶ ବର୍ଷ ପୂରଣ କରିବାକୁ ଲାଗିଲା। ଏହା ଓଡିଆ ଗ୍ରାମ ଜୀବନର ଏକ ଉପନ୍ୟାସ ଭାବରେ ବିବେଚନା କରାଯାଏ। ଏହିପରି ଏକ ବିସ୍ତୃତ ଏବଂ ଭାଷାଭିତ୍ତିକ ସୁନ୍ଦର ଉପନ୍ୟାସ ପୂର୍ବରୁ ଓଡିଆରେ ଲେଖାଯାଇ ନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ଷଡଯନ୍ତ୍ର ନାମରେ କେବଳ ଏକ ବାହ୍ୟରେଖା ଦିଆଯାଇଛି ଏବଂ ଦୁଇ ମୁଖ୍ୟ ଚରିତ୍ର, ନାୟକ ଏବଂ ନାୟିକାଙ୍କୁ ଆଶ୍ଚର୍ଯ୍ୟଜନକ ଭାବରେ ଉପସ୍ଥାପିତ କରାଯାଇଛି। ସମଗ୍ର ବିଶ୍ୱରେ ଅଳ୍ପ ଲେଖକ ଅଛନ୍ତି ଯେଉଁମାନେ ଆଦିବାସୀ ସାହିତ୍ୟ ଲେଖନ୍ତି,ଏବଂ ସେମାନଙ୍କର ସାମାଜିକ ଜୀବନ ସୃଜନଶୀଳ କାର୍ଯ୍ୟରେ ସମୃଦ୍ଧ। ଗୋପୀନାଥ ମହାନ୍ତି ଏକ ଗୁରୁତ୍ୱପୂର୍ଣ୍ଣ ଉପନ୍ୟାସକାର ଯିଏକି ଆଦିବାସୀ ସାହିତ୍ୟ ଲେଖିବାରେ ସାହସିକ ଉଦ୍ୟମ କରିଥିଲେ। ମହାନ୍ତି ସେମାନଙ୍କର ପାରମ୍ପାରିକ କିମ୍ବା ଐତିହାସିକ ରୂପାନ୍ତରିତ ଚିତ୍ର, ରୀତିନୀତି ଏବଂ ବିବିଧ ସଂସ୍କୃତିର ସାମାଜିକ ସଂରଚନାକୁ ପ୍ରତିନିଧିତ୍ୱ କରନ୍ତି। ପଦ୍ମଭୂଷଣ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତି, ସାହିତ୍ୟରେ ଆଦିବାସୀ ଲୋକଙ୍କ ସ୍ୱରକୁ ପ୍ରତିପାଦିତ କରିବା ପାଇଁ ମହାସ୍ୱେତା ଦେବୀଙ୍କ ପୂର୍ବରୁ ମଧ୍ୟ ଓଡିଆ ଭାଷାର ପ୍ରଥମ ଆଦିବାସୀ ଲେଖକମାନଙ୍କ ମଧ୍ୟରୁ ଜଣେ ଥିଲେ। ଗୋପୀନାଥ ମହାନ୍ତିଙ୍କ ଆଦିବାସୀ ଉପନ୍ୟାସ ଏବଂ କାହାଣୀଗୁଡିକ ଆଦିବାସୀ ବକ୍ତବ୍ୟର ବିଭିନ୍ନ ଦିଗ, ଜଙ୍ଗଲର ବାସିନ୍ଦା, ଓଡ଼ିଶାର ପାର୍ବତ୍ୟ ଅଞ୍ଚଳ ଏବଂ ଆଦିବାସୀ ଜୀବନର ବିଭିନ୍ନ ବିଷୟବସ୍ତୁ ଅନୁସନ୍ଧାନ କରେ। ମହାନ୍ତିଙ୍କ ପୂର୍ବପୁରୁଷ ଏବଂ ଅନ୍ୟାନ୍ୟ ସାହିତ୍ୟିକ ଗ୍ରନ୍ଥଗୁଡ଼ିକ ଏହାର ବାଇଗଣୀ ରଙ୍ଗର ପ୍ୟାଚ୍ ଏବଂ ଅନ୍ଧାର ପୁଷ୍କରିଣୀ ସହିତ ଆଦିବାସୀ ଜୀବନର ଏକ ପ୍ରାମାଣିକ ବିବରଣୀ ପ୍ରଦାନ କରେ। ତାଙ୍କର ଶ୍ରେଷ୍ଠ ଆଦିବାସୀ ଉପନ୍ୟାସ ପୂର୍ବଜ ଏବଂ ପରଜା କୋରାପୁଟ ଜିଲ୍ଲାର ଓଡ଼ିଶାର ଆଦିବାସୀ ଜଙ୍ଗଲ ଉପରେ ଆଧାରିତ। ସେମାନେ ପ୍ରକୃତି ସହିତ ଘନିଷ୍ଠ ଭାବରେ ବାସ କରନ୍ତି, ଏବଂ ସେମାନଙ୍କର ଜୀବିକା କିଛି ଜମିରେ ଚାଷ କରିବା, ମହୁ ଏବଂ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ଏବଂ ବେଳେବେଳେ ପଶୁ ଶିକାର ଉପରେ ନିର୍ଭର କରିବା। ଏହିପରି ସେମାନେ ଦାରିଦ୍ରରେ, ଏବଂ ଅଶାନ୍ତିରେ ବାସ କରନ୍ତି। ଅଳ୍ପ କେତେକଙ୍କୁ ଛାଡିଦେଲେ ଅଧିକାଂଶ ଆଦିବାସୀ ଅତ୍ୟନ୍ତ ନିରୀହ, ବିଶ୍ୱାସଯୋଗ୍ୟ ଏବଂ ଅଶିକ୍ଷିତ। ଏଥିରୁ ଜଣାଯାଏ ଯେ ଗୋପୀନାଥ ମହାନ୍ତି ତାଙ୍କ ଲେଖା ମାଧ୍ୟମରେ ଏହି ଅବହେଳିତ ଆଦିବାସୀ ଲୋକମାନଙ୍କର ବିକାଶ ର ପ୍ରଶ୍ନଟିକୁ ତୋଳି ଧରିବାକୁ ଚେଷ୍ଟା କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଯଦି ଦେଶରେ ଯଦି କୌଣସି ଜାତି ଅବହେଳିତ ରହେ, ତାହେଲେ ଦେଶର ଉନ୍ନତି ଅସମ୍ଭବ। ଅର୍ଥାତ ସମାଜରେ ଏକ ପରିବର୍ତ୍ତନର ଆକାଂକ୍ଷା ତାଙ୍କର କୃତି ରେ ଅନୁଭବ ହୁଏ। ବାସ୍ତବରେ ଏହା ଅଦ୍ଭୁତ। ଏହାହିଁ ହେଉଛି ଜଣେ ଉଚ୍ଚକୋଟୀ ସାହିତ୍ୟକାରର କାର୍ଯ୍ୟ। ତାର କୃତି ମାଧ୍ୟମରେ ସେ ପରିପ୍ରକାଶ କରେ ଯେ ସମାଜରେ କଣ ଆବଶ୍ୟକ। ବାସ୍ତବରେ ଗୋପୀନାଥ ମହାନ୍ତି ଏହି କାର୍ଯ୍ୟଟି କରିଯାଇଛନ୍ତି। ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ 'ମାଟିମାଟାଳ' ପାଇଁ ତାଙ୍କୁ ୧୯୭୩ ମସିହାରେ 'ଜ୍ଞାନପୀଠ ପୁରସ୍କାର' ଏବଂ ୧୯୮୧ ମସିହାରେ 'ପଦ୍ମ ଭୂଷଣ' ପ୍ରଦାନ କରାଯାଇଥିଲା। ଓଡିଆ ସାହିତ୍ୟରେ ବିଶେଷ ଅବଦାନ ରଖିଥିବା ଗୋପୀନାଥ ମହାନ୍ତିଙ୍କର ଅଗଷ୍ଟ ୨୦, ୧୯୯୧ ରେ ଦେହାନ୍ତ ହୋଇଥିଲା

*ସୁଜନପୁର , ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*

# ସ୍ୱାଧୀନତାର ସପ୍ତମ ଦଶକରେ ଭାରତର ଅଗ୍ରଗତି



ବିଚିତ୍ରାନନ୍ଦ ପ୍ରଧାନ

ଦୀର୍ଘ ଦ୍ୱିଶତାଧିକ ବର୍ଷ ବ୍ୟାପୀ ବ୍ରିଟିଶ ଶାସନରେ ନିପୀଡ଼ିତ ଭାରତବାସୀ ଯେଉଁଦିନ ସ୍ୱାଧୀନତାର ଆଦ୍ୟ ବାୟୁ ଆଘ୍ରାଣ କଲେ ସେହି ଦିନଟି ୧୯୪୭ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସ ୧୫ ତାରିଖ। ସେହି ଦିବସଟି ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ। ଚାହୁଁ ଚାହୁଁ ବିତିଯାଇଛି ୭୫ ବର୍ଷ। ହାତମୁଠାରୁ ବାଲି ଝରିଲା ପରି ଗଡ଼ି ଯାଉଛି ସମୟ ତାର ନିର୍ଦ୍ଦିଷ୍ଟ ଗତିରେ। ପରାଧିନ ଭାରତ ଏବେ ଅତୀତର ବିଷୟବସ୍ତୁ। ଆଶା ଆକାଂକ୍ଷା ଓ ସ୍ୱପ୍ନର ପାଣ୍ଡୁଲିପି ଲେଖି ଚାଲିଛି ସ୍ୱାଧୀନ ଭାରତ। ୧୯୪୩ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସରେ ମହାତ୍ମା ଗାନ୍ଧି ଇଂରେଜ ସରକାର, 'ଭାରତ ଛାଡ଼' ବୋଲି ଡାକ ଦେଇ ଭାରତ ଛାଡ଼ ଆନ୍ଦୋଳନର ଗୌରବମୟ ବିପ୍ଳବ ଅୟମାରମ୍ଭ କରିଥିଲେ। ବ୍ରିଟିଶ ସରକାରଙ୍କ ଶାସନରୁ ମୁକ୍ତି ପାଇବା ପାଇଁ ସେ ଦିନ ମଧ୍ୟ ରାତ୍ରି ୧୨ ଘଟିକା ସମୟରେ ୪୦ କୋଟି ଭାରତୀୟ ଜନତା ସମାବେଶ ହୋଇ ବିନା ରକ୍ତପାତରେ ପରାଧିନତାର ନିଗଡ଼ ଛିନ୍ନ କରି ସ୍ୱାଧୀନତାର ପ୍ରଥମ ଆସ୍ୱାଦନ ପାଇବା ଉଦ୍ଦେଶ୍ୟରେ ଜାଗ୍ରତ ଥିଲେ। ତାହା ଥିଲା ଏକ ଅଭୁଲା ସ୍ମୃତି। ମହାନ ଜନନାୟକ ମହାତ୍ମା ଗାନ୍ଧି ଓ ପଣ୍ଡିତ ଜବାହାରଲାଲ ନେହେରୁ ସମବେତ ଜନତାଙ୍କୁ ଉଦବୋଧନ ଦେଇ ସତ୍ୟ ଓ ଅହିଂସାର ବିଜୟ ହେବ ବୋଲି ଆଶ୍ୱାସନା ବାଣୀ ଶୁଣାଇଥିଲେ। ରାତ୍ରିର ବହଳ ଅନ୍ଧକାରରେ ଯେତେବେଳେ ସାରା ବିଶ୍ୱ ସୁପ୍ତ, ସେତେବେଳେ ମୁକ୍ତି ଉନ୍ମୋଦିତ ଭାରତ ଜାଗ୍ରତ ଓ ଜୀବନୋନ୍ମୁଖୀ। ସତରେ ଏମିତି ଏକ ମୁହୂର୍ତ୍ତ ଆସେ, ଯାହା ଇତିହାସରେ ବିରଳ। ରାତ୍ରି ପାହିଆସୁଥିଲା। ଅନ୍ଧାର ପରଦା ଆଡ଼େଇ ଉଙ୍କି ମାରୁଥିଲା ଆଶାର ସୂର୍ଯ୍ୟ। ସ୍ୱାଧୀନତାର ପ୍ରଥମ ସକାଳ ତୋଫା ଆଲୁଅ ଉଦଭାସିତ ହୋଇଥାଏ। ଆକାଶରେ ବିଶ୍ୱାସର ଲୋହିତ ଛିଟା ଦୃଶ୍ୟମାନ ହୋଇଥାଏ। ୧୯୪୭ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୧୫ ତାରିଖ ତୁଙ୍ଗ ଆକାଶରେ ଭାରତର ଅଗଣିତ ଜନତା ଭକ୍ତି ଓ ସମ୍ମାନର ସହିତ ଭାରତର ଜୈତ୍ର କେତନ ତ୍ରିରଙ୍ଗା ଜାତୀୟ ପତାକା ବାୟୁ ହିଲ୍ଲୋଳରେ ସଦର୍ପରେ ଉଡାଇଥିଲେ। ଭାରତ ଛାଡ଼ ଆନ୍ଦୋଳନର ଗୌରବମୟ ବିପ୍ଳବ ଗୌରବମୟ ବିଜୟରେ ବିଭୂଷିତ ହୋଇଥିଲା। ଏହି ସ୍ମରଣୀୟ ଦିବସକୁ ଜାତୀୟ ଦିବସ ଭାବରେ ପରିପାଳନ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଅଗଷ୍ଟ ୧୫ ତାରିଖରେ ଦେଶର ସବୁ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ଶିକ୍ଷାନିକେତନ, ପାଠାଗାର ଓ ପୁରପଲ୍ଲୀରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯାଇଥାଏ। ଜାତୀୟ କେତନ ଫରଫର ହୋଇ ଆକାଶରେ ଉଡୁଥାଏ ଏବଂ ଜାତୀୟ ସଙ୍ଗୀତ 'ଜନଗଣମନ ଅଧିନାୟକ ଜୟ ହେ ଭାରତ ଭାଗ୍ୟ ବିଧାତା....' ଗାନ କରାଯାଏ। ଜାତୀୟ ଉନ୍ମାଦନାରେ ଜନତାର ପ୍ରାଣ ଭରି ଉଠେ। ଦେଶ ଓ ଜାତିକୁ ସ୍ୱାଧୀନ କରିବା ପାଇଁ ଯେଉଁ ସ୍ୱଦେଶବତ୍ସଳ ତ୍ୟାଗୀ ବୀରମାନେ ଶତ୍ରୁ ସହିତ ଯୁଦ୍ଧ କରି ଅକାଳରେ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କର ପୁଣ୍ୟସ୍ମୃତି ପ୍ରତି ଆମ୍ଭେମାନେ ଏହି ଦିବସରେ ପୁଷ୍ପାଞ୍ଜଳୀ ଅର୍ପଣ କରିବା ସହିତ ସ୍ୱାଧୀନତାର ମୂଲ୍ୟବୋଧକୁ ହୃଦୟଙ୍ଗମ କରି ପ୍ରାଣେ ପ୍ରାଣେ ଉତଫୁଲ୍ଲିତ ହୋଇଥାଉ। ସ୍ୱାଧୀନତା ଯେ ମାନବ ପକ୍ଷରେ କେତେ ମହାନ ଓ ପବିତ୍ର ତାହା ଆମ୍ଭମାନଙ୍କୁ ସ୍ୱାଧୀନତା ଦିବସ ସ୍ମରଣ କରାଇଦିଏ। ପ୍ରଥମ ସ୍ୱାଧୀନତା ଦିବସ ଭାରତୀୟ ଜନତାକୁ ଉନ୍ମାଦନା ଓ ବିଜୟ ଆଣି ଦେଇଥିଲା ସତ, କିନ୍ତୁ ସ୍ୱାଧୀନତା ପାଇବା ସମୟରେ ଦେଶର ଅର୍ଥନୀତି ଏବେ ଦୁର୍ବଳ ଥିଲା ଯେ ଲୋକମାନେ ଦାରିଦ୍ର୍ୟ ଓ ନିସହାୟତାରେ ଭାଙ୍ଗି ପଡ଼ିଥିଲେ। ତଥାପି ପରାଧିନତାର ତାଡ଼ନାରେ ଜର୍ଜରିତ ମନୁଷ୍ୟମାନେ ଧର୍ଯ୍ୟହରା ଓ ଦୁର୍ବଳମନା ହୋଇନଥିଲେ। ନିଜର ଅଣ୍ଟାକୁ ସଳଖ କରି ଦୃଢ଼ ଭାବରେ ଠିଆ ହୋଇଥିଲେ, ମୁକ୍ତିର ପରମ ଆହ୍ଲାଦରେ। ସେହିଦିନ ଠାରୁ ପଛକୁ ଚାହିଁ ନାହାନ୍ତି, ଆଗକୁ ଆଗକୁ ବଢ଼ି ଚାଲିଛନ୍ତି ଆଜିଯାଏ। ଚଲାପଥରେ କେଉଁଠି ଝୁଣ୍ଟି ପଡ଼ିଛନ୍ତି, ତଥାପି ଚାଲିବା ବନ୍ଦ କରିନାହାନ୍ତି। ସେହି ଆତ୍ମବିଶ୍ୱାସ, ଧୈର୍ଯ୍ୟ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଭାରତକୁ ସୁଦୃଢ଼ କରି ଠିଆ କରାଇ ପାରିଛନ୍ତି ଓ ପୃଥିବୀର ଅନ୍ୟାନ୍ୟ ଶକ୍ତିଶାଳୀ ଦେଶ ମାନଙ୍କ ସମକକ୍ଷ କରାଇପାରିଛନ୍ତି। ଆଜି ଭାରତ ବିଶ୍ୱର ଅନ୍ୟତମ ଅର୍ଥନୈତିକ ଶକ୍ତି ଓ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ର। ଅତୀତରେ ପାଶ୍ଚାତ୍ୟ ଜଗତ, ଭାରତକୁ ଅନୁନ୍ନତ ଦେଶ ବୋଲି କହି ଉପହାସ କରୁଥିଲା। ଏବେ ଏ ଦେଶର ଶିକ୍ଷିତ ଯୁବକ ଯୁବତୀମାନେ ସେ ଦେଶକୁ ଯାଇ ଦେଶର କ୍ଷମତା ଅଳିନ୍ଦରେ ଗୁରୁତ୍ୱପୂର୍ଣ୍ଣ ଆସନ ଅକ୍ତିୟାର କରିପାରିଛନ୍ତି। ୧୯୪୭ରେ ଦେଶର ସାକ୍ଷରତା ହାର ଥିଲା ୧୮ ପ୍ରତିଶତ ଏବେ ଏହା ୭୬ ପ୍ରତିଶତ ହୋଇଅଛି। ଭାରତ ଏବେ ବିଶ୍ୱର ଅନ୍ୟତମ ବୃହତମ ବଜାର। ସେଥିପାଇଁ ୟୁରୋପୀୟ ପୁଞ୍ଜିପତିମାନେ ଆମ ଦେଶରେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ। କୃଷି କ୍ଷେତ୍ରରେ, ଚିକିତ୍ସା କ୍ଷେତ୍ରରେ ଭାରତ ସୁନାମ ଅର୍ଜନ କରିଛି। ଭାରତର ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା ବିଶ୍ୱର ଅନ୍ୟତମ ବୃହତ ବ୍ୟବସ୍ଥା। ସ୍ୱାଧୀନତାର ସପ୍ତମ ଦଶକରେ ଭାରତ ଏସିଆର ତୃତୀୟ ବୃହତ୍ତମ ଶକ୍ତି ଉତ୍ପାଦନକାରୀ ଦେଶର ମର୍ଯ୍ୟାଦା ହାସଲ କରିଛି। ଭାରତର ସ୍ୱାଧୀନତା ଦେଶ ଓ ଜାତି ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। ଏହା ଭାରତର ଆବାଳ ବୃଦ୍ଧ ବନିତା ସମସ୍ତଙ୍କର ହୃଦୟଙ୍ଗମ ହେବା ଉଚିତ। ଜାତୀୟ ଏକତା ପ୍ରତିଷ୍ଠା କରି ସେବା, ତ୍ୟାଗ ଓ ବୀରତ୍ୱର ମନ୍ତ୍ରରେ ଦୀକ୍ଷିତ ହୋଇ ଦେଶର ସ୍ୱାଧୀନତା ଓ ଅଖଣ୍ଡତା ରକ୍ଷା କରିବା ପାଇଁ ଆମ୍ଭେମାନେ ଦୃଢ଼ ସଂକଳ୍ପ ଗ୍ରହଣ କରିବା ଆବଶ୍ୟକ। ରାଷ୍ଟ୍ରୀୟ କେତନର ଗୌରବ ଓ ମର୍ଯ୍ୟାଦା ରକ୍ଷା କରିବା ପାଇଁ ଆମ୍ଭେମାନେ ଶତତ ଯତ୍ନବାନ ହେବା ବାଞ୍ଛନୀୟ। ବହୁ ସଂଗ୍ରାମ କରି ଭାରତର ଦେଶପ୍ରେମୀ ମହାମାନବମାନେ ଯେଉଁ ସ୍ୱାଧୀନତା ଲାଭ କରିଛନ୍ତି ତାହାର ଟେକ ରଖିବା ଆମ୍ଭମାନଙ୍କର ପରମ କର୍ତ୍ତବ୍ୟ ଅଟେ। ଦେଶର ପ୍ରଗତି ପାଇଁ ନାଗରିକମାନେ ଦୃଢ଼ ସଂକଳ୍ପ ନେଇ କାର୍ଯ୍ୟ କରିବା ଆବଶ୍ୟକ।

*ସେକ୍ଟର-୯, ସିଡିଏ, କଟକ*
*ଦୂରଭାଷ : ୯୯୩୭୨୨୪୦୮୫*

# ଅନ୍ନପୂର୍ଣ୍ଣା ହିନ୍ଦୁ ହୋଟେଲ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ହିନ୍ଦୁ ହୋଟେଲର ରାନ୍ଧଣା ସବୁଧର୍ମର ଲୋକ ସଦା ଭକ୍ଷଣ ବା ନିରାମିଶ ଆହାର କରିପାରନ୍ତି। ଝଟକା ହାଲାଲ ଦୁଇ ପ୍ରକାରରେ ଛାଗ, ମେଷ ମରାଯାଏ। ଝଟକା ଧୋବାମାନେ ଜହ୍ଲାଦ ଭାବରେ ଛାଗ ମେଷଙ୍କର ବେକର ଉପରପଟରେ ଅସ୍ତ୍ର ଆଘାତ କରି ଗଣ୍ଡିମୁଣ୍ଡ ଅଲଗା କରନ୍ତି। ଏ ପ୍ରକାର ଛାଗ ମେଷର ମାଂସ ଇସଲାମିକ ଭାଇମାନେ ଖାଆନ୍ତିନାହିଁ। ଏହା ତାଙ୍କର ଧର୍ମମତ ବିରୁଦ୍ଧ। ଇସଲାମିକ କଂସେଇମାନେ ଛାଗ ମେଷର ଗଳାକାଟି ଛାଗ ବି ଜୀବଚରର ହତ୍ୟା କରିପାରେ ଚମଡ଼ା ଚଢ଼ାଇ ମାଂସ ତିଆରି କରି ବିକ୍ରୟ କରନ୍ତି। ଏ ମାଂସ ଏବେ ସମସ୍ତେ ଏପରିକି ହିନ୍ଦୁମାନେ କି କିଣି ତରକାରୀ ଆଦି କରୁଛନ୍ତି। ପ୍ରାୟ ବଡ଼ ବଡ଼ ହୋଟେଲରେ ଏପରି ମାଂସର ବିଭିନ୍ନ ବ୍ୟଞ୍ଜନ ବିରିୟାନୀ କସା, ଚପ ମିଳୁଛି। କିନ୍ତୁ କଠୋର ପନ୍ଥୀ ରକ୍ଷଣଶୀଳ ଜଣେ ଶାଶନୀ ବ୍ରାହ୍ମଣ ସାହାସ କରି ଏପରି ଏକ ହିନ୍ଦୁ ଭୋଜନାଳୟ କରିଥିଲେ ଯହିଁରେ ତାଙ୍କର ଲୋକପ୍ରୟିତା ଏଇ ରାନ୍ଧଣା ପାଇଁ ତତ୍କାଳ ଶୀର୍ଷରେ ପହଞ୍ଚିଥିଲା।

ତତ୍କାଳ ହାଫ ମିଲ ଫୁଲ ମିଲ ସିଷ୍ଟମ ଥିଲା, ପଇସା ଦୃଷ୍ଟେ ସେ ଖାଦ୍ୟ ପରଷି ତୃପ୍ତି କରୁଥିଲେ। ତାହା ଜଗତସିଂହପୁର ସାନବଜାର ଛକରେ ତତ୍କାଳ ଥାନା ସାମ୍ନାରେ ଥିଲା ଏଠାରୁ କ୍ଷଣିକ ଦୂର ଡାକଘର, ଡାକ୍ତରଖାନା ଥିଲା। ଏହାପୁଣି ଚାଳଘରେ ଚାଲୁଥିଲା ଲୋକେ ତଳେ କଦଳୀପତ୍ରରେ ଭୋଜନ କରୁଥିଲେ। ହୋଟେଲ ମାଲିକ ନାମ କାର୍ତ୍ତିକ ଦାଶ ସୁସ୍ଥ ସୁନ୍ଦର ଢେଙ୍ଗା ଗୋରା ଚେହେରା। ପୁଣି କାର୍ଯ୍ୟରେ ହାଇ ପରେ ରାତ୍ରୀରେ ସୁନ୍ଦର କଣ୍ଠରେ ବୈଠକମ ପାଲାର ଗାୟକ ହେଉଥିଲେ। ଏହି ମହାଶୟଙ୍କର ହୋଟେଲ ରନ୍ଧନରେ ଯେମିତି ସୁଖ୍ୟାତି ସେମିତି ପାଲା ଗାୟନରେ ସେମିତି ସୁଖ୍ୟାତି। ଘର ତରଡ଼ାପଡ଼ାର ଏକ ସାହିରେ ଯେଉଁଠି କେନାଲ ପାରି ତିନଟି ବ୍ରାହ୍ମଣ ଶାସନ ଲଗାଲଗି। ମଣିରାମପୁର, ପୁରୋହିତପୁର, ନୂଆ ଶାସନ ପୁରୁଣାଶାସନ। ଏଥିରେ ବହୁ ପୁରୋହିତ ଏହି ଗ୍ରାମ ଓ ପାଖାପାକ୍ ଗ୍ରାମରେ ଯଜମାନଙ୍କର ନାନାଦି ସଂସ୍କାର ଶ୍ରାଦ୍ଧ କରାଉଥିଲେ। ଏହି ବ୍ରାହ୍ମଣମାନେ କଠିନ ନିୟମରେ ଜୀବନଯାପନ ତତ୍କାଳ କରୁଥିଲେ। ଏମାନଙ୍କର ମାନ୍ୟତା ପ୍ରଚୁର ଥିଲା। ଜମିଦାର ପ୍ରତାପୀ ହେଲେ ବି ଏମାନଙ୍କୁ ହାତଯୋଡ଼ି ନୁହେଁ ମୁଣ୍ଡ ନୁଆଁଇ ପ୍ରଣାମ କରୁଥିଲେ। ଆଉ ଅନ୍ୟ ମାନଙ୍କ କଥା କଣ କହିବା। ଆମର ଦାଶେ, ଦାଶ ଗୋପ୍ୟରେ ନନା ରୂପେ ଡାକ ପାଉଥିଲେ ଥାନା ତତ୍କାଳ ଅନେକ ଅଞ୍ଚଳ ପାଇଁ ଏକଥିଲା। ଥାନାରେ କର୍ମଚାରୀ ନାଲି ପଗଡିଆ କନେଷ୍ଟବଲଙ୍କ ସମେତ ଦାରୋଗାବାବୁ ବି ଏ ଅଞ୍ଚଳକୁ ଖୁବ କମ ପୋଲିସ ବଳରେ ଶାସନରେ ରଖିଥିଲେ। ଏମାନେ ସପରିବାର ନଥିଲେ ତାଙ୍କର ଆହାର ଏଇ ନନାଙ୍କ ହୋଟେଲରୁ ହେଉଥିଲା। ହୋଟେଲ ବା ଭୋଜନାଳୟ ଭୋଜନ ତତ୍କାଳ ଅନେକ ଲାଳସା ଆକୃଷ୍ଟ କରୁଥିଲା। ଜଗତସିଂହପୁରରେ ହାଟବାରି ମଙ୍ଗଳବାର, ଶନିବାର ଏ ଦୁଇବାରୀରେ ଅନେକ ଭିଡ଼ ହୋଟେଲରେ ହୁଏ ଓ ସବରେଜେଷ୍ଟ୍ରି ଖାନା ଏଠାରେ ଥିବାରୁ ବାୟା ମୁସ୍ତରୀଙ୍କ ଗୋଷ୍ଠୀ ଓ ସବରେଜେଷ୍ଟ୍ରୀ ଅଫିସ ଷ୍ଟାଫ ଏଠାରେ ଭୋଜନ ମଧ୍ୟାହ୍ନରେ ହିଁ କରୁଥିଲେ। ବିଦ୍ୟୁତ ସଂଯୋଗ ତତ୍କାଳ ସହରକୁ ନଥିବାରୁ ରାତ୍ରୀରେ ରାତ୍ରୀ ଭୋଜନ ବିକଳ୍ପ କିରୋସିନୀ ଲଣ୍ଠନ ବା ପେଟ୍ରୋମାକ୍ସରେ ବି ବେଳେ ବେଳେ କରାଯାଉଥିଲା ବା ଗ୍ୟାସ ଛଡ଼ି (କାରାବାଇଡ ଗ୍ୟାସ) ଜାଳି କରାଯାଉଥିଲା। ନାନା ପରେ ପରେ ଅନ୍ୟ ମାନଙ୍କ ପାଇଁ ଭୋଜନାଳୟ ବୃତ୍ତିର ଉତ୍ସ ହେଲେ ପରେ ପରେ ଜଗାନନାଙ୍କ ହୋଟେଲ ହେଲା ନାଉଗାଁରୁ କିଛି ନନା ଆସି ହୋଟେଲ କଲେ। ପୂର୍ବେ ଜାତିଆଣ ସଭା ବା ଭୋଜନରେ ସ୍ୱଜାତିର ଲୋକେ ରୋଷେଇ କରୁଥିଲେ ସେଥିରେ ବେଳେ ବେଳେ ରୋଷେଇ ସ୍ୱାଦିଷ୍ଟ ହେଉ ନଥିଲା ପରେ ବ୍ରାହ୍ମଣଙ୍କ ଦ୍ୱାରା (ଅଗ୍ନୀହୋତ୍ରୀ) ରୋଷେଇ କରା ଖାଦ୍ୟ ମାନ୍ୟତା ଆସିଗଲା। ବ୍ରାହ୍ମଣ ରୋଷେଇ ଭୋଜିଭାତରେ ହେଉ ହେଉ ଅଧିକ ଲୋକ ସମାଗମ ସ୍ଥାନରେ ଏଇ ହୋଟେଲ ମାନ ଖୋଲିଗଲା। ଏମିତି ସମୟ ଆସିଲା ସବୁଜାତିର ଲୋକ ଏଇ ଭୋଜନାଳୟ ଖୋଲିଲେ କେହି ଜାତିନାମ ନପଚାରି ଭୋଜନ ଶେଷ କରି ପଇସା ଦେଇ ଚାଲି ଯାଉଛନ୍ତି। କିନ୍ତୁ ହିନ୍ଦୁ ସଂସ୍କାରରେ ଅଛି ଶୋଳ ପ୍ରକାର ଭୋଜନ ଏଥିରେ ମୂଲ୍ୟବାନ ଭୋଜନ ଦିବ୍ୟାନ୍ନ ପ୍ରସାଦ ମହାପ୍ରସାଦ ଆଦି ଭୋଜନ ନିକୃଷ୍ଟ ଭୋଜନରେ ମରାନ୍ନ ଶ୍ରାଦ୍ଧାନ୍ନ ମ୍ଳେଚ୍ଛ କହିଲେ ଯାହାଙ୍କର ସଂସ୍କାର ଓ ଶୁଦ୍ଧତା ନାହିଁ ମଦ୍ୟପାନାସକ୍ତ, କାମାସକ୍ତରେ ଭୁଲ ପଥଧାରୀ ସୁଖରେ ସର୍ବଦା ଅସଭ୍ୟ ଅଶିକ୍ଷିତ ଭାଷା, ଅଗାଧୁଆ ଅଶୌଚ ବସ୍ତ୍ରରେ ରୋଷେଇ ପାକ ଖାଦ୍ୟ ପରିବେଷଣ। ଏ ସବୁ ଭୋଜନକାରୀ ଉପରେ ବହୁ କୁପ୍ରଭାବ ପକାଏ। ଏଥିପାଇଁ ତାଙ୍କୁ ବୈଦିକ କର୍ମକାଣ୍ଡର କ୍ରିୟା ଅଧିକାର ପୂର୍ବରୁ କାୟଶୁଦ୍ଧି କରିବାକୁ ପଡ଼େ। କାୟଶୁଦ୍ଧିରେ ବ୍ରାହ୍ମଣ ଉଚ୍ଚାରଣ କରି ନିର୍ଦ୍ଦେଶ ଦିଅନ୍ତି ଅପେୟ ପେୟ, ଅଭକ୍ଷଭକ୍ଷ ଅଚୋଷ୍ୟ ଚୋଷ୍ୟ ଅଲେହ୍ୟ ଲେହ୍ୟ, ଅଗମ୍ୟ ଗମ୍ୟ ଏପରି ଧାରା ପାଇଁ ଯଜମାନ ପୁରୋହିତ ଆଗରେ ସ୍ୱୀକାର କରି ତାର ପ୍ରତ୍ୟେକ ଅଲଗା ଅଲଗା ବିଧାନରେ ପ୍ରାୟଶ୍ଚିତ କରିବା ପରେ ପରବର୍ତ୍ତୀ କାର୍ଯ୍ୟକୁ ବଢ଼ି ହୁଏ। ଏ ସମୟରେ ଶ୍ରାଦ୍ଧକର୍ମ, ଉପନୟନ, ବିବାହ, ଗୃହାରମ୍ଭ, ଗୃହ ପ୍ରତିଷ୍ଠା ଆଦି କାର୍ଯ୍ୟରେ ଏ ସବୁ କର୍ମକୁ ଅତି ସଂକ୍ଷିପ୍ତ ରୂପେ କରାଯାଉଛି କେହି ତାର ପରିଣାମ ଜାଣୁ ନାହାଁନ୍ତି। ଅନ୍ନପୂର୍ଣ୍ଣା ବାସ କାଶିଧାମରେ ଯେ ବିଶ୍ୱନାଥଙ୍କର ପତ୍ନୀ ଯାହାଙ୍କୁ ଖୋଦ ବିଶ୍ୱନାଥ ଅନ୍ନଭିକ୍ଷା ମାଗୁଛନ୍ତି। ଏ ସବୁ ଦେଖିଲେ ବୁଝାଯାଉଛି, ସବୁ ଗୃହସ୍ଥଙ୍କ ଘରେ ମାଆଭଉଣୀ ଝିଅ ରୋଷେଇ କରୁଥିବା ଖାଦ୍ୟ ସମସ୍ତଙ୍କର ଭୋଜନ ଆବଶ୍ୟକ। ଭୋଜନ ଆବଶ୍ୟକ, କ୍ଷୁଧା ନିବାରଣ ପାଇଁ ଅତି ବିଶ୍ୱସ୍ତ କେବଳ ନିଜର ମାଆ ଭଉଣୀ ସ୍ତ୍ରୀ କଥା ଯେ ଖାଇ ଦେଇ ଆନନ୍ଦ ପାଆନ୍ତି ଭୋଜନକାରୀ ସୁସ୍ଥ ରହିପାରନ୍ତି ମାତ୍ର ରୋଷେଇ ହୋଟେଲରେ ହେଉଥିଲେ ସେମାନଙ୍କର ଅର୍ଥ ରୋଜଗାର ଲାଳସା ଜିହ୍ୱା ଲାଳସା ବ୍ୟକ୍ତିକୁ ରୋଗଗ୍ରସ୍ତ କରାଇପାରେ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

## ଧାରାବାହିକ ଉପନ୍ୟାସ

### ବିଶୃଙ୍ଖଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୫୭




*(ପୂର୍ବପ୍ରକାଶ ଉତ୍ତାରୁ)*

ମନୀଷା ଏବେ ମଦ୍ୟ ପାନ କରୁଛି, ଜୁଆ ଖେଳୁଛି। ସେଇଟା କାଳେ ଆଭିଜାତ୍ୟର ଚିହ୍ନ। ଏଥର ତ ସେ କହିଦେଲା- ତାର ଡିଭୋର୍ସ ଦରକାର। ସେ ମୋତେ ବିବାହ କରି ଜୀବନରେ ବିରାଟ ବଡ ଭୁଲ୍ କରିଛି। ଏବେ ତାର ପ୍ରାୟଶ୍ଚିତ କରି ଅନ୍ୟତ୍ର ବିବାହ କରିବାକୁ ଚାହେଁ। ତାପରଠାରୁ ମୁଁ ଏକା ହୋଇଯାଇଛି ଲୀନା। ଯିଏ ମୋ ସୁଖରେ ସୁଖୀ ନୁହଁ କି ମୋ ଦୁଃଖରେ ଦୁଃଖୀ ନୁହଁ, ସେ କିଭଳି ସ୍ତ୍ରୀ କହିପାରିବୁ ?

ଲୀନା ବିବ୍ରତ ହୋଇ ପଚାରିଲା-ଆଉ କଣ କିଛି ବାଟ ନାହିଁ ?

ନା ସେ ବାଟ ବି ନାହିଁ। ମ୍ୟୁଚୁଆଲ୍ ଡିଭୋର୍ସ ହୋଇ ଯାଇଛି । ପିଲାମାନଙ୍କ ଭରଣ ପୋଷଣ ପାଇଁ ବି ଚାହିଁଲାନି। ତାର କାଳେ ମୋଠାରୁ ବେଶୀ କ୍ଷମତା ସେମାନଙ୍କ ଲାଳନପାଳନ କରିବାରେ। ମୁଁ ଚାହିଁଲେ ପିଲାମାନଂକୁ ମାସକରେ ଥରେ ଯାଇ ଦେଖିପାରିବି। ହେଲେ ସେ ମୋହ ବି ମୁଁ କାଇଁ ରଖିବି ଲୀନା ? ବୃଥାମୋହ ରଖି ଦୁଃଖରେ କାହିଁକି ଆଉଟୁ ପାଉଟୁ ହେବି ? ସେ ପିଲାମାନଙ୍କୁ ନେଇ ସୁଖରେ ରହୁ। ମୁଁ ଏତିକି ଚାହେଁ ।

ରାତି ଅନେକ ହୋଇଯାଇଥିଲା। ଅମାବାସ୍ୟାର ଘନକାଳିମା ନେସି ହୋଇ ଯାଇଥିଲା ଆଖପାଖରେ। ଆଖପାଖରେ ସୁଗନ୍ଧରାଜଫୁଲ କେତୋଟି ଫୁଟିଥିଲା କି କଣ ବାସ୍ନାରେ ଫାଟିପଡୁଥିଲା ସେ ସ୍ଥାନ। ଆଳାପ, ଆଲୋଚନା ଭିତରେ ପରସ୍ପର ନିଜର ଦୁଃଖ ଭୁଲିବାର ଛଳନା କରିଚାଲିଥିଲେ । ଲୀନା ଭାବୁଥିଲା- ଛାଡପତ୍ର ବି ସରିଗଲାଣି ଯା'ଭିତରେ। ଅଥଚ ସେ କିଛି ଜାଣିପାରିନି। ଆଗରୁ ଦୁଇଦିନ ପାଇଁ ସେ ଯାଇଥିଲେ ଦିଲ୍ଲୀ। ବୋଧହୁଏ ସେତିକିବେଳର କଥା ହୋଇଥିବ। ଦୁଇମାସ ହୋଇଯିବ ପ୍ରାୟ।

ଆଜି ସେ ଆଉ ଲାଜ କରୁନି ସାନବାବୁଙ୍କୁ। ବରଂ ସେ ତାଙ୍କ ଆଖି ସହିତ ଆଖି ମିଶାଇ ମୁକ୍ତ ଭାବରେ କଥାହୋଇପାରୁଛି। ନିଜର ମନକଥାକୁ ପ୍ରକାଶ କରିପାରୁଛି। ସେ ଅତୀତର ଲଜ୍ଜାନାହିଁ ଆଉ ତା ଆଖିରେ କି ମନରେ। ସେ ସାମ୍ନା କରିପାରୁଛି ଆଜିକାର ସ୍ଥିତି ଓ ଦୁଃସ୍ଥିତିମାନଙ୍କୁ। ଲାଗୁଛି ଏତେଦିନ ପରେ ସେ ପ୍ରକୃତରେ ସ୍ୱାଧୀନ ହୋଇଛି ! ସେ ପବନ ପରି ଚାରିଆଡେ ସଂଚରି ଯାଇପାରୁଛି ଅବାଧରେ।

ବାସନ କୁସନ ଗୋଟାଇ ସେ ଚାଲିଗଲାଣି କେତେବେଳୁଁ। ବିଳମ୍ବିତ ରାତି..। ଏମିତିରେ ଆଜିକାଲି ଶୋଇବା ଉଠିବାରେ କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ ସାନ ବାବୁଙ୍କର। ଆଉ ସେ ନଶୋଇଲେ ଲୀନା ବି ବିଛଣାକୁ ନିଶ୍ଚନ୍ତରେ ଯାଇପାରେ ନାହିଁ। ଆଜିକାଲି ମୁକ୍ତଭାବରେ ସେ କୋଉ ସ୍ୱପ୍ନ ବି ଦେଖିପାରେ ଯେ ! ତା ସ୍ୱପ୍ନର ସହରରେ ଅନ୍ୟମାନଙ୍କ ଅନୁପ୍ରବେଶ। ତା ପରିଧି ଟପି ସେ ଆଉ ଆଗକୁ ବଢି ପାରେନାହିଁ। ଈଶ୍ୱରଙ୍କୁ ଭକ୍ତି କରାଯାଏ ପ୍ରେମ କରାଯାଏନି। କାରଣ ସମସ୍ତେ କଣ ଗୋପୀ କି ରାଧା ହୋଇପାରିବେ ? ସେ ସୌଭାଗ୍ୟ ଈଶ୍ୱର ସମସ୍ତଙ୍କୁ ଦିଅନ୍ତି ନାହିଁ। ସେଥିପାଇଁ ତ ରାଧା, ଗୋପୀ ଓ ମୀରାଙ୍କ ପରେ ଆଉ କୌଣସି ନାଁ ଶୁଣାଯାଏନି। ତା ମାନେ କଣ ଈଶ୍ୱରଙ୍କୁ ପ୍ରେମ ଭକ୍ତି ଅନ୍ୟ କେହି କରିନାହାନ୍ତି ? ହେଲେ ସାମ୍ନାକୁ ଆସିବାରେ ସେମାନଙ୍କ ଖୁବ୍ କୁଣ୍ଠା। ଆଜିକାଲି ଦୁନିଆଁ ସେ ସ୍ୱଚ୍ଛପ୍ରେମର ବି ପ୍ରଶ୍ନ ଖୋଜିବ, କାରଣ ଲୋଡିବ। ପରିଶେଷକୁ ଛଳନା କହି କୁତ୍ସାରଟନା କରିବ। ଆଉ ସେ ଅପବାଦକୁ ସହ୍ୟ କରିବା ମରଣ ଯନ୍ତ୍ରଣା ଭଳି..ବେଶ୍ ଅସହ୍ୟ।

ମାଳିକାଣି ଭାଗବତ ପଢିଲାବେଳେ ଜେଜେମା' ସହିତ ସେ ବି ଯାଇ ତାଙ୍କ ପାଖରେ ବସୁଥିଲା ଆଗରୁ। କିଛିକିଛି ବୁଝୁଥିଲା। ଭାବୁଥିଲା ସେ ବି ଏମିତି ତା ସାନବାବୁଙ୍କୁ ଭଲ ପାଇବ, ଭକ୍ତି କରିବ। ସେ ହିଁ ତା ଭଗବାନ୍। ଜେଜେମା' କହେ- ମନ୍ଦିର ଯିବାକୁ। ହେଲେ ସେ ସାନବାବୁଙ୍କୁ ଫୁଲ ଦେଇ ସାରିଲା ପରେ ଏତେ ପରିମାଣରେ ତୃପ୍ତ ହୋଇଯାଏ ଯେ ମନ୍ଦିର ଯିବା ଭୁଲିଯାଏ। ଈଶ୍ୱରଙ୍କୁ ପୂଜା କରି ଜଣେ ଯେତିକି ଆତ୍ମତୃପ୍ତି ପାଏ ସାନବାବୁଙ୍କ ସେବାକରି ସେ ବି ସମପରିମାଣର ତୃପ୍ତ ହୁଏ। ଏହା ହିଁ ତା ଜୀବନର ରହସ୍ୟ। ହେଲେ ଆଜିକାଲି ତାଙ୍କ ଦୁଃଖ ତାକୁ ନିଶ୍ଚିନ୍ତ କରାଇଦେଉନି।

ସାନବାବୁଙ୍କ ରୁମ୍‌ରେ ନିତିଦିନ ପରି ହଳଦୀ ମିଶା ଗରମ କ୍ଷୀର ଗ୍ଲାସଟି ରଖିଦେଇ ସେ ଚାଲିଆସିଲା ସେଠାରୁ।

*(କ୍ରମଶଃ)*

## ପରୀକ୍ଷା

ମନୋଜ କୁମାର ବେହେରା





ଫେସବୁକ୍‌ରେ ଜଣେ ସାଙ୍ଗ ସହିତ ମାଳତୀର ଭଲ ମିତ୍ରତା ହେଲା। ତା'ର ଫେସବୁକ୍‌ର ସାଙ୍ଗ ରାକେଶ ତାକୁ ଫେସବୁକ୍‌ରେ ପ୍ରେମ ନିବେଦନ କରି ସାରିଥିଲା। ସେ ମାଳତୀକୁ ପ୍ରତିଦିନ ପ୍ରେମର କବିତା ମେସେଜ୍ କରୁଥିଲା। ସେ ମାଳତୀ ସହିତ ଦେଖା କରିବାକୁ ଚାହୁଁଥିଲା। ସେମାନେ ପରସ୍ପରର ସହିତ ମୋଇବାଇଲରେ କଥା ମଧ୍ୟ ହେବାକୁ ଚାହୁଁଥିଲେ। ରାକେଶର ମନ ଦିନକୁ ଦିନ ମାଳତୀକୁ ପାଇବା ପାଇଁ ବ୍ୟାକୁଳ ହେଉଥିଲା। ସେ ମାଳତୀକୁ ମେସେଜ୍ କଲା କି ନୂଆବର୍ଷରେ ସେ ଗୋଟିଏ ହୋଟଲରେ ରୁମ୍ ବୁକ୍ କରିଛି । କେତେ ମଜା ହେବ ତୁମେ ଆଉ ମୁଁ ରୁମ୍‌ରେ ନୂଆ ବର୍ଷ ସେଲିବ୍ରେଟ୍ କରିବା। ଏମିତି ମାସେ ବିତିଗଲା। ଦିନେ ମାଳତୀ ଫୋନ୍ କରି ରାକେଶକୁ କହିଲା,ମୁଁ ତୁମକୁ ଆଉ କ'ଣ କହିବି ? କିଛି ଦିନ ହେଲା ମୋର ଦେହ ବହୁତ ଖରାପ ଅଛି। ଆଜି ପୁଣି ଥରେ ଡାକ୍ତରଙ୍କ ପାଖକୁ ଯାଇଥିଲି। ଡାକ୍ତର ମୋର ସବୁ ଟେଷ୍ଟ କଲାପରେ ଆଜି ରିପୋର୍ଟ ଆସିଲା ଆଉ ସେ କହିଲେ,ମୋର ଦୁଇଟା ଯାକ କିଡନୀ ଖରାପ ହୋଇ ଯାଇଛି।

ଏବେ ମୁଁ ହସ୍‌ପିଟାଲ୍‌ରେ ଆଡମିଟ୍ ହେଇଛି। ତୁମେ ମୋର ସବୁଠୁ ଭଲ ମିତ୍ର ଆଉ ମୋର ପ୍ରେମିକ ମଧ୍ୟ। ତୁମେ ମୋତେ ବହୁତ ପ୍ରେମ କରୁଛ ! ଆଉ ମୁଁ ତୁମକୁ ପ୍ରାର୍ଥନା କରୁଛି ମୋର ପ୍ରେମ ପାଇଁ ତୁମେ ମୋତେ ତୁମର ଗୋଟିଏ କିଡନୀ ଉପହାରରେ ଦେଇ ପାରିବ। ଆଉ ମୁଁ ବଞ୍ଚିଗଲେ ତୁମର ସେବା ସାରା ଜୀବନ କରୁଥିବି। ତୁମେ କାଲି ହସ୍‌ପିଟାଲ୍‌କୁ ଟିକିଏ ଆସିବ। ମୁଁ ତୁମକୁ ଅପେକ୍ଷା କରିଥିବି। ଆଉ ଶୁଣ ମୋର ରୁମ ନମ୍ବର ତୁମକୁ ମେସେଜ୍ କରିଦେଇଛି। ଏ ଭିତରେ ଦୁଇମାସ ବିତିଗଲାଣି ମାଳତୀ ଆଉ ରାକେଶର କଥାବାର୍ତ୍ତାର। ରାକେଶର ସେମିତି କିଛି ଠିକଣା ନଥିଲା । ଆଉ ରାକେଶ ତା'ର ମୋବାଇଲ୍‌କୁ ସୁଇଚଅଫ୍ କରି ଦେଇଥିଲା ।

ଆଜି ହଠାତ୍ ବଜାରରେ ମାଳତୀ ରାକେଶକୁ ଦେଖିଲା । ସେ ଦୌଡିକରି ଆସି ତା' ପାଖକୁ ଆସିଲା । ନିଜ ସାମନାରେ ଅଚାନକ ମାଳତୀକୁ ଦେଖି ରାକେଶ ଡରିଗଲା। ଏବେ ମାଳତୀ ଟିକେ ହସି ଦେଇ କହିଲା,ଆରେ ରାକେଶ ! ମୋତେ ଏଭଳି ରୂପରେ ଦେଖିକରି ତୁମେ ଚମକି ପଡିଲ କି ? ହଁ..ଶୁଣ ମୋର ଦେହ ଖରପା ହେଇନି କି ମୋର କିଡନୀ ଖରାପ ହୋଇନଥିଲା। ମୁଁ ତ କେବଳ ନିଜ ଫେସବୁକ୍ ସାଙ୍ଗକୁ ପରୀକ୍ଷା କରିବା ପାଇଁ ଏହି ନାଟକ କରିଥିଲି। ଏହା ଶୁଣି ରାକେଶ ମୁଣ୍ଡ ତଳକୁ କରି ସେଠାରୁ ଚୁପ୍‌ଚାପ୍ ଚାଲିଗଲା।

*୨୧୭,ୟୁନିଟ-୯(ଫ୍ଲାଟ), ବାୟାବାବା ମଠ ଲେନ, ଭୁବନେଶ୍ୱର-୨୨*
*ଦୂରଭାଷ : ୭୯୭୮୮୩୦୬୧୧*

## ନିତିଦିନ

ଡକ୍ଟର ମନୋରଞ୍ଜନ ବିଷୋୟୀ



ନିତି ଏଇ ଜୀବନରେ
ସୂର୍ଯ୍ୟର ପ୍ରତୀକ୍ଷା
କିନ୍ତୁ ସବୁବେଳେ
ଏ ସୂର୍ଯ୍ୟର ଆତ୍ମହତ୍ୟା
ପୂର୍ବରୁ ପଶ୍ଚିମ ପଥେ
ନିତି ଦେଖେ ଯେତେବେଳେ
ଏ ସୂର୍ଯ୍ୟଟା ଆତ୍ମହତ୍ୟା କରେ
ଅନ୍ଧାରର ବିସ୍ତୀର୍ଣ୍ଣ ସମୁଦ୍ରେ
ସେ ସମୟେ
ସମୟର ପଦପାଦ
ଆର ଦିନର ନବସୂର୍ଯ୍ୟ
ରକ୍ତିମ ଆଭାରେ ।
ଆଲୋକ ଓ ଅନ୍ଧାରର
ଲୁଚକାଳି ଦେଇ
ଆଜି ହୁଏ କାଲି
ଆଉ କାଲିର ସକାଳେ
ଅସରନ୍ତି ପ୍ରଶ୍ନବାଚୀ ?
କେବେ ହେବ ଆସନ୍ତା ଯୋଜନା
କେବେ ହେବ ବାହାଘର
ପୁଣି କେବେ ଦରମାର ବେଳ
ଚିକ୍‌ଣ ମୁହଁଟା ପୁଣି
ବ୍ରଣ ଦ୍ରଷ୍ଟ ହୁଏ
କାନକଡୁ ଧଳାବାଳ ନିମନ୍ତ୍ରଣ
ଏ ପ୍ରଶ୍ନର ସମାପ୍ତି ବା କେବେ ?
କେତେଦୂର ଏଇ ପଥ
କେବେ ଏଇ ଯାତ୍ରାର ସମାପ୍ତି
ଏ ଯନ୍ତ୍ରଣା ପ୍ରଶ୍ନବାଚୀ ଅନ୍ତରାଳେ
ସମୟର ପଦଚିହ୍ନ ଆସେ
ନୂଆ ସ୍ୱପ୍ନ ନେଇ
ସୂର୍ଯ୍ୟାସ୍ତ କ'ଣ ହେବ ?
ନୂଆ ହୁଏ ପ୍ରଭାତର
ଆଲୋକ କାଖେଇ
ଏଇ ମୃତ୍ୟୁ ଅନ୍ଧାରରୁ
ଆଲୋକର ଅସରନ୍ତି ଯାତ୍ରା ସ୍ୱପ୍ନ
ନୂଆ ମୋଡ଼ ନିଏ
ଅନ୍ଧାର ଓ ଆଲୋକ ସକାଳେ
ଏଇ ଯିବା ଆସିବାର ଅନ୍ତରାଳେ
ଏ ଜୀବନ ଚାହେଁ ଖାଲି
ଅନ୍ଧାରୁ ଆଲୋକ
ସମୟ ଓ ସମସ୍ୟାର ସୀମା ଡେଇଁ
କେଉଁ ଏକ ନିବିଡ଼ ଆଶ୍ଳେଷ ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର*
*ଦୂରଭାଷ:୮୮୯୫୧୪୧୭୨୭*

## ପୋଲ



ସ୍ନିଗ୍ଧା ପଣ୍ଡା

ନାଳ ଏ ପଟେ ଗୋଟେ ଛୋଟ କୁଡିଆ
ସେ ପଟେ କ୍ଷେତ
ନାଳ ଉପରେ ସରୁ ବାଉଁଶ ପୋଲ
ଦିନରେ କେତେଥର ଏପାଖ ସେ ପାଖ ହୁଏ
ହିସାବ ନ ଥାଏ
ଆକାଶରୁ ମେଘ ଓହ୍ଲାଏ, କାକର ଓହ୍ଲାଏ
ପୁଣି କେବେ ଖରା ବି ଓହ୍ଲାଏ
ସବୁ ଋତୁ ପାଣି ଅକାତକାତ
ନା ବଢେ ନା ଛିଡ଼େ ?
ଯୋଡୁଥିବା ପୋଲ ଦିନୁଁ ଦିନ
ଯେତେ ପୁରୁଣା
ସେତେ ସେତେ ଟାଣ ହେଉଥାଏ
ଯୋଡେଇ ତାର ଗହନ
ଆଉ ଗାଢ ହେଉଥାଏ
କ୍ଷେତରୁ ଧାନଫୁଲର ବାସ୍ନା,
ଜହ୍ନିଫୁଲର ପରାଗ ଆଉ ମଞ୍ଜି
କୁଡିଆ ଯାଏଁ
ସେମିତି ଆସୁଥାଏ
ତା' ଉପରେ ପାଦ ଥୋଇ
ମଞ୍ଜି ଭିତରୁ ଉଙ୍କି ମାରୁଥିବା ଜୀବନ
ସଜାଡି ହେଉଥାଏ ପୋଲ ଆଡେ ଚାହିଁ ?

*ପ୍ରଧାନ ଶିକ୍ଷୟତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ଲହଣ୍ଡା, ବରଗଡ-୭୬୮୧୧୧*

## ଶବ୍ଦ ଯେଉଁଠି ଶ୍ରାଦ୍ଧ ବାଢ଼େ

# "ଅନ୍ଧାରରେ ପିତାଙ୍କର ସ୍ୱର"



ଇପ୍‌ସିତା ଷଡଙ୍ଗୀ

ଏବେ ଏବେ ପ୍ରକାଶ ପାଇଛି ଏକ ହିନ୍ଦୀ କବିତା ସଙ୍କଳନ, "ଅନ୍ଧେରେ ମେଁ ପିତା କୀ ଆୱାଜ"। ଏହାକୁ ସମ୍ପାଦନା କରିଛନ୍ତି ବିହାର ବାସିନ୍ଦା ଯୁବ ହିନ୍ଦୀକବି ସତୀଶ ନୂତନ। ହାପୁଡର "ସମ୍ଭାବନା ପ୍ରକାଶନ", ୨୦୨୨ ମସିହାରେ ଏହାକୁ ପ୍ରକାଶିତ କରିଛନ୍ତି ଯେଉଁଥିରେ "ପିତା" ବିଷୟକୁ ଆଧାର ଭାବରେ ନେଇ ଭାରତୀୟ ଭିନ୍ନ ଭିନ୍ନ ଭାଷାର କବିତାର ହିନ୍ଦୀ ଅନୁବାଦ ସଙ୍କଳିତ। ଇଂରାଜୀ, ମରାଠୀ, ଓଡ଼ିଆ, ବଙ୍ଗଳା, ସଂସ୍କୃତ, ମାଲୟାଲମ୍, ଉର୍ଦ୍ଦୁ, ଗୁଜୁରାଟୀ, ନେପାଳୀ, ମଣିପୁରୀ, ହିନ୍ଦୀ, ସିନ୍ଧୀ ଓ ବଜ୍ଜିକା ଭାଷାର ଶହେ ପଚିଶଟି କବିତା ଏହା ଅନ୍ତର୍ଭୁକ୍ତ।

କବିତା ସଂକଳନର 'ପ୍ରସ୍ତାବନା'ରେ ବରିଷ୍ଠ କବି ବିଜୟ କୁମାର ମତ ରଖନ୍ତି, "ହିନ୍ଦୀ ଏବଂ ଅନ୍ୟ ଭାରତୀୟ ଭାଷାରେ ଲେଖା ହୋଇ ଚୟନ ହୋଇ ପ୍ରକାଶିତ ଏହି କବିତା ସଂକଳନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ସଂକଳନ ଅଟେ। ଏହି କବିତା ସମୂହ ପୀଢ଼ି ପୀଢ଼ି ମଧ୍ୟରେ ସମ୍ବନ୍ଧ ସୂତ୍ରକୁ ନିରିଖେଇ ଦେଖୁଛି - ସମୟ ବିତିଯାଉଥିବା ସତ୍ତ୍ୱେ, ଏସବୁକୁ ଯୋଡିବାର ପ୍ରୟାସ କରୁଛି; ତତ୍ ସଙ୍ଗେସଙ୍ଗେ, ବହୁ ଆୟତନ ବିଶିଷ୍ଟ ଅର୍ଥ ସଂରଚନା କରୁଛି ମଧ୍ୟ। ପିତା କେବଳ କୁଟୁମ୍ବ ବ୍ୟବସ୍ଥାର ମୁଖ୍ୟ ନୁହନ୍ତି, ବ୍ୟାପକ ଅର୍ଥରେ ସେ ଏକ ଘର, ଏକ ସମୟ ବୋଧ, ପୋଷଣ, ସଂରକ୍ଷଣ, ମୂଲ୍ୟଚେତନା, ବଂଶ ମର୍ଯ୍ୟାଦା ଏବଂ ସଂକ୍ରମଣଶୀଳ ସ୍ଥିତିର ଆଖ୍ୟାନ ମଧ୍ୟ।

ଏହି କବିତା ସଂକଳନର ସଂକଳିତ କରିବାର ପୃଷ୍ଠଭୂମିକୁ ମନେପକାଇ କବି ଶ୍ରୀ ନୂତନ କୁହନ୍ତି, ତାଙ୍କ ପିତା ହରିହର ପ୍ରସାଦ ଚୌଧୁରୀ 'ନୂତନ', ଜଣେ ଲୋକପ୍ରିୟ କବି ଥିଲେ। ତାଙ୍କ କବିତା ଆବୃତ୍ତି କରିବାର ଶୈଳୀ, ଲିଖନ ତାଙ୍କୁ 'କବିଜୀ' ନାମରେ ଖ୍ୟାତି ଦେଇଥିଲା। ମାତ୍ର ଯେବେ ସେ କ୍ୟାନ୍‌ସରରେ ମୃତ୍ୟୁବରଣ କଲେ, ସେବେ ମରଶରୀରକୁ ଶ୍ମଶାନ ଯାଏଁ ନେବାପରେ, ସେଠି, ତାଙ୍କ 'ସମାଜ'ରର ଲୋକ, କ୍ୟାନ୍‌ସରରେ ମୃତ୍ୟୁ ଲଭିଥିବା "କବିଜୀଙ୍କ" ମରଶରୀରକୁ ଅଗ୍ନିକୁ ସମର୍ପିତ କରାଯାଇ ପାରିବ ନାହିଁ କହି ବିତର୍କ ସୃଷ୍ଟି କଲେ। କିଂକର୍ତ୍ତବ୍ୟବିମୂଢ଼ କବିପୁତ୍ର ସତୀଶ ନୂତନ, ତାଙ୍କ ସମସ୍ତଙ୍କ କଥା ମୁତାବକ ନିଜ ବାବୁଜୀଙ୍କୁ ଅଗ୍ନିଦାହ ନକରି, ଜଳରେ ବିସର୍ଜନ କରିବା ପାଇଁ ବାଧ ହୋଇ ସମ୍ମତ ହେଲେ। "ତୁମ ବାପାଙ୍କୁ କ୍ୟାନ୍‌ସର ହୋଇଥିଲା ନା, ସେଥିପାଇଁ ସେ ଅଗ୍ନିରେ ଦାହ ହେଇ ପାରିବେନି।" ଏହା ଥିଲା ସେମାନଙ୍କ ଯୁକ୍ତି। ସେମାନଙ୍କ କଥାନୁସାରେ ୫/୬ଟି ମାଟି ଘଡି ମଗାହୋଇ ଆସିଲା। ସବୁକୁ ବାଲିରେ ବର୍ତ୍ତି କରାଗଲା ଓ ମରଶରୀରରେ ସେ ସବୁ ଘଡିକୁ ବାନ୍ଧି ଦିଆଗଲା। ମୁହଁରେ ମହୁ, ମିଶ୍ରୀ ଆଦି ଦିଆଗଲା। ନାବିକକୁ ଡାକି ଡଙ୍ଗାରେ ଶବ ଉଠେଇ ନାରାୟଣୀ ନଦୀର ମଝାମଝି ବାବୁଜୀଙ୍କୁ ଜଳ ବିସର୍ଜନ କରାଗଲା। ତା'ପରେ ଆହୁରି ଅନେକ ନିରର୍ଥକ ଉପଚାର। ଘରେ ଫେରିବାର ଚାରିଦିନ ଯାଏ କାଠ କଣ୍ଢେଇ ପରି ବ୍ରାହ୍ମଣଙ୍କ କଥାନୁସାରେ ବିଧିବ୍ୟବସ୍ଥା, ସଂସ୍କାର କାମ ଚାଲୁଥାଏ ସିନା, ଏ କର୍ମକାଣ୍ଡକୁ କବିପୁତ୍ର ସତୀଶ କିନ୍ତୁ ହୃଦୟର ସହ ଗ୍ରହଣ କରିପାରୁନଥାନ୍ତି। ସେତେବେଳୁ ହିଁ ସେ ମନ ଭିତରେ ସ୍ଥିର କରିନେଇଥିଲେ ଯେ କବିପିତାଙ୍କ ଶ୍ରାଦ୍ଧ ଆଉ ଥରେ କରାହେବ - କବିମାନଙ୍କୁ ପଣ୍ଡିତ ଓ କବିତାକୁ ମନ୍ତ୍ର ମାନିକରି। ଏ ସଙ୍କଳନ ସେହି ମନସ୍ଥିତିର ପ୍ରତିଫଳନ ହିଁ।




ଭାରତୀୟ ସମାଜରେ ପିତାଙ୍କର ଅନେକ ରୂପ। ଏ ସଂକଳନସ୍ଥ କବିତାରେ ପିତାଙ୍କ ପ୍ରତି କୃତଜ୍ଞତା ଅଛି, ଅଛି ପିତାଙ୍କ ପ୍ରତି ସଂବେଦନା ଓ ଅମାପ ପ୍ରେମ। ଅଛି ମଧ୍ୟ ପିତାଙ୍କ ବିପକ୍ଷରେ ସନ୍ତାନସନ୍ତତିଙ୍କ କ୍ଷୋଭଭରା ଆବେଗ ଓ ତା'ର ଶବ୍ଦ ରୂପ। ମୁଖବନ୍ଧରେ ବରେଣ୍ୟ କବି ସ୍ୱପ୍ନିଲ୍ ଶ୍ରୀବାସ୍ତବଙ୍କ ଦ୍ୱାରା ରଚିତ ଏକ ସଂଦର୍ଭ ରହିଛି, ଯେଉଁଠି ସେ ବିଭିନ୍ନ ଭାଷାର ପିତାଙ୍କୁ ନେଇ ରଚିତ କବିତାର ସ୍ୱତନ୍ତ୍ରତା ସମ୍ପର୍କରେ ଆଲୋଚନା କରିଛନ୍ତି। ତାଙ୍କ ମତରେ, ପୁରୁଷ କବିମାନଙ୍କ ଠାରୁ ନାରୀ କବିମାନଙ୍କ କବିତାର ସଂବେଦନା ଏକଦମ୍ ଅଲଗା। ସେମାନେ ପିତାଙ୍କର ବେଶୀ ଅନ୍ତରଙ୍ଗ ହୋଇପାରିଥା'ନ୍ତି ଏବଂ ପିତାଙ୍କ ସ୍ମୃତିକୁ ସତେଜ ଏବଂ ସୁରକ୍ଷିତ ରଖିଥାଆନ୍ତି। ଏଣୁ ସେମାନଙ୍କ ଭାଷା ବେଶୀ ଆତ୍ମୀୟ ଲାଗେ। ଏହି ପରିପ୍ରେକ୍ଷୀରେ କବି ଶ୍ରୀବାସ୍ତବ ବଙ୍ଗଳା କବି ନବନୀତା ଦେବସେନ, ମରାଠୀର ମଲିକା, ଅମର ଶେଖ, ଅନୁରାଧ ପାଟିଲ (ମରାଠୀ), ଓଡ଼ିଆର ରଂଜିତା ନାୟକ, ଇପ୍‌ସିତା ଷଡଙ୍ଗୀ ଏବଂ ମଣିପୁରୀ କବି ଅପର୍ଣ୍ଣା ସିହ୍ନାଙ୍କ କବିତାର ଆଲୋଚନା କରନ୍ତି, ଏବଂ ସଂଗ୍ରହକୁ ଏହି ନାରୀକବିମାନଙ୍କ କବିତା ସ୍ମରଣୀୟ କରିପାରିବ ବୋଲି ମତ ରଖନ୍ତି।

ଭାରତୀୟ ଭାଷାରେ ରଚିତ ଏବଂ ହିନ୍ଦୀ ଅନୁଦିତ ଏହି ସଂକଳପର ପ୍ରାୟ ପ୍ରତ୍ୟେକ କବିତା ନିଜ ନିଜ ପିତାଙ୍କ ମହନୀୟ ବ୍ୟକ୍ତିତ୍ୱକୁ ନେଇ। ଅନେକ କବିତାରେ ପିତାଙ୍କ ତ୍ୟାଗ ଓ ନିଜକୁ ନିଃଶେଷ କରିଦେବାର ସ୍ୱରୂପ ପ୍ରତିଫଳିତ। କେଉଁଠି ପିତା ଜଣେ କୃଷକ, ଏବଂ କବି ନିଜ କୃଷକ-ପିତାର ସ୍ୱାଭିମାନକୁ ନେଇ ନିଜେ ସ୍ୱାଭିମାନୀ, ବିନୟ କୁମାରଙ୍କ କବିତା - "ଆଜି ବି ବାବୁଜୀ ସେମିତି ହିଁ ଅଛନ୍ତି / ପୃଥିବୀ ଉପରେ ପୃଥିବୀ ଆଡକୁ ଚାହିଁ ଚାଲୁଛନ୍ତି / ଆଜି ପର୍ଯ୍ୟନ୍ତ ଆକାଶ ଆଡକୁ ଦେଖିବାର ମୁଁ ଦେଖିନି ତାଙ୍କୁ/ ନା ସେ କେବେ ମୁଣ୍ଡ ନୁଆଁଇଛନ୍ତି ମନ୍ଦିର ଆଗରେ..../ ମୁଁ ଗର୍ବ କରି କହେ ଯେ / ମୁଁ ଏମିତି ଏକ କୃଷକର ପୁଅ / ଯିଏ କେବଳ ଖେଳ ସାମ୍ନାରେ ହିଁ ମୁଣ୍ଡ ନୁଆଁଏ।" (ପୃ-୨୪୧)

ସେମିତି ହିନ୍ଦୀ କବି ରାକେଶ ରେଣୁ ଲେଖନ୍ତି - "ଦୁନିଆର ସବୁଠାରୁ ବଡ ଟେଲିଭିଜନ ଥିଲା ବାବୁଜୀଙ୍କ ଆଖି / ଯାହା ଜରିଆରେ ଦେଖି ହେଉଥିଲା / ଦୁନିଆଯାକର ଭିନ୍ନ ଭିନ୍ନ ଦୃଶ୍ୟ / ବୁଝି ହେଉଥିଲା ସଂସାର ଆଉ ମଣିଷ।" (ପୃ-୨୪୨)

ପିତାଙ୍କୁ ନେଇ କବିମାନଙ୍କ ତୁଳନା ଅନନ୍ୟ। ପ୍ରସିଦ୍ଧ କବି ସୀତାକାନ୍ତ ମହାପାତ୍ରଙ୍କ କବିତାରେ - ପିତାଙ୍କ ଅନୁପସ୍ଥିତିର ବର୍ଣ୍ଣନା - ତେଲ ଚିକିଟା ପୁରୁଣା ବେତ ଚୌକୀ ଉପରେ / ଶୂନ୍ୟତା ଜାକିଜୁକି ହୋଇ ବସିପଡିଛି ଯେମିତି। (ପୃ-୪୯), ପଂଜାବୀ କବି ପାଶ୍ ଲେଖନ୍ତି, "ଏବେ ତୁମେ ମୋ ସ୍କୁଲ ଫିସ୍ କଥା ଚିନ୍ତା କରନା / ମୁଁ ଏବେ କୌଟିଲ୍ୟଙ୍କ ଦ୍ୱାରା ଲେଖାଯାଇଥିବା ଶାସ୍ତ୍ର ଲେଖିବାକୁ / ଆଉ ସ୍କୁଲ୍ ଯିବିନି।" (ପୃ-୮୪) ଗୁଜୁରାଟୀ କବି ରାଜେନ୍ଦ୍ର ପଟେଲ୍‌ଙ୍କ କବିତାରେ ଏକ ସୁନ୍ଦର ଚିତ୍ର ଓ ଅନୁଭବ ପିତାଙ୍କର। ଯେମିତି- 'କେତେଥର ଅନ୍ଧାର ରାତିରେ / ତାରା ଭରା ଆକାଶ ଯେବେ ଦେଖେ / ମତେ ଲାଗେ / ବାବୁଜୀଙ୍କ ସେଇ କଳା ଛତା।" (ପୃ-୬୭) ଓଡ଼ିଆ କବି ଇପ୍‌ସିତା ଷଡଙ୍ଗୀଙ୍କ କବିତାରେ ପିତାଙ୍କୁ ନେଇ ତାଙ୍କ୍ ଅନନ୍ୟ ଅନୁଭବ ତାଙ୍କ ଶବ୍ଦରେ ଯେମିତି - "ଏବେ ଜହ୍ନ ଆଗରେ / ନଡିଆ ବାହୁଙ୍ଗା ବାଟ ଓଗାଳିଲେ / ତମ ଶବ୍ଦଙ୍କ ହାତ ଧରେ / ଶବ୍ଦ ସବୁ ଓଦା ଲାଗନ୍ତି ମତେ / ମୁଁ ତମ ନିଃଶ୍ୱାସର ଏମିତି ପବନ ଖିଏ / ସ୍ୱପ୍ନର ଫୁଲ ଉଡଉ ଉଚିଉ / ସଂଜ ନଇଁ ଯାଏ।" (ପୃ-୫୬) ପିତାଙ୍କ ଅବର୍ତ୍ତମାନରେ ଓଡ଼ିଆ କବିଙ୍କ ଯନ୍ତ୍ରଣା ଅନେକ ବାଗରେ ରୂପ ନେଇଛି ଯେଉଁଠି ଭିନ୍ନ ଭିନ୍ନ ଭାଷାରେ। ସଂସ୍କୃତିର ବାସ୍ନା ଆହରଣ କରିବାକୁ ମିଳେ। ଓଡ଼ିଶାର ବରେଣ୍ୟ କବି ରଂଜିତା ନାୟକଙ୍କ କିତା - "ଆଜି କିଛି ମନେପଡେନି / ନା ବୃଢ଼ୀ ରାକ୍ଷସୀକୁ ମନେଇବାର ମନ୍ତ୍ର / ନା ବାଘ ସହ ଲଢ଼େଇ କରିବାର କୌଶଳ।" (ପୃ-୫୨)

ପିତାଙ୍କ ପାଖଷର ଅବୁଝା ରହିବ, ପିତାଙ୍କୁ ଆକାଶଠାରୁ ବି ବିସ୍ତୀର୍ଣ୍ଣ ବୋଲି ତୁଳନା କରିବାରେ ଖୁବ୍ ଚମତ୍କାର ଲାଗୁଛି କବି ପ୍ରବାସିନୀ ମହାକୁଡ ଓ ଗାୟତ୍ରୀବାଳା ପଣ୍ଡାଙ୍କ କବିତା। ପିତା-ପୁତ୍ରୀ ମଧ୍ୟରେ ଅନ୍ତହୀନ ସମ୍ପର୍କ କଥା କୁହେ କବି ଅପର୍ଣ୍ଣ ସିହ୍ନାଙ୍କ କବିତା ତା ଜାଜୁଲା ଗୌରୀଙ୍କ କବିତା ପିତାପୁତ୍ରୀର ସମ୍ପର୍କକୁ ଅନନ୍ୟ ସେତୁ ସହ ତୁଳନା କରେ। ନୀଲିମ କୁମାରଙ୍କ ଆସାମୀ କବିତା ପିତାଙ୍କୁ ନେଇ ପୁତ୍ରର କ୍ଷୋଭକୁ ଏକ ଚମତ୍କାର କଳାତ୍ମକତା ସହ ପ୍ରସ୍ତୁତ କରିଛି। ସେ ଲେଖନ୍ତି "ପିତା/ଆପଣଙ୍କ ମହାନାୟକର ନାଟକୀୟ ଖେଳ / ଯାହା ଏବେ ବିଷାକ୍ତ ହୋଇସାରିଛି / ମୁଁ ତା' ଭିତରେ ଅଭିନୟ କରିପାରିବିନି ମୋ ପ୍ରିୟ ଫାଦର୍ / ମତେ ଦୟାକରି ଏଥିରୁ / ମୁକ୍ତ କରିଦିଅନ୍ତୁ।" (ପୃ-୩୮) ସେହିପରି ତାମିଲ୍ କବି ସୁକୁମାରନ, ନିଜ ଯନ୍ତ୍ରଣା ଓ କ୍ଷୋଭ ବୟାନ କରିଛନ୍ତି - "ଆପଣ ସେଇ ହିଁ / ଯିଏ ମୋ ସଂଗୀତରେ ବସନ୍ତକୁ ଅବରୁଦ୍ଧ କରିଥିଲେ / ମାତ୍ର / ସେ ଗୁଂଜରି ଉଠିଥିଲା ମୋ ଶିରାପ୍ରଶିରାରେ।" (ପୃ-୭୩) ନିଜ ପିତାଙ୍କ କାର୍ଯ୍ୟକଳାପକୁ ସେ ତାଙ୍କ "ଡେଣା କାଟି ଦେବା" ସହ ତୁଳନା ମଧ୍ୟ କରିଛନ୍ତି।

ଭିନ୍ନଭିନ୍ନ ଭାବ, ସାଂସ୍କୃତିକ ପରିଭାଷା, ଭିନ୍ନଭିନ୍ନ କଳ୍ପନା ଓ ଯନ୍ତ୍ରଣାକୁ ଏକତ୍ରିତ କରୁଥିବା ଏହି ସଂକଳନ "ଅନ୍ଧେରେ ମେଁ ପିତାକୀ ଆୱାଜ୍"। ପିତାଙ୍କ ପ୍ରତି ସନ୍ତାନ ମତ ଭିତରର ଭଲପାଇବା, ଭକ୍ତି ବିଶାଳତା ଆଦି ଭାବାବେଗରେ ମିଶ୍ରଣ। ଅନେକ ରଙ୍ଗର ଫୁଲମାଳର ବୈଚିତ୍ର୍ୟ ଓ ସୁନ୍ଦରତା, ଅନେକ ଭିତରେ ଐକ୍ୟ ପରି ଏକ ମହନୀୟ ଭାବକୁ ବହନ କରୁଥିବା ଏହି କାବ୍ୟ-ସଂକଳନଟି ଅନେକ ପାଠକୀୟ ଆଦୃତି ଲାଭ କରୁ, ଏତିକି କାମନା।

*ଅଧ୍ୟାପିକା, ଇଂରାଜୀ ବିଭାଗ*
*ଏ-୩୦୩, ପଣ୍ଡା ରେସିଡେନ୍ସୀ*
*ସତ୍ୟଭାମାପୁର, ଭୁବନେଶ୍ୱର*
*(ବିଜେଇଏମ୍ ସ୍କୁଲ-୨ ପାଖ)*
*ଫୋନ୍-୯୯୩୮୩୭୦୨୯୮*



# ନାରାୟଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



**ଜଗତ୍‌ସିଂହପୁର :** ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ଗ୍ରା.ପ.ର ଆରାଧ୍ୟ ଦେବୀ ନାରାୟଣୀଙ୍କ ପାଂଚଦିନ ବ୍ୟାପୀ ବୀଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଯଜ୍ଞ ଉତ୍ସବ ପାଇଁ ଶହ ଶହ ସଂଖ୍ୟାରେ ମହିଳାମାନେ ମହାନଦୀ ଘାଟରୁ କଳସରେ ଜଳ ଆଣି ଯଜ୍ଞ ମଣ୍ଡପରେ ପହଂଚିଥିଲେ। ବଡ ବଡ ପଣ୍ଡିତ ମାନେ କଳସମାନ ସ୍ଥାପନ କରି ସୂର୍ଯ୍ୟପୂଜା, ଗୋପୂଜା ଓ ଷୋଡଶ ଉପଚାର ପୂଜା କରିଥିଲେ। ପ୍ରତିଦିନ ଶହ ଶହ ସଂଖ୍ୟାର ଘୃତ ଆଳତୀ କରାଯିବା ସହିତ ହଜାର ହଜାର ସଂଖ୍ୟାର ଶ୍ରଦ୍ଧାଳୁମାନେ ପ୍ରସାଦସେବନ କରିଥିଲେ। ଦୀର୍ଘ ୪୨ବର୍ଷ ଧରି ମହାନଦୀ କୂଳରେ ଅବସ୍ଥିତ ହୋଇ ନାରାୟଣୀ ଠାକୁରାଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ପାଳିତ ହୋଇଆସୁଅଛି। ଏହି ଅନୁଷ୍ଠାନଟିର ମୁଖ୍ୟ ଉଦ୍ୟୋକ୍ତା ମାନଙ୍କ ମଧ୍ୟରୁ ଅତୁଲ୍ୟ ପରିଡା ଓ ବିଷ୍ଣୁଚରଣ ସେଠୀଙ୍କ ଦେହାନ୍ତ ହୋଇଥିଲେ ବି ସେମାନଙ୍କ ପୁଅ ଓ ବୋହୂମାନଙ୍କ ଅବଦାନ ରହିଅଛି। ଏହି ନାରାୟଣୀ ଠାକୁରାଣୀଙ୍କ କରୁଣାରୁ ବହୁ ଗ୍ରହଧ୍ୱଷ୍ଟ ଖଣ୍ଡନ ହୋଇଥାଏ। ଏପରିକି ହଜି ଯାଇଥିବା ପୁଅ ଓ ଝିଅମାନଙ୍କ ବାପା, ବୋଉଙ୍କ ମାନସିକ ଯୋଗୁ ସେମାନେ ମିଳିଥାନ୍ତି। ଏଠାରେ ବଡବଡ ବିବାହ କାର୍ଯ୍ୟ ମଧ୍ୟ ଅନୁଷ୍ଠିତ ହୋଇଥାଏ। ଏହି ନାରାୟଣୀଙ୍କ ପୀଠରେ ଦଶହରା ପାର୍ବଣ ପୂଜା ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଥାଏ। ଏପରିକି ୨ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ଜିଲ୍ଲାର ବୁଦ୍ଧିଜୀବିମାନେ ପ୍ରତିଦିନ ଏକ କମିଟି କରି ପ୍ରତିଦିନ ଭୋଜନ କରିଥାନ୍ତି ଓ ପୀଠର ଉନ୍ନୟନ କାର୍ଯ୍ୟରେ ସହାୟତା ପ୍ରଦାନ କରିଥାନ୍ତି। ଏହି ନାରାୟଣୀ ପରିଚାଳନା କମିଟିର ସଦସ୍ୟ ତ୍ରିଲୋଚନ ପଣ୍ଡା, ବସନ୍ତ କୁମାର ଦାସ, ରାଜିବ ଲୋଚନ ସାହୁ, ନାରାୟଣ ରାଉତ, ଅରକ୍ଷିତ ବିଶ୍ୱାଳ, ମାନସ ରାଉତ, ପ୍ରମୋଦ ନାୟକ, କୈଳାସ ଚନ୍ଦ୍ର ସାହୁ, ଅର୍ନ୍ତଯ୍ୟାମୀ ରାଉତ, ଲିପନ ସାହୁ, ପ୍ରତାପ ଚନ୍ଦ୍ର ରାଉତ, ଜ୍ଞାନରଞ୍ଜନ ଦାସ, ତାରପୁର ସରପଂଚ ସୁଷମା ମଲ୍ଲିକ, ସମିତିସଭ୍ୟା ପୂଜାଲତା ଦାସ ଓ ସମସ୍ତ ଯୁବଗୋଷ୍ଠୀ ମାନେ ମିଳିମିଶି ସହଯୋଗ କରିଥାନ୍ତି। ଏହି ପୂର୍ଣ୍ଣାହୁତି କାର୍ଯ୍ୟକ୍ରମର ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମଟି ଖୁବ୍ ଆକର୍ଷଣୀୟ ଲାଗିଥିଲା। ଏହି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ଜଣେ ଯୁବଗାୟକ ଯାହାଙ୍କ କଣ୍ଠରେ ସ୍ୱର ଶୁଣିଲେ ଭକ୍ତ ଗଣ ବି ଅଟକି ଯାଆନ୍ତି ରାସ୍ତାରେ ଦେଖିବା ପାଇଁ। ସେ ହେଉଛନ୍ତି ସମସ୍ତଙ୍କ ପ୍ରିୟପାତ୍ର ଶିବପ୍ରସାଦ ଦାସ(ଶିବନନା) ତାଙ୍କ ଭଜନ ସନ୍ଧ୍ୟା ଖବର ଶୁଣି ହଜାର ହଜାର ଭକ୍ତମାନେ ବିଭିନ୍ନ ଟେସନାରୀ ଦୋକାନ, ଜଳଖିଆ ଦୋକାନ, ଆଇସ୍‌କ୍ରିମ୍ ଦୋକାନ ପାଖକୁ ନଯାଇ ରାସ୍ତା ଉପରେ ଠିଆ ହୋଇରହିବା ଏକ ରୋମାଞ୍ଚକର ପରିବେଷଣ ସୃଷ୍ଟି କରିଥିଲା। ଭକ୍ତମାନଙ୍କ ସୁରକ୍ଷା ପାଇଁ ରଘୁନାଥପୁର ଥାନା ପୋଲିସ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡି ଟାର୍ଗେଟରେ ...

ଓଡ଼ିଆ ବିରୋଧୀ ଓ ଓଡ଼ିଆ ସ୍ୱାଭିମାନ ବିରୋଧୀ ରାଜ୍ୟ ବିଜେପି ଓ ରାଜ୍ୟ କଂଗ୍ରେସର ମନୋଭାବକୁ ବିଜେଡି ଦୃଢ଼ ନିନ୍ଦା କରୁଛି ଓ ଏହି ଘଟଣାରେ ତୁରନ୍ତ ଉଭୟ ଦଳର ରାଜ୍ୟ ନେତୃତ୍ୱ ନିଜ ନିଜର ଜାତୀୟ ନେତୃତ୍ୱଙ୍କ ମାଧ୍ୟମରେ ସମାଧାନ ପାଇଁ ଚାପ ପକାନ୍ତୁ ବୋଲି ବିଜେଡି ଦାବି କରିଛି। ଅନ୍ୟପକ୍ଷରେ ରାଜ୍ୟ ବିଜେପି ମୁଖପାତ୍ର ଦିଲ୍ଲୀପ ମଲ୍ଲିକ ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାର ଦାୟିତ୍ୱ ନିର୍ବାହ ନକରି ନିଜ ଦଳ ମାଧ୍ୟମରେ ମିଛ ବିବୃତ୍ତି ରଖୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ମହାନଦୀ ପ୍ରସଙ୍ଗରେ କ'ଣ ସବୁ ପଦକ୍ଷେପ ନେଇଛନ୍ତି ତାହା ରାଜ୍ୟବାସୀଙ୍କୁ ଜଣାଇବାକୁ ସେ ଦାବି କରିବା ସହ ମହାନଦୀ ସମସ୍ୟା ପାଇଁ କେବଳ ବିଜେଡି ସରକାର ଦାୟୀ ବୋଲି ସେ କହିଛନ୍ତି। ବିଜୁ ଜନତା ଦଳ ୨୩ବର୍ଷ ଧରି ସରକାରରେ ରହି ଶାସନ କରୁଛନ୍ତି ନା ମଇଦାନରେ ଫୁଟବଲ ଖେଳୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ସରକାର ଯେତେବେଳେ ଡ୍ୟାମ ନିର୍ମାଣ କରୁଥିଲେ ଆରମ୍ଭରୁ ଓଡ଼ିଶା ସରକାର ଶୋଇଥିଲେ କାହିଁକି ? ମହାନଦୀ ଟ୍ରିବ୍ୟୁନାଲରେ ଓଡ଼ିଶା ସପକ୍ଷରେ ତଥ୍ୟ ପ୍ରମାଣ ସହ ଯୁକ୍ତି ଉପସ୍ଥାପନ କରିବାରେ ରାଜ୍ୟ ସରକାରଙ୍କ ଅକ୍ଷମତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପ୍ରଥମରୁ ମୁଖ୍ୟମନ୍ତ୍ରୀଙ୍କ ହାତରେ ଜଳସେଚନ ବିଭାଗ ରହିଆସିଛି। ମହାନଦୀ ଶୁଖିଲା ପଡ଼ିବା ଏବଂ ରାଜ୍ୟରେ ଜଳସେଚନର ଅଗ୍ରଗତି ନହେବା ପାଇଁ ରାଜ୍ୟ ସରକାରଙ୍କ ଅପାରଗତା ହିଁ ଦାୟୀ। ଏବେ ମହାନଦୀ କଥା ଉଠିଲେ ବିଜେଡି ନିଜର ଦୋଷ ଘୋଡ଼ାଇବା ପାଇଁ କେବଳ ଅନ୍ୟ ଉପରେ ଦୋଷ ଲଦି ମିଛ ବିବୃତି ରଖୁଛି। ମହାନଦୀକୁ ନେଇ ରାଜନୀତି ବିଜେଡି ନାରାବାଜି କରୁଛି ଓ ବିଜେଡିର ଏପରି ମାନସିକତାକୁ ଓଡ଼ିଶାବାସୀ ଆଦୌ କ୍ଷମା ଦେବେ ନାହିଁ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ଝାରସୁଗୁଡ଼ା ଉପନିର୍ବାଚନ ଥିବାରୁ ମହାନଦୀ ପ୍ରସଙ୍ଗ ଉଠାଇ ବିଜେଡି ଚାଲାକି କରୁଛି। ପ୍ରଥମେ ମହାନଦୀ ଉପରେ ଛତିଶଗଡ଼ ବନ୍ଧ ବାନ୍ଧିବା ପ୍ରସଙ୍ଗରେ କଂଗ୍ରେସ ହିଁ ପ୍ରଶ୍ନ ଉଠାଇଥିଲା। ସର୍ବଦଳୀୟ ବୈଠକ ଡାକିଥିଲା। କିନ୍ତୁ ଶାସକ ଦଳର କେହି ଯୋଗ ଦେଲେନି। ସେତେବେଳେ ଜଳସମ୍ପଦ ସଚିବ ମଧ୍ୟ ଗଣମାଧ୍ୟମରେ ବୟାନ ଦେଇଥିଲେ ଯେ, ଛତିଶଗଡ଼ ଶହେ ବନ୍ଧ ବାନ୍ଧିଲେ ବି ଓଡ଼ିଶାକୁ ପ୍ରଭାବ ପଡ଼ିବ ନାହିଁ। ଆଉ ଏବେ ସ୍ଥିତି କ'ଣ ? ତେଣୁ ବିଜେଡି ନିଜ ଅବହେଳାରୁ ମହାନଦୀ ଶୁଖିଲା ପଡ଼ିଛି ଓ ନିଜ ଦାୟିତ୍ୱ ବିଜେଡି ସରକାର ନିଜେ ଭୁଲି ଯାଇ ଅନ୍ୟ ଉପରେ ଦୋଷ ଲଦୁଛନ୍ତି ବୋଲି ଶ୍ରୀ ବାହିନୀପତି କହିଛନ୍ତି।

### ବିଜେଡିକୁ ନିର୍ବାଚନ ...

ସହ ୫ ଗୋଟି ଉଦାହରଣ ଦେଇଛନ୍ତି। ସେ କହିଛନ୍ତି ଯେ, ପ୍ରଥମ-ଟି ଅର୍ଥାତ ଟ୍ରାନ୍ସପରେନ୍ସି ବା ସ୍ୱଚ୍ଛତାର ଡିଣ୍ଡିମ ସରକାର ପିଟୁଛନ୍ତି କିନ୍ତୁ ପାନୀୟ ଜଳ ପ୍ରକଳ୍ପ ଓ ଉପଲବ୍ଧି ସଂକ୍ରାନ୍ତରେ ପ୍ରଶ୍ନ କଲେ 'ତଥ୍ୟ ସଂଗ୍ରହ କରାଯାଇଛି' ବୋଲି ଉତ୍ତର ମିଳୁଛି।ଦ୍ୱିତୀୟ 'ଟି' ସମୟସୀମା ମଧ୍ୟରେ ନିର୍ମାଣ ଶେଷ କଥା କୁହାଯାଉଛି। କେବଳ ହକି ଷ୍ଟାଡ଼ିୟମ ନିର୍ମାଣକୁ ବାଦ୍ ଦେଲେ ସବୁ ଅତ୍ୟାବଶ୍ୟକୀୟ ପ୍ରକଳ୍ପ ଦୀର୍ଘବର୍ଷ ଧରି ପଡ଼ି ରହିଛି। ତୃତୀୟଟି ହେଉଛି ଟେକ୍ନୋଲୋଜି। ନବରଙ୍ଗପୁରର ବୃଦ୍ଧ ବ୍ୟକ୍ତି ନିଜର ଭତ୍ତା ପାଇଁ ଚୌକିକୁ ଆଶାବାଡ଼ି କରି ବ୍ୟାଙ୍କ ଧାଉଁଛି, ଏଥିରୁ ଟେକ୍ନୋଲୋଜିର ଉପଯୋଗ ଜଣାପଡୁଛି। ସେହିପରି ଚତୁର୍ଥ 'ଟି' ଟ୍ରାନ୍ସଫରମେସନର କଥା କୁହେ, କିନ୍ତୁ ଏହା କେବଳ ବାହ୍ୟ ରୂପାନ୍ତରଣରେ ସୀମିତ। ସ୍କୁଲ ଗୁଡ଼ିକରେ ଘର ଓ ଶିକ୍ଷକ ଏବଂ ହସ୍ପିଟାଲରେ ଡାକ୍ତର ନଥିବାରୁ ଏହି ରୂପାନ୍ତରୀକରଣ ଅର୍ଥହୀନ ହୋଇପଡ଼ିଛି। ପଞ୍ଚମ 'ଟି' ଟିମ୍ ୱାର୍କର ବିଜ୍ଞାପନ ହେଉଛି କିନ୍ତୁ ଏହା ବାସ୍ତବରେ ରାଜ୍ୟବାସୀ ନୁହେଁ ସରକାରୀ ଦଳର ସ୍ୱାର୍ଥପାଇଁ ସରକାରୀ କଳର ଦୁରୁପଯୋଗ କରାଯାଉଛି। ଦଳ ସମୃଦ୍ଧ ହେଉଛି ରାଜ୍ୟ ଦରିଦ୍ର ହେଉଛି। ସବୁ ନୀତି, ନିୟମକୁ ଜଳାଳି ଦିଆଯାଉଛି। ସେହିପରି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ, ଏବେ ଖରାଦିନେ ଦୁଇଟି ମୁଖ୍ୟ ପ୍ରସଙ୍ଗ ହେଉଛି ପାନୀୟ ଜଳ ସଂକଟ ଓ ପାୱାରକଟ୍ ଯୋଗୁ ବିଦ୍ୟୁତ ଖାଉଟି ହନ୍ତସନ୍ତ। ଓଡ଼ିଶାର ଅଧା ଜିଲ୍ଲା ଅର୍ଥାତ୍ ୧୫ ଟି ଜିଲ୍ଲାରେ ୪୦.୫% ଲୋକ ସ୍ୱଚ୍ଛ ପାନୀୟ ଜଳ ପାଇବାର ବଞ୍ଚିତ। ଆତ୍ମଶକ୍ତି ତଥା ଓଡ଼ିଶା ଶ୍ରମଜୀବି ଓ ମହିଳା ସଂଗଠନର ମିଳିତ ଉଦ୍ୟମରେ ପ୍ରସ୍ତୁତ ରିପୋର୍ଟରୁ ଏହା ଜଣାପଡ଼ିଛି। ଏହି ୧୫ ଟି ଜିଲ୍ଲା ମଧ୍ୟରେ ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ସୁନ୍ଦରଗଡ଼, ଗଜପତି ତଥା ଦେଓଗଡ଼ ଆଦି ଜିଲ୍ଲା ସାମିଲ ଅଛି। ଅନୁରୂପ ଭାବରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଅଘୋଷିତ ବିଦ୍ୟୁତକାଟ କରାଯାଉଛି। ଭୋଲଟେଜ ଲୋ ରହୁଛି ଓ ବିଜୁଳି ଉପଭୋକ୍ତା ଯନ୍ତ୍ରଣାରେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଓ ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ ଉପସ୍ଥିତ ଥିଲେ।

### ଓଡ଼ିଶାରେ 'ବାବୁମାନେ' ...

ଗ୍ରହଣ କରିବାର ଥିଲା। ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି ଯେ, ରାଜ୍ୟରେ ହିନ୍ଦୁ ସମୁଦାୟକୁ ଟାର୍ଗେଟ୍ ପାଇଁ ଉଦ୍ୟମ ହୋଇଛି। ହିଂସାକାଣ୍ଡରେ ବହୁ ଲୋକ ହତାହତ ହେଲେ, ବହୁ ସମ୍ପତ୍ତି ହାନି ହେଲା। ପରବର୍ତ୍ତୀ ଅବସ୍ଥା ନିୟନ୍ତ୍ରଣ ପାଇଁ ଯେଉଁ ଦାୟିତ୍ୱ ନେବା କଥା ତାହା ପ୍ରଶାସନ ନେଉନାହିଁ। ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ପୁଲିସ ନିର୍ଦ୍ଦିଷ୍ଟ ଭାବେ ଆରୋପ କରି ଦୋଷୀ କରିବାକୁ ଚେଷ୍ଟା କରୁଛି। ଏକତରଫା ଭାବେ ପୁଲିସ ଡିଜି, ସ୍ଥାନୀୟ ଡିଆଇଜି ଓ ସେଠାକାର ଏସପି କାମ କରୁଛନ୍ତି। ଏହାକୁ ବିଜେପି ପ୍ରଥମ ଦିନରୁ ଆପତ୍ତି କରି ଆସୁଛି ଓ ଏଥିରେ ଅସହମତି ଦେଖାଇ ଆସିଛି। ବିଜେପିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ପ୍ରସଙ୍ଗରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଉଚ୍ଚସ୍ତରୀୟ ୪ଜଣିଆ ସଂସଦୀୟ ପ୍ରତିନିଧି ଦଳ ଗଠନ କରିଛନ୍ତି। ସେମାନେ ସମ୍ବଲପୁରରେ ହନୁମାନ ଜୟନ୍ତୀ ହିଂସାର ଅନୁଧ୍ୟାନ କରିବେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସମ୍ବଲପୁର ହିଂସାର ଅନୁଧ୍ୟାନ ପାଇଁ ଜାତୀୟ ଅନୁସୂଚିତ ଜନଜାତି କମିଶନ ସଦସ୍ୟ ଏପ୍ରିଲ ୨୬ତାରିଖରେ ଆସିଥିଲେ। କିନ୍ତୁ ସ୍ଥାନୀୟ ପ୍ରଶାସନ ସହଯୋଗ କରିଲା ନାହିଁ। ଏପରିକି ମୃତ ଆଦିବାସୀ ଯୁବକଙ୍କ ପରିବାରକୁ ମଧ୍ୟ କମିଶନ ସଦସ୍ୟ ଭେଟିପାରିଲେ ନାହିଁ। ଶ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, ନିରପେକ୍ଷତା ଓ ଶାନ୍ତିର ଅର୍ଥ ନୁହେଁ ବହୁଜନ ସମାଜ ଉପରେ ଅତ୍ୟାଚାର କରିବା। ନାଲି ଆଖି ଦେଖାଇବା, କେସର ଧମକ ଦେଲେ ଶାନ୍ତି ଆସେ ନାହିଁ। ଓଡ଼ିଶା ସରକାର ରାଜଧର୍ମ ପାଳନ କରନ୍ତୁ। ଜାତି ଓ ଧର୍ମ ମଧ୍ୟରେ ବିଭେଦ କରନ୍ତୁ ନାହିଁ ଓ ନିରପେକ୍ଷ ରହିବାକୁ ସେ ଆହ୍ୱାନ ଦେଇଛନ୍ତି।

### ବସ୍ତିମୁକ୍ତ ହେବ ...

ଭୂମି ପ୍ରଦାନ ସର୍ଭେ କାମ। ହିତାଧିକାରୀ ଚୟନରେ ବି ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିର୍ଭୁଲ କରାଯାଉଛି। ପ୍ରଥମେ ଡ୍ରୋନ୍ ଜରିଆରେ ସର୍ଭେ କରାଯାଇ ପ୍ରସ୍ତୁତ ହେଉଛି ଅର୍ଥୋ ମ୍ୟାପ୍। ପରେ ବାସ୍ତବ ସର୍ଭେ ପାଇଁ କ୍ୟୁରେଟରମାନେ ସମ୍ପୃକ୍ତ ହିତାଧିକାରୀ ଘରେ ପହଞ୍ଚି ଅର୍ବାନ୍ ସ୍ଲମ୍ ହାଉସ୍ ହୋଲଡ୍ ଏରିଆ ସର୍ଭେ ବା ଉଷା ଜରିଆରେ ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ରେକର୍ଡ କରୁଛନ୍ତି। ଅର୍ଥୋ ମ୍ୟାପ୍ ପ୍ରସ୍ତୁତ ପରେ ବସ୍ତି ପ୍ଲଟର ନମ୍ବର କରାଯାଇ ଫେୟାର୍ ଅର୍ଥୋ ମ୍ୟାପ୍ ପ୍ରସ୍ତୁତ ହେଉଛି। ପରେ ସମ୍ପୃକ୍ତ ଜମିର ତହସିଲ ରେକର୍ଡ, କିସମ, ରକବା, ପ୍ଲଟ୍, ଖାତାକୁ ଭୂଲେଖ ସହିତ ମେଳ କରାଯାଉଛି। ତାଲିକା ପ୍ରସ୍ତୁତ ହେଲା ପରେ ଜିଲ୍ଲାପାଳ ଓ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ ସ୍କ୍ରୁଟିନି କମିଟି ତର୍ଜମା କରୁଛି। ପରିଶେଷରେ ସ୍ଲମ୍ ଡେଭଲପମେଣ୍ଟ ରିହାବିଲିଟିସେନ୍ କମିଟି ବା ଏସଡିଆରସି ଚୂଡ଼ାନ୍ତ ହିତାଧିକାରୀ ତାଲିକା ପ୍ରସ୍ତୁତ କରୁଛନ୍ତି। ଆଇନ ଅନୁଯାୟୀ ଜାଗା ମିଶନ ଅନ୍ତର୍ଗତ ମାଗଣା ଜମି ଅଧିକାର ପାଇଥିବା ହିତାଧିକାରୀ କୌଣସି ତୃତୀୟ ପକ୍ଷକୁ ସମ୍ପୃକ୍ତ ଜମି ବିକ୍ରି କରିପାରିବେ ନାହିଁ। ୫ଟି ମହାନଗର ନିଗମ ଅଞ୍ଚଳରେ ପ୍ରାଥମିକ ପର୍ଯ୍ୟାୟରେ ୫୦ ହଜାର ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ସେଥିରୁ ପ୍ରାୟ ୪୦ ହଜାର ବିଏମସି ଅଞ୍ଚଳର ହୋଇଥିବାବେଳେ ବାକି ସବୁ ଅନ୍ୟ ୪ଟି ମହାନଗର ନିଗମ ଅଞ୍ଚଳର। ୩୨୩ ବର୍ଗଫୁଟ ଜମି ହିତାଧିକାରୀଙ୍କୁ ମାଗଣାରେ ମିଳିବ। ଏହା ବାଦ୍ ଅଧିକ ଦଖଲ ହୋଇଥିବା ଜମି ପାଇଁ ହିତାଧିକାରୀଙ୍କୁ ସମ୍ପୃକ୍ତ ଜମିର ବେଞ୍ଚମାର୍କ ମୂଲ୍ୟରେ ୧୦ ପ୍ରତିଶତ ଅର୍ଥ ସରକାରଙ୍କୁ ଦେବାକୁ ପଡ଼ିବ। କଟକରେ ପ୍ରଥମ ପର୍ଯ୍ୟାୟରେ ୧୭୦୦ ହିତାଧିକାରୀ ଜମି ପାଇବାକୁ ଚୂଡ଼ାନ୍ତ ହୋଇଛି।

### ନିଜ ଆଡୁ ମାମଲା ...

ମହାରାଷ୍ଟ୍ରର ସରକାର ଉପଯୁକ୍ତ ପଦକ୍ଷେପ ନେଇ ନଥିବାରୁ ଅଦଲାତ ଅବମାନନା ମାମଲା ଚଳାଇବାକୁ ଆବେଦନର ଦାବି କରାଯାଇଥିଲା। ଏହାପରେ କୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ କରିଥିଲେ। ଜଷ୍ଟିସ କେଏମ ଯୋଶେଫ ଓ ଜଷ୍ଟିସ ବିଭି ନାଗରତ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଆମେ ଆଉ ଥରେ ସ୍ପଷ୍ଟ କରିଦେବାକୁ ଚାହୁଁଛି ଯେ ଧର୍ମରୁ ଉପରେ ରହି ବୟାନ ଦେଇଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହାଦ୍ୱାରା ଭାରତର ଧର୍ମନିରପେକ୍ଷ ସଶକ୍ତ ହୋଇ ରହିବ। ଆବେଦନକାରୀ ପ୍ରତି ରାଜ୍ୟ ପାଇଁ ଜଣେ ଲେଖାଏ ନୋଡାଲ ଅଫିସର ନିଯୁକ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଖଣ୍ଡପୀଠ ପ୍ରତି ଜିଲ୍ଲାରେ ଜଣେ ଲେଖାଏ ନୋଡାଲ ଅଫିସର ନିଯୁକ୍ତି ପାଇଁ ପରାମର୍ଶ ଦେଇଛନ୍ତି। ସୋସିଆଲ ମିଡିଆରୁ ଘୃଣା ସୃଷ୍ଟିକାରୀ ବୟାନକୁ ହଟାଇବା ପାଇଁ ମଧ୍ୟ ଗୋଟିଏ ପ୍ରକ୍ରିୟା ସପକ୍ଷରେ ଆବେଦନକାରୀ ଯୁକ୍ତି ରଖିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ମେ' ୧୨ ତାରିଖରେ ହେବ ବୋଲି ଦିନ ଧାର୍ଯ୍ୟ ହୋଇଛି।

### ଅସ୍ତିତ୍ୱ ହରାଇବାକୁ ...

୧୯୪୯ ମସିହା ଜାନୁୟାରୀ ୧ ତାରିଖ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ ଓ ୨ ତାରିଖରେ ସ୍ୱତନ୍ତ୍ର ଜିଲ୍ଲା ଭାବେ ଶାସିତ ହେଲା ଓ ଏହି ଖିଚିଂ ସଂଗ୍ରହାଳୟ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଅଧିନରେ ରହିଥିବା ଜିଲ୍ଲା ସଂସ୍କୃତି ବିଭାଗ ଅଧିନ ହାତକୁ ଆସିଥିଲା । କିନ୍ତୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ନିର୍ମିତ ଖିଚିଂ ସଂଗ୍ରହାଳୟର ମୂଲ୍ୟ, ମହତ୍ୱ ଓ ଗୁରୁତ୍ୱକୁ ଉପଲବ୍ଧି କରି ନ ପାରିବାରୁ ଏହି ସର୍ବପ୍ରାଚୀନ ସଂଗ୍ରହାଳୟ ପ୍ରାୟ ୧୦/୧୧ ବର୍ଷରୁ ଅଧିକ ସମୟ ଧରି ବନ୍ଦ ହୋଇ ପଡ଼ିରହିଛି । ପୁଣି ମୟୂରଭଞ୍ଜ ଜିଲ୍ଲାର ଗର୍ବ, ଗୌରବ ସହିତ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର କୀର୍ତ୍ତି, ପ୍ରାଗ୍‌ଐତିହାସିକ ଯୁଗର ବାର୍ତ୍ତା ଆଦିର ମୂକସାକ୍ଷୀ ଭାବେର ନିଜକୁ ଜନସମୁଦାୟରେ ପ୍ରତିପାଦିତ କରାଉଥିବା ଏହି ଖିଚିଂ ସଂଗ୍ରହାଳୟଟି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ହାତରୁ ଯାଇ କେନ୍ଦୁଝର ଜିଲ୍ଲା ପ୍ରଶାସନଠାରେ ପହଞ୍ଚି ପାରିଛି। ଯାହା ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ପାରିବାପଣିଆକୁ ପଦାରେ ପକାଇଦେଇଛି। ମୟୂରଭଞ୍ଜ ଜିଲା ସଂସ୍କୃତି ବିଭାଗର ଅଧିକାରୀ ଭାବେର କାର୍ଯ୍ୟ କରୁଥିବା କୀର୍ତ୍ତନ ମହାକୁଡ଼ଙ୍କର ବଦଳି ପଡ଼ୋଶୀ କେନ୍ଦୁଝର ଜିଲ୍ଲାକୁ ୧୯୮୯ ମସିହାରେ ହୋଇଥିଲା । ସେହି ସମୟେର ଖିଚିଂ ସଂଗ୍ରହାଳୟର ସମସ୍ତ ଦାୟିତ୍ୱ ସହିତ ତାର ନଥିପତ୍ର କେନ୍ଦୁଝର ସଂସ୍କୃତି ବିଭାଗ ହାତକୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଟେକି ଦେଇଥିଲା । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ସଂଗ୍ରହାଳୟ କେନ୍ଦୁଝର ଜିଲ୍ଲା ପ୍ରଶାସନ ହାତରେ ରହିଆସିଛି। ୧୧ ବର୍ଷରୁ ଅଧିକ ସମୟ ଧରି ସେଥିରେ ତାଲା ପଡ଼ି ରହିଥିବାରୁ ସଂଗ୍ରହାଳୟରେ ରହିଥିବା ବହୁ ମୂଲ୍ୟବାନ ତଥା ଦୁର୍ଲଭ ଐତିହାସିକ କୀର୍ତ୍ତିରାଜି ରକ୍ଷଣାବେକ୍ଷଣ ଅଭାବରୁ ଧ୍ୱଂସ ଆଡ଼କୁ ପାଦ ବଢ଼ାଇ ସାରିଛି; ଯାହାଫଳରେ ମୟୂରଭଞ୍ଜ ମହାରାଜାଙ୍କର ସଂଗ୍ରହାଳୟ ନିର୍ମାଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନ ସମ୍ଭବ ହୋଇପାରିନାହିଁ । ରାଜ୍ୟରେ ବିଜେଡି ଶାସନ ସମୟରେ ମୟୂରଭଞ୍ଜ ଜିଲ୍ଲା ପ୍ରତି ଶନିଦେବଙ୍କର କୋପ ଦୃଷ୍ଟି ପଡ଼ିଛି । ବିଜେଡି ଶାସନ ସମୟରେ ମୟୂରଭଞ୍ଜ ପାଇଛି କେତେ ହରାଇଛି କେତେ ତା'ର ହିସାବ ଦେବାର ସମୟ ଆସିଯାଇଛି । ଏହାର ଜବାବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେବାକୁ ହେବ ବୋଲି ଭଞ୍ଜସେନାର ଜିଲ୍ଲା ସଭାପତି ପିଣ୍ଟୁ ମାଇତି କହିଛନ୍ତି।

### ସବୁ ମନ୍ତ୍ରୀ ଦେବେ ...

ନିଜ ବିଭାଗର କାର୍ଯ୍ୟର ସମୀକ୍ଷା କରି ରିପୋର୍ଟ ପ୍ରସ୍ତୁତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସୂଚନା ଅନୁସାରେ ମଇ ମାସ ୨୨ ତାରିଖରେ କୃଷି ଏବଂ କୃଷକ ସଶକ୍ତିକରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ହେବ। ୨୩ ତାରିଖରେ ପୂର୍ତ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ୨୪ ତାରିଖରେ ପଞ୍ଚାୟତିରାଜ, ବାଣିଜ୍ୟ ଓ ପରିବହନ, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ସମୀକ୍ଷା ବୈଠକ ହେବ। ୨୫ ତାରିଖରେ ଜଳସମ୍ପଦ, ଉଚ୍ଚ ଶିକ୍ଷା, ଯୋଜନା ଏବଂ ସଂଯୋଜନ ବିଭାଗର ବୈଠକ ହେବାକୁ ଥିବାବେଳେ ୨୬ ତାରିଖରେ ଗୃହ ଓ ନଗର ଉନ୍ନୟନ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ କାର୍ଡ ଦେବେ। ସେହିପରି ୨୭ ତାରିଖରେ ମିଶନ ଶକ୍ତି, ଦକ୍ଷତା ବିକାଶ, ଶ୍ରମ ଏବଂ ନିୟୋଜନ ବିଭାଗର ବୈଠକ ଧାର୍ଯ୍ୟ ହୋଇଥିବା ବେଳେ ୨୯ ତାରିଖରେ ଗ୍ରାମ୍ୟ ଉନ୍ନୟନ, ସ୍କୁଲ ଓ ଗଣଶିକ୍ଷା ବିଭାଗର ବୈଠକ ଅନୁଷ୍ଠିତ ହେବ। ଅନୁରୂପ ଭାବରେ ୩୦ ତାରିଖରେ ଏସ୍‌ଟି ଏବଂ ଏସ୍‌ସି ଉନ୍ନୟନ, ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ, ୩୧ ତାରିଖରେ କ୍ରୀଡ଼ା ଏବଂ ଯୁବସେବା, ମହିଳା ଓ ଶିଶୁ ବିକାଶ, ଶକ୍ତି ବିଭାଗର ବୈଠକ ଅନୁଷ୍ଠିତ ହେବ। ସେହିପରି ଜୁନ୍ ପହିଲାରେ ପର୍ଯ୍ୟଟନ ଏବଂ ସାମାଜିକ ସଶକ୍ତିକରଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଛି।

# ମାଛଚାଷ କରି ସ୍ୱାବଲମ୍ବୀ ହେଉଛନ୍ତି କାଲାପାଲୀ ଗାଁର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ



**ମାଲକାନଗିରି:** ମାଲକାନଗିରି ଜିଲ୍ଲା ମତ୍ସ୍ୟ ଓ ପଶୁପାଳନ ବିକାଶ ବିଭାଗ ସହାୟତାରେ ଗାଁ ଗହଳିରେ ମହିଳା ମାନଙ୍କୁ ଶଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କ ଆଦେଶ କ୍ରମେ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି କ୍ରମରେ ଖଇରପୁଟ ବ୍ଲକ ଅନ୍ତର୍ଗତ ପୋଡଘାଟ ଗ୍ରାମ ପଞ୍ଚାୟତ ଅଧୀନସ୍ଥ କାଲାପାଲ୍ଲୀ ଗ୍ରାମରେ ଥିବା ଗୁପ୍ତେଶ୍ୱର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ରାହୁଲ୍ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ ବାର୍ଷିକ ୩୧,୦୦୦ ବ୍ୟୟ ଅଟକଳରେ ଗ୍ରାମ୍ୟ ବନ୍ଧ ଆନିକଟକୁ ଲିଜ୍ ସୂତ୍ରରେ ନେଇ ମହିଳା ମାନଙ୍କ ତରଫରୁ ରୋହି, ଭାକୁର, ମିରିକାଳି ଇତ୍ୟାଦି ଲାଭଜନକ ମାଛ ଜାଆଁଳ ଛାଡ଼ି, ବ୍ୟବସାୟିକ ଭିତ୍ତିରେ, ମାଛଚାଷ କରାଯାଇଥିଲା। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ଶୁଭଦ୍ରା ପୂଜାରୀ ଓ ସମ୍ପାଦକ ଦନାଇଁ ପୂଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାଲାପାଲ୍ଲୀ ଗାଁର ମହିଳାମାନେ ଏକତ୍ରିତ ହୋଇ ମାଛ ଚାଷ କରି, ଆଜି ଜାଲ ଟାଣି, ମାଛ ଧରି ବିକ୍ରି କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଖଇରପୁଟ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଦାନନ୍ଦ ସାହୁ, ମାଲକାନଗିରି ଜିଲ୍ଲା ମତ୍ସ୍ୟ ଉତ୍ପାଦନ ଅଧିକାରୀ ସନ୍ତୋଷ କୁମାର ଗୌଡ, ମତ୍ସ୍ୟ ଅଧିକାରୀ ମୁକେଶ ମାଝୀ, ଓଡ଼ିଶା ଜିବିକା ମିଶନ ବ୍ଲକ ଅଧିକାରୀ ଚିନ୍ମୟ ସିଂ ଓ ଲିଙ୍ଗରାଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ହୋଇ ମାଁ ମାନଙ୍କ କାର୍ଯ୍ୟର ପ୍ରଶଂସା କରିବା ସହ କୁକୁଡ଼ା ପାଳନ,ଗୋପାଳନ, ଛତୁ ଚାଷ କରି ଜୀବିକା ଉପାର୍ଜନ କରିବା ସହ ସ୍ୱାବଲମ୍ବୀ ହୋଇ ସ୍ୱାଭିମାନୀ ଭାବେ ବଞ୍ଚିବା ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଶା ସରକାରଙ୍କ ସମସ୍ତ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ମୂଳମନ୍ତ୍ର: ମହିଳା ସଶକ୍ତିକରଣ। ଏହି ଲାଭଦାୟକ ବ୍ୟବସାୟ ନିମନ୍ତେ, ଅନ୍ୟ ଗାଁର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟ ଏହି ଯୋଜନାରେ ସାମିଲ ହୋଇ ଓଡ଼ିଶା ସରକାରଙ୍କ ସବୁ ଯୋଜନାର ଲାଭ ଉଠେଇବା ପାଇଁ ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ସାହୁ ମାଁ ଭଉଣୀ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଏହି ପ୍ରୋତ୍ସାହନ କାର୍ଯ୍ୟକ୍ରମ ରେ ଆଖ ପାଖ ଅଞ୍ଚଳରୁ ଶତାଧିକ ଲୋକ ଉପସ୍ଥିତ ହୋଇ ମାଛ କିଣି ନେବା ସହ ମହିଳା ମାନଙ୍କ କାମର ପ୍ରଶଂସା କରିଥିଲେ।ଘର କାମ ପରେ ବଳକା ସମୟକୁ ବିନିଯୋଗ କରି ଏହି ଭଳି କାମ କଲେ ପରିବାରର ଆର୍ଥିକ ମାନଦଣ୍ଡ ବୃଦ୍ଧି ହେବା ସହ କର୍ମସଂସ୍ଥାନ ବଢି ପାରି ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମାନେ ମତପ୍ରକାଶ କରିଛନ୍ତି।

# ସୂଚନା ଅଧିକାର ନିୟମ ମାନୁନାହାନ୍ତି ଅଧିକାରୀ

**ଭଦ୍ରକ :** ଭଦ୍ରକ ଜିଲ୍ଲାର ଅଧିକାଂଶ ସରକାରୀ କାର୍ଯ୍ୟାଳୟରେ ସୂଚନା ଅଧିକାର ନିୟମ ପାଳନ ହେଉନଥିବାର ଅଭିଯୋଗ ହୋଇଛି। ବିଶେଷକରି ଜିଲ୍ଲାର ଶିକ୍ଷା ବିଭାଗରେ ଏହା ଅଧିକ ପରିଲକ୍ଷିତ ହେଉଛି। ଅଭିଯୋଗ ଅନୁଯାୟୀ ବିକାଶ କୁମାର ଧଳ ନାମକ ଜଣେ ସୂଚନା ଅଧିକାର କର୍ମୀ ଓ ସାମ୍ବାଦିକ ୩୧.୧.୨୦୨୦ରେ କିଛି ଶିକ୍ଷକଙ୍କ ସୂଚନା ଯେପରିକି ପ୍ୟାନେଲ ଲିଷ୍ଟ, ଫାଇନାଲ କାଟାଗୋରାଇଜ, ମେରିଟ୍ ଲିଷ୍ଟ, ମାର୍କସିଟ୍, ସାର୍ଟିଫିକେଟ୍, ରେସିଡେନ୍‌ସିଆଲ ସାର୍ଟିଫିକେଟ୍ ଓ ଜାତି ବାବଦରେ ତଥ୍ୟ ମାଗିଥିଲେ ବି ଡିଇଓ ଅଫିସ କୌଣସି ତଥ୍ୟ ନଦେବାରୁ ବାଧ ହୋଇ ଶ୍ରୀ ଧଳ ମାନ୍ୟବର ସୂଚନା କମିଶନରଙ୍କ ନିକଟରେ ଅପିଲ କରିଥିଲେ। ସୂଚନା କମିଶନର ଶୁଣାଣି କରି ଏସ୍.ଏ.ନଂ.-୧୭୮୩/୨୦୨୦ ଅନୁଯାୟୀ ଶ୍ରୀ ଧଳଙ୍କୁ ବିନା ଦେୟରେ ସମସ୍ତ ସୂଚନା ଦେବାକୁ ବାଧ୍ୟତାମୂଳକ ବୋଲି ଗତ ୧୭.୨.୨୦୨୩ରେ ନିର୍ଦ୍ଦେଶ ଦେଇଥିଲେ। କିଛି କର୍ମଚାରୀ ଏ ବାବଦରେ ବୋଧେ ଅବଗତ ନାହାନ୍ତି। ତେଣୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବ୍ୟକ୍ତିଗତ ତଥ୍ୟ ଦେଇହେବନାହିଁ ବୋଲି ଦର୍ଶାଇ ଜାଣିଶୁଣି ଅଧିକାରୀ ଖସିଯିବାକୁ ଉପାୟ ପାଞ୍ଚୁଛନ୍ତି। ହେଲେ ସେମାନେ ଜାଣିନାହାନ୍ତି ଯେ, ସୂଚନା ଅଧିକାର ନିୟମରେ ରହିଛି ଚାକିରି ସମୟରେ ଯେଉଁ ତଥ୍ୟ ଦେଇ ଚାକିରି କରିଥିବେ ତାହାକୁ ସୂଚନା ଅଧିକାର ବଳରେ ଦେବାକୁ ବାଧ। ଯାହା ଫଳରେ ସେମାନେ ଯେତେ ଉପାୟ କଲେ ବି ନିୟମର ଉଲ୍ଲଙ୍ଘନ କରିପାରିବେ ନାହିଁ । ତେଣୁ ଯଦି ଗୋଟିଏ ବିଭାଗରେ ଆଇନକୁ ଏଭଳି ଅବମାନନା କରାଯାଉଛି ଅନ୍ୟ ବିଭାଗର ଅବସ୍ଥା କ'ଣ ଥିବ ତାହା ତଦନ୍ତ କରାଗଲେ ସତ ସାମ୍ନାକୁ ଆସିବ।

# ରଘୁନାଥପୁର ବ୍ଲକରେ ପବିତ୍ର ଅକ୍ଷୟ ତୃତୀୟା ଉତ୍ସବ



**ଜଗତ୍‌ସିଂହପୁର :** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରା.ପ.ର କୁଆମଙ୍ଗା ଗ୍ରାମର ମଙ୍ଗଳା ମନ୍ଦିର ନିକଟରେ କୃଷି ବିଭାଗ ପକ୍ଷରୁ ଅଖିମୁଠି ଅନୁକୂଳ ଉତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଦଳାଇ ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ଉପସ୍ଥିତ ଥିବା ଚାଷୀମାନଙ୍କୁ ଚାଷ ସମ୍ପର୍କରେ ବୁଝାଇଥିଲେ। ହାମ୍ବା ଅଧ୍ୟକ୍ଷ ପରମାନନ୍ଦ ସ୍ୱାଇଁ (ଅରୁ)ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବଶିଷ ତ୍ରିପାଠୀ, ୨ଜିଲ୍ଲା ପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ଜଗତସିଂହପୁର ସାଂସଦଙ୍କ ବ୍ଲକ ପ୍ରତିନିଧୀ ଗୌତମ ପାଲିତ, ସହକାରୀ କୃଷି ଅଧିକାରିଣୀ ସୁଶ୍ରୀ ମନୋସ୍ୱିନୀ ଲେଙ୍କା, ଗ୍ରାମ୍ୟ କୃଷି କର୍ମଚାରୀ ସଞ୍ଜୟ କୁମାର ନାୟକ, ଦେବାଶିଷ ସାହୁ, ଅମୀୟ କୁମାର ପରିଜା, ଅମିତା ପଟ୍ଟନାୟକ, କୃଷିନେତା ଶରତ ବାରିକ ଓ ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଭାଷଣ ପ୍ରସଙ୍ଗରେ କୃଷକମାନଙ୍କୁ କିପରି ସଫଳ ଚାଷ କରାଯାଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ଭାଷଣ ପ୍ରସଙ୍ଗରେ କହିଥିଲେ ଯେ ଚାଷୀମାନଙ୍କ ବଡ ସମସ୍ୟା ହେଉଛି କୃଷି ସଚେତନାର ଅଭାବ। ବହୁ ଚାଷୀ ନିରକ୍ଷର ଓ ଉନ୍ନତ କୃଷି ପ୍ରଣାଳୀରେ ଚାଷ କରିବା ଘଟଣା ସେମାନେ ଜାଣିପାରୁନାହାଁନ୍ତି। ଯେଉଁଥିପାଇଁ ଚାଷ କାର୍ଯ୍ୟରେ ସେମାନଙ୍କୁ ହଇରାଣର ଶିକାର ହେବାକୁ ପଡୁଛି। ଏହି ପବିତ୍ର ଅକ୍ଷୟ ତୃତୀୟା ଉତ୍ସବରେ ବିଭାଗର କୌଣସି କୃଷି କର୍ମଚାରୀମାନେ ଚାଷୀଙ୍କୁ ବା ଗଣମାଧ୍ୟମ ମାନଙ୍କୁ ଜଣାଇବାରେ ପ୍ରଚେଷ୍ଟା କରୁନାହାଁନ୍ତି। ଯେଉଁଥିପାଇଁ ଏହି ଅକ୍ଷୟ ତୃତୀୟା କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଯେତିକି ଦେଖିବାକୁ ମିଳିନଥିଲା ଶାସକ ବିଜେଡି ଦଳର କର୍ମୀ ଓ ନେତାମାନଙ୍କୁ ମାଳ ମାଳ ଦେଖିବାକୁ ମିଳିଥିଲା।

# ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ପାଳିତ



**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ଓ ପୌରପରିଷଦର ମିଳିତ ଆନୁକୂଲ୍ୟରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣୀ ତଥା ଓଡିଆ ସ୍ୱାଭିମାନର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଡ.ରୁଦ୍ରନାରାୟଣ ଦାଶ, ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତି ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ପୌରପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରପରିଷଦର ବରିଷ୍ଠ ସହାୟକ ଦିପକ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗୀୟ ଅଧିକାରୀ ଦିବାକର ପାତ୍ର ଓ ପୌରପରିଷଦ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# କୁଜଙ୍ଗ ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଉପସ୍ଥିତ ରହି ଜନସଧାରଣଙ୍କର ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିବା ବେଳେ ୪୦ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା। ଆଜିର ଏହି ଶିବିରରେ ମୋଟ ୧୫୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜନସାଧାରଣ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ନ୍ୟାୟ ପାଇପାରୁନଥିବାରୁ ଦିନକୁ ଦିନ ଜନସାଧାରଣଙ୍କ ସମସ୍ୟା ବଢିବାରେ ଲାଗିଛି। ବିଧବା ଭତା ପାଇଁ ମହିଳା ଜଣେ ଆସୁଥିଲେ ବି ତାହା କେବଳ ବ୍ଲକ ମଧ୍ୟରେ ସୀମିତ ରହିଯାଉଛି। ତେଣୁ ଏହାର ପ୍ରତିକାର ପାଇଁ ଜିଲ୍ଲାପାଳ ଦୃଷ୍ଟିଦେବା ପାଇଁ ସାଧାରଣରେ ଆଲୋଚନା ହେଉଥିଲା। ଅଭିଯୋଗ ମଧ୍ୟରୁ ୪୭ଟି ଆବାସ ଯୋଜନା ନିମନ୍ତେ ଥିବା ବେଳେ ଜମିଜମା ସମ୍ପର୍କିତ ୨୦ଟି, ରେସନକାର୍ଡ ସମ୍ପର୍କିତ ୬ଟି, ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୧ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ଟି, ପୋଲିସ ସହାୟତା ସମ୍ପର୍କିତ ୮ଟି, ଭତା ସମ୍ପର୍କିତ ୭ଟି ଏବଂ ଅନ୍ୟାନ୍ୟ ୧୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର, ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁଚରଣ ଧୀର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ର ନାରାୟଣ ଦାଶ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ତିର୍ତ୍ତୋଲ ପ୍ରଶାନ୍ତ କୁମାର ମାଝି, ମଣ୍ଡଳ ଉନ୍ନୟନ ଅଧିକାରୀ ସୌମଶ୍ରୀ ପାଣିଗ୍ରାହୀ, ତହସିଲଦାର ପ୍ରୀତିପର୍ଣ୍ଣା ଷଡଙ୍ଗୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥୋତ ରହି ଜନସାଧାରଣଙ୍କ ଆପତି ଅଭିଯୋଗ ଶୁଣାଣି କରିଥିଲେ।



ଡ଼. କିଶୋର ମହାନ୍ତି

# ଭକ୍ତକବି ଜୟଦେବଙ୍କର ଅମରକୃତି ଶ୍ରୀ ଗୀତଗୋବିନ୍ଦ





ବିଶ୍ୱ ସାହିତ୍ୟ ଓ ସଂସ୍କୃତିର ଅନୁପମ ଆଲେଖ୍ୟ ଶ୍ରୀ ଶ୍ରୀ ଗୀତ ଗୋବିନ୍ଦ ଯେ ବିଶ୍ୱ ସ୍ତରୀୟ ସ୍ୱୀକୃତିଲାଭ କରି ବିଶ୍ୱ ପ୍ରସିଦ୍ଧିଲାଭ କରିବ ତାର ଜ୍ୱଳନ୍ତ ଉଦାହରଣ ହେଉଛି ପ୍ରଥମ କରି ବିଶିଷ୍ଟ ବୁଦ୍ଧିଜୀବି, ସାହିତ୍ୟିକ ଗବେଷକ ସାର୍ ଉଇଲିୟମ୍ ଜୋନସ୍ ୧୭୯୨ ମସିହାରେ ପ୍ରକାଶ କଲେ ଶ୍ରୀ ଶ୍ରୀ ଗୀତ ଗୋବିନ୍ଦକୁ ଇଂରାଜୀ ଭାଷାରେ। ମୂଳ ସଂସ୍କୃତ ଭାଷାରେ ଲିଖିତ ଏହି କାବ୍ୟଖଣ୍ଡଟି ପ୍ରାୟତଃ ଦେଶର ବିଭିନ୍ନ ଭାଷାରେ ଅନୁଦିତ ହେବାର ସୁଯୋଗ ଲାଭ କରିଥିଲେ ହେଁ ଏହାର ମୂଳ ସଂସ୍କୃତ ଭାଷାରେ ଲିଖିତ ଏହାର ସାବଲୀଳ, ତରଳ ସରଳ ପଦାବଳୀ ବେଶ୍ ସୁବୋଧ୍ୟ ଓ ମନୋଜ୍ଞ ମଧ୍ୟ। ଏହି କାବ୍ୟଟିର ବାରଟି ପରିଚ୍ଛେଦ ରହିଛି - ପ୍ରତିଟି ପରିଚ୍ଛେଦ ଚବିଶଟି ଭାଗରେ ବିଭକ୍ତ ହୋଇଛି ଓ ତାହାକୁ ପ୍ରବନ୍ଧର ଆଖ୍ୟା ଦିଆଯାଇଛି। ସେହି ପ୍ରବନ୍ଧରେ ମଧ୍ୟ ପଦଖଣ୍ଡ ରହିଛି ଯାହାକୁ ଅଷ୍ଟପଦୀ ବୋଲି କୁହାଯାଇଥାଏ।

ଦ୍ୱାଦଶ ଶତାବ୍ଦୀ ମଧ୍ୟଭାଗରେ ଚୋଡ଼ଗଙ୍ଗଦେବଙ୍କ ଦ୍ୱାରା ବର୍ତ୍ତମାନ ଆମର ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମିତ ହୋଇଥିଲା। ଏହି ମନ୍ଦିରରେ ନୃତ୍ୟ ଦ୍ୱାରା ଜଗନ୍ନାଥଙ୍କର ଉପାସନା ଲାଗି ନାଟମନ୍ଦିରର ନିର୍ମାଣ କରାଯାଇଥିଲା।

ଦେବଦାସୀ ନୃତ୍ୟ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ହେଉଥିବାର ପ୍ରମାଣ ସିରାଜି ଫଇରୋଜଶାହାଙ୍କର ଗ୍ରନ୍ଥ ଯେଉଁଥିରୁ ଆମେ ଫିରୋଜଶାହା ତୋଗଲକଙ୍କର ଓଡ଼ିଶା ଆକ୍ରମଣ କାଳର ବର୍ଣ୍ଣନାରେ ପାଇଥାଉ। ସେଥିରେ ଦେବଦାସୀ ପ୍ରଥାପ୍ରଚଳନ ହୋଇଥିବାର ଉଲ୍ଲେଖ ରହିଛି। ସୂର୍ଯ୍ୟବଂଶୀ ଗଜପତି ରାଜା ପ୍ରତାପରୁଦ୍ର ଦେବଙ୍କର ଯେଉଁ ଅଭିଲେଖ ରହିଛି ସେଥିରେ ଦେବଦାସୀ ନୃତ୍ୟ କରିବାର ପ୍ରଥା ଉଲ୍ଲେଖ ରହିଛି। ଆଉ ସେମାନେ କେବଳ ଗୀତଗୋବିନ୍ଦ ହିଁ ଗାନ କରିବାର ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ଗୀତ ସେମାନେ ଗାନ କରିପାରିବେ ନାହିଁ।

ଏହି ପ୍ରସଙ୍ଗରେ ଭୀମ ଦେବଙ୍କର ବୈଷ୍ଣବ ଲୀଳାମୃତରେ ବର୍ଣ୍ଣନା କରାଯାଇଛି -

"ଗୀତ ଗୋବିନ୍ଦ ନାଟ ସଭା<br>
ମନ୍ଦିରେ ପ୍ରତ୍ୟହ ହୋଇଲା,<br>
ରାଜା ସେ ସେବା ଭିଆଇଲା<br>
କେନ୍ଦୁଲି ଶାଢୀ ଯୋଗାଇଲା,<br>
ଶ୍ରୀ ଗୀତ ଗୋବିନ୍ଦ ରସ ଏ<br>
ଶ୍ରୀ ଜଗନ୍ନାଥ ପ୍ରିୟ ଏ,"

ଶ୍ରୀ ରାଧାଙ୍କ ଭିତରେ ଯେଉଁ ଆତ୍ମନିକ୍ଷେପ ଭାବଥିଲା ତାହା ଦେବଦାସୀ ଚରିତ୍ର ଭିତରେ ଫୁଟି ଉଠିଛି। ତେଣୁ ଏଥିରେ ଆବିଳତା କିଛି ନାହିଁ, ରାଧା ଭାବ ନେଇ ଦେବଦାସୀ ନୃତ୍ୟ କଲେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମ୍ମୁଖରେ, ଜଗନ୍ନାଥ ହେଉଛନ୍ତି ଶ୍ରୀ କୃଷ୍ଣ, ଦେବଦାସୀ ହେଉଛି ରାଧାଙ୍କ ପ୍ରତୀକ।

ଚୈତନ୍ୟ ଚରିତ୍ରାମୃତରେ କୁହାଯାଇଛି -

"ଭାବର ସାର ମହାଭାବ<br>
ମହାଭାବ ସ୍ୱରୂପା ରାଧା ଠାକୁରାଣୀ।<br>
ସର୍ବଗୁଣ ଖଣି, କାନ୍ତା ଶୀରୋମଣି।"

ଭାବଟି ବ୍ୟକ୍ତ କରିହୁଏ ଏପରି - "ହେ କୃଷ୍ଣ ତବେ ବାହଂ ହେ କୃଷ୍ଣ; ମୁଁ ହେଉଛି ତୁମର"। ଖ୍ରୀଷ୍ଟାବ୍ଦ ଦ୍ୱାଦଶ ଶତକରେ ଭକ୍ତକବି ଜୟଦେବ ଯେଉଁ ଗୀତ ଗୋବିନ୍ଦ ରଚନା କଲେ ସେହି ଗୀତ ଗୋବିନ୍ଦରୁ ହିଁ ରାଧା କୃଷ୍ଣ ପ୍ରେମ ଲୀଳାର ବିକାଶ ଘଟିଲା।

ଭାବଟି ବ୍ୟକ୍ତ କରିହୁଏ ଏପରି - "ହେ କୃଷ୍ଣ ତବେ ବାହଂ ହେ କୃଷ୍ଣ, ମୁଁ ହେଉଛି ତୁମର। ଖ୍ରୀଷ୍ଟାବ୍ଦ ଦ୍ୱାଦଶ ଶତକରେ ଭକ୍ତକବି ଜ୍ରଦେବ ଯେଉଁ ଗୀତ ଗୋବିନ୍ଦ ରଚନା କଲେ ସେହି ଗୀତ ଗୋବିନ୍ଦରୁ ହିଁ ରାଧାକୃଷ୍ଣ ପ୍ରେମ ଲୀଳାର ବିକାଶ ଘଟିଲା।

ଗୀତଗୋବିନ୍ଦ ବ୍ୟତୀତ କବିଙ୍କ ଲେଖନୀରେ ରୂପ ନେଇଥିଲା କାବ୍ୟ ରତି ମଞ୍ଜରୀ। ଉଭୟେ ସଂସ୍କୃତ ଭାଷାରେ ଲିଖିତ କାବ୍ୟ, ଶ୍ରମଦ୍ ଭାଗବତ ପରେ ଅନୁପମ ପ୍ରେମଲୀଳାର ଏକ ଯୁଗାନ୍ତକାରୀ କାବ୍ୟ ଭାବରେ ଗୀତ ଗୋବିନ୍ଦ ହେଉଛି ଅନନ୍ୟ ସମଂଜୁଳ କାବ୍ୟ। ଦିବ୍ୟରସର ସ୍ୱରୂପ ରାଧାକୃଷ୍ଣଙ୍କ ଅପ୍ରାକୃତ ପ୍ରେମଲୀଳାର ବାଙ୍ମୟ ଆଲେଖ୍ୟ ଏହି ଗୀତ ଗୋବିନ୍ଦ ଯେତିକି ସାବଲୀଳ ସେତିକି ରସାପ୍ଲୁତ। ଗୀତଗୋବିନ୍ଦ ହେଉଛି ପୃଥିବୀର କ୍ଷୁଦ୍ରତମ ମହାକାବ୍ୟ। ଏହା ୧୨ଟି ସର୍ଗ, ୨୪ଟିପ୍ରବନ୍ଧ ତଥା ୭୨ ପଦରେ ସମାବିଷ୍ଟ।

ଗୀତ ଗୋବିନ୍ଦର ପ୍ରଥମ ପ୍ରବନ୍ଧରେ ଭଗବାନଙ୍କର କେଳିକଥା ବର୍ଣ୍ଣନା କରାଯାଇଛି, କିନ୍ତୁ ନାୟକ ଉତ୍କର୍ଷ ବିନା କେଳି ସମ୍ଭବପର ନୁହେଁ, ଏଣୁ ଭକ୍ତ କବି ଜୟଦେବ ଭଗବାନ ଶ୍ରୀକୃଷ୍ଣଙ୍କର ସ୍ୱରୂପ ନିରୂପଣ ପୂର୍ବକ ମଙ୍ଗଳ ଗୀତରେ ଭଗବାନଙ୍କର ଜୟଗାନ କରିଛନ୍ତି -

"ଶ୍ରିତ କମଳା କୁଚମଣ୍ଡନ<br>
ଧୃତ କୁଣ୍ଡଳ କଳିତ ଲଳିତ ବନମାଳା<br>
ଜୟ ଜୟ ଦେବ ହରେ.....।"

କହିବାକୁ ଗଲେ କବିଙ୍କ ଗୀତଗୋବିନ୍ଦ କାବ୍ୟରେ ରାଗ, ତାଳ, ଛନ୍ଦ, ଭାବ ରସ ଶବ୍ଦ ସଂଯୋଜନା ଏବଂ ଗିତିମୟତା ଉପଲବ୍ଧ। କବି ଶିଶୁଶଙ୍କର ଦାସଙ୍କ ଚିରଚିତ ଭାଷାଭିଳାଷ, କାବ୍ୟଟିର ନାୟିକାର ମାନଭଂଜନ ପ୍ରସଙ୍ଗରେ ଯାହା ବର୍ଣ୍ଣନା କରାଯାଇଛି ତାହା ଗୀତ ଗୋବିନ୍ଦରୁ ପ୍ରଭାବିତ ହୋଇଛନ୍ତି ବୋଲି କୁହାଯାଇଥାଏ।

'ମାନଭଞ୍ଜନ'କୁ ନେଇ ପ୍ରଖ୍ୟାପିତ ହୋଇଛି -

ତ୍ୱମସି ଭୂଷଣମ୍<br>
ତ୍ୱମସି ମମ ଜୀବନମ୍<br>
ତ୍ୱମସି ସମ ଭୁବଜଳଧିତମ୍'

ଗୀତ ଗୋବିନ୍ଦ ଦ୍ୱାରା ଭୂପତି ମଣ୍ଡିତ ମଧ୍ୟ ପ୍ରଭାବିତ ହୋଇଛନ୍ତି - ତାଙ୍କ ''ପ୍ରେମ ପଂଚାମୃତ'' କାବ୍ୟରେ ସେ ଉଲ୍ଲେଖ କରିଛନ୍ତି-

"ଶ୍ରୀ ଜୟଦେବ କବିକୃତ<br>
ଗାୟଶୀ ଗାୟନ ବସନ୍ତ<br>
ବୀରୋ ମୃଦଙ୍ଗ ତାଳ ନାଦେ<br>
ନାଚୁଣୀ ନାଚନ୍ତି ଆନନ୍ଦେ"

"ଗୀତଗୋବିନ୍ଦ" ଠାରୁ ଜୀବନ ଓ ପ୍ରେମକୁ ଆଧାର କରି ସର୍ବଶ୍ରେଷ୍ଠ କାବ୍ୟ ହୁଏତ ବିରଳ। ଜୀବନ ଭିତରେ ପ୍ରେମ ଯେ ଅପରିହାର୍ଯ୍ୟ ତାହା ସେ ଶବ୍ଦ ଓ ସ୍ୱରରେ ପ୍ରକଟିତ କରିଛନ୍ତି - ଭାବ ଓ ପ୍ରେମ ଭିତରେ ଗୀତଗୋବିନ୍ଦର ଶବ୍ଦ ବିନ୍ୟାସ ବେଶ୍ ଚିତାକର୍ଷକ। ଭାବର ଅନେକ ସ୍ତର ରହିଛି ଯେପରି ପ୍ରେମ / ରତି, ସ୍ନେହ ମାନ ଅଭିମାନ, ପ୍ରଣୟ, ରାଗ, ଅନୁରାଗ, ଭାବ ଏବଂ ମହାଭାବ। ଯାହା କେବଳ ପ୍ରଭୁ ଲୀଳାମୟ ଶ୍ରୀକୃଷ୍ଣଙ୍କ ଠାରେ ଠୁଳ ହୋଇ ରହିଛି। ତେଣୁ ସେ ଅପ୍ରାକୃତ ପ୍ରେମମୂର୍ତ୍ତୀ ଜୟରାଧାହରି।

ଯଥାର୍ଥରେ କବି ଜୟଦେବ ହେଉଛନ୍ତି ଭାବ ଓ ଭକ୍ତି ପ୍ରେମର ବାଙ୍ମୟ ସାଧକ। ଓଡ଼ିଶାର ପ୍ରାଚୀ ଦେବୀକୂଳରେ କେନ୍ଦୁଲୀ ଗ୍ରାମର ଏକ ବିପ୍ର ପରିବାରରେ ତାଙ୍କର ଜନ୍ମ। ସଙ୍ଗୀତ ଓ ନୃତ୍ୟ ଶକ୍ତିରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିବା କଥା ଶିଳାଲେଖାରୁ ପ୍ରମାଣ ମିଳେ।

ରାୟ ରାମାନନ୍ଦଙ୍କର ସଚିବ ଭକ୍ତ ମାଧବ ପଟ୍ଟନାୟକ ସ୍ୱରଚିତ ବୈଷ୍ଣବ ଲୀଳାମୃତ ଯାହାକି ୧୫୫୩ ଖ୍ରୀଷ୍ଟାବ୍ଦରେ ରଚିତ ସେଥିରେ ଉଲ୍ଲେଖଥିଲା ପ୍ରତ୍ୟହ ଶ୍ରୀ ମନ୍ଦିରରେ ଦେବଦାସୀଙ୍କ ଦ୍ୱାରା ଗୀତଗୋବିନ୍ଦ ନୃତ୍ୟ ଅନୁଷ୍ଠିତ ହେଉଥିଲା। ଗଜପତି ରାଜା କେନ୍ଦୁଲୀ ଶାଢ଼ୀ ମଗାଇ ଶ୍ରୀଜଗନ୍ନାଥଙ୍କୁ ପିନ୍ଧାଇଥିଲେ। ଗୀତଗୋବିନ୍ଦର ତାଳେ ତାଳେ ହେଉଥିବା ଏହି ରାସ ନୃତ୍ୟ ପ୍ରଭୁ ଜଗନ୍ନାଥଙ୍କର ଅତି ପ୍ରିୟ ଥିଲା। ସାରା ଭାରତରୁ ଆସିଥିବା ଭକ୍ତମାନେ ଏହି ନୃତ୍ୟ ଦେଖି ଓ ଗୀତ ଗୋବିନ୍ଦ ଗାନ ଶୁଣି ଅତ୍ୟନ୍ତ ମୁଗ୍ଧ ହୋଇଯାଉଥିଲେ। ରାସର ନୃତ୍ୟରେ ଗୀତଗୋବିନ୍ଦ ଗାନ କରାଗଲା ଏବଂ ଗଜପତି ଅନଙ୍ଗଭୀମଦେବଙ୍କ ଏହି କୀର୍ତୀ ଯୁଗଯୁଗ ଧରି ଲୋକମାନେ ମନେରଖିଲେ। ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥମାନେ ଆସି ଏଠାରେ କବିଙ୍କର ଜନ୍ମ ସ୍ଥଳରେ ରୁଣ୍ଡ ହେଉଥିଲେ। ଉତ୍କଳ, ଗୌଡ଼ ଦେଶପରି ମିଥିଳାର ପଣ୍ଡିତମାନେ ସନ୍ଥ ସମାଜରେ ଭକ୍ତକବି ଶ୍ରୀଜୟଦେବଙ୍କର ଜନ୍ମସ୍ଥାନ କେନ୍ଦୁବିଲ୍ୱ ବୋଲି ପ୍ରମାଣିତ ହେଲା। ଏହା ମଧ୍ୟ ସଂସ୍କୃତ ରଚିତ ନାଭାଦାସଙ୍କ ଭକ୍ତମାଳା ଗ୍ରନ୍ଥ ଚନ୍ଦ୍ର ଦତଙ୍କର ପୁସ୍ତକରେ ଏହା ଲିପିବଦ୍ଧ ହୋଇଛି। କୃଷ୍ଣ ଭକ୍ତିକଥା ଉଲ୍ଲେଖ ରହିଛି। କବିଙ୍କ କଥା ଉଲ୍ଲେଖ ରହିଛି - ''ରଚିଲା ଶ୍ରୀ ଶ୍ରୀ ଗୀତଗୋବିନ୍ଦ - ଲଭିଲା ପରମ ଆନନ୍ଦ। ଶ୍ରୀ ରାଧାମାଧବଙ୍କ ଲୀଳା, ମଧୁରସ୍ୱରରେ ଗାଇଲା। ଏ ମାଟିର କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ଏକ ଯୁଗାନ୍ତକାରୀ ସୃଷ୍ଟି। କବି ସଂସ୍କୃତରେ ଏହି ପଦାବଳୀକୁ ଏଭଳି ସରଳ ଭାଗଭଙ୍ଗୀରେ ଉପସ୍ଥାପିତ କରିଛନ୍ତି ଯାହା ପ୍ରତିଟି ପ୍ରାଣକୁ ରସାପ୍ଳୁତ କରିଦିଏ। ସୌନ୍ଦର୍ଯ୍ୟ, ରସ, ସମର୍ପଣ ଭାବ, ଶୃଙ୍ଗାରରସ ଓ ଦିବ୍ୟ ଭାବର ଅପୂର୍ବ ସମନ୍ୱୟ ଓ ସମାହାର ଶ୍ରୀ ଗୀତଗୋବିନ୍ଦକୁ ଅତି ପ୍ରାଣବନ୍ତ କରି ପାରିଛି। ଶ୍ରୀଗୀତଗୋବିନ୍ଦ ଗୋଟିଏ କାବ୍ୟ ବା ସଙ୍ଗୀତଧର୍ମୀ ମହାକାବ୍ୟ ଯେଉଁଥିରେ ସାହିତ୍ୟ, ନାଟକ, ସଙ୍ଗୀତ ଓ ନୃତ୍ୟର ଏକ ଅପୂର୍ବ ଯୌଗିକ ସମିଶ୍ରଣ ହୋଇଛି।

ହେ ଯଶଶ୍ୱୀ ସ୍ରଷ୍ଟା ତୁମର ଅମର ଲେଖନୀ ନିସୃତ ମଧୁସ୍ରାବୀ ଅମର ସଙ୍ଗୀତ ଚିରକାଳ ଆମ ସଂସ୍କୃତି ଓ ସାହିତ୍ୟକୁ ରଚିମନ୍ତ ରୁଦ୍ଧିମନ୍ତ କରୁଥାଉ ବିଶ୍ୱ ଦରବାରରେ ଓଡ଼ିଆଙ୍କର ନିଜସ୍ୱ ପରିଚୟ ପ୍ରଦାନ କରୁଥାଉ ଏହା କାମନା କରୁ।





ଇ-୫୦, ସେକ୍ଟର -୭,<br>
ସିଡ଼ିଏ, କଟକ-୧୪<br>
ଦୂରଭାଷ : ୯୪୩୭୭୨୮୪୭୫

## ଗର୍ଭପାତ ଆଇନ କାର୍ଯ୍ୟାନ୍ୱୟନରେ ରାଜ୍ୟର ଉଲ୍ଲେଖନୀୟ ପ୍ରଦର୍ଶନ

# ଜାତୀୟସ୍ତରରେ ଓଡ଼ିଶା ସମ୍ମାନିତ

**ଭୁବନେଶ୍ୱର :** ମେଡିକାଲ ଟର୍ମିନେସନ୍ ଅଫ୍ ପ୍ରେଗନାନ୍ସି (ଏମ୍‌ଟିପି) ଆଇନ୍ କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ସଫଳତା ପାଇଁ ଜାତୀୟ ସ୍ତରରେ ସମ୍ମାନିତ ହୋଇଛି ଓଡ଼ିଶା। ନୂଆଦିଲ୍ଲୀଠାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଆନୁକୂଲ୍ୟରେ ଆୟୋଜିତ ସମନ୍ୱିତ ଗର୍ଭପାତ ସେବା ଜାତୀୟ ସମ୍ମିଳନୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ସମ୍ମାନିତ କରାଯାଇଛି। ୨୦୨୧ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶା ପୁରସ୍କୃତ ହୋଇଛି। ସୂଚନାଯୋଗ୍ୟ ଯେ କୌଣସି କାରଣରୁ ଗର୍ଭବତୀ ମହିଳାଙ୍କର ଗର୍ଭପାତ କରିବା ପାଇଁ ଜରୁରୀ ଥିଲେ ସରକାରଙ୍କଠାରୁ ଅନୁମତି ନେବା ପ୍ରକ୍ରିୟାକୁ ସରଳ କରାଯାଇଛି। ଏଥିପାଇଁ ସରକାର ଆଉ ୧୦ଟି ମେଡିକାଲ ବୋର୍ଡ ସ୍ଥାପନ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ପୂର୍ବରୁ କେବଳ କଟକ ସ୍ଥିତ ଏସ୍ସିବି ମେଡିକାଲ କଲେଜରେ ଗୋଟିଏ ମାତ୍ର ମେଡିକାଲ ବୋର୍ଡ ରହିଥିବାରୁ ଏହା ଉପରେ ଚାପ ରହୁଥିଲା ଏବଂ ନିଷ୍ପତ୍ତି ନେବାରେ ବିଳମ୍ବ ହେଉଥିଲା। ଗର୍ଭ ଧାରଣ କରିବାର ୨୪ ସପ୍ତାହ ଅବା ୬ ମାସ ପରେ ଗର୍ଭପାତ କରିବା ଲାଗି ସରକାରଙ୍କ ଅନୁମତି ନେବା ଜରୁରୀ। ସମ୍ବେଦନଶୀଳ ଅବା ଜରୁରୀ ପରିସ୍ଥିତିରେ ଗର୍ଭପାତ କରିବାକୁ ହୋଇଥାଏ।



ଏହି ପରିପ୍ରେକ୍ଷୀରେ ତୁରନ୍ତ ନିଷ୍ପତ୍ତି ପାଇଁ ସରକାର ଆଉ ୧୦ଟି ମେଡିକାଲ କଲେଜ ଏବଂ ଏମ୍ସ ଭୁବନେଶ୍ୱରରେ ଗୋଟିଏ ଲେଖାଏଁ ବୋର୍ଡ ପ୍ରତିଷ୍ଠା କରିଛନ୍ତି। ବ୍ରହ୍ମପୁର ଏମ୍‌କେସଜି ମେଡିକାଲ କଲେଜ, ବୁର୍ଲାର ଭିଏସ୍‌ଏସ୍ ମେଡିକାଲ କଲେଜ, ବାଲେଶ୍ୱରର ଏଫ୍‌ଏମ୍ ମେଡିକାଲ କଲେଜ, ମୟୂରଭଞ୍ଜର ପିଆରଏମ୍ ମେଡିକାଲ କଲେଜ, ବଲାଙ୍ଗିରର ବିବି ମେଡିକାଲ କଲେଜ, କୋରାପୁଟର ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ, ପୁରୀର ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ, କେନ୍ଦୁଝର ସରକାରୀ ମେଡିକାଲ କଲେଜ, ସୁନ୍ଦରଗଡ଼ ମେଡିକାଲ କଲେଜ, ଏମ୍ସ ଭୁବନେଶ୍ୱର ଏବଂ ଭୁବନେଶ୍ୱର ସ୍ଥିତ ପିଜି ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚରେ ବୋର୍ଡ ଗଠନ କରାଯାଇଛି।

## ଗ୍ରୀଷ୍ମକାଳୀନ ବାତ୍ୟାର ମୁକାବିଲା ପାଇଁ ଉଚ୍ଚସ୍ତରୀୟ ବୈଠକ

# ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର :** ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବମାନଙ୍କ ସହିତ ସମ୍ଭାବ୍ୟ ଗ୍ରୀଷ୍ମକାଳୀନ ବାତ୍ୟାର ମୁକାବିଲା ପାଇଁ ନେବାକୁ ଥିବା ପଦେକ୍ଷପ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୁଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ, ଅଗ୍ନୀଶମ ସେବା ପୁଲିସ ମହାନିର୍ଦ୍ଦେଶକ, ସ୍ୱତନ୍ତ୍ର ରିଲିଫ୍ କମିସନର, ଓସଡମାର ପରିଚାଳନା ନିର୍ଦ୍ଦେଶକ, ସିନିୟର କମାଣ୍ଡାଣ୍ଟ ଏନଡିଆରଏଫ୍, ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱରର ସହନିର୍ଦ୍ଦେଶକ ଏବଂ ବିଭିନ୍ନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ପାରାଦୀପ ଏବଂ ଗୋପାଳପୁରରେ ଡୋପଲର ରାଡାର କାର୍ଯ୍ୟ କରଛି ଯାହା ସାଇକ୍ଲୋନ୍ ଟ୍ରାକିଂ ଏବଂ ପାଣିପାଗ ପୂର୍ବାନୁମାନ କରିବାରେ ସାହାଯ୍ୟ କରିବ। ଏହି ରାଡାରଗୁଡ଼ିକ ଟର୍ନାଡୋ/ବଜ୍ରପାତ/କୁଆପଥର ପୂର୍ବାନୁମାନ କରିବାରେ ସାହାଯ୍ୟ କରେ। ସାଇକ୍ଲୋନ ପରିସ୍ଥିତିରେ ଟେଲିକମ ସିଷ୍ଟମକୁ କାର୍ଯ୍ୟକ୍ଷମ ରଖିବା ପାଇଁ ବିଏସ୍‌ଏନ୍‌ଏଲ୍ ଏବଂ ଟେଲିକମ୍ ସେବା ପ୍ରଦାନକାରୀଙ୍କ ଦ୍ୱାରା ଆପଦକାଳୀନ ବ୍ୟବସ୍ଥା କରାଯାଇଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଆଗୁଆ ମୋବାଇଲ ଟାୱାରଗୁଡ଼ିକୁ ନିୟୋଜିତ କରିବା ପାଇଁ ଯୋଜନା କରାଯାଇଛି। ସମ୍ଭାବ୍ୟ ବାତ୍ୟା ପ୍ରବଣ ଅଞ୍ଚଳର ସମସ୍ତ ସେଲ ଫୋନ୍ ଗ୍ରାହକଙ୍କୁ ଭଏସ୍ ମେସେଜ୍ ସହିତ ଏସ୍‌ଏମ୍‌ଏସ୍ ମାଧ୍ୟମରେ ସାଇକ୍ଲୋନ୍ନ ଚେତାବନୀ ଏବଂ ଆଇଏମ୍ଡିର ଆଲର୍ଟ ମେସେଜ ପଠାଇବାକୁ ବିଏସ୍‌ଏନ୍‌ଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ସୂଚନା/ପାଣିପାଗ ପୂର୍ବାନୁମାନ ଏବଂ ଆନୁସଙ୍ଗିକ ସ୍ୱତନ୍ତ୍ର ବୁଲେଟିନ୍ ଅଲ ଇଣ୍ଡିଆ ରେଡିଓ, ଏଫଏମ ଚ୍ୟାନେଲ, ଦୂରଦର୍ଶନ, ସମସ୍ତ ଟିଭି ଚ୍ୟାନେଲ ଏବଂ ଲୋକାଲ କେବୁଲ ଚ୍ୟାନେଲ ଦ୍ୱାରା ପ୍ରସାରିତ କରିବା ପାଇଁ ଭାରତୀୟ ପାଣିପାଗ ବିଭାଗ ପଦକ୍ଷେପ ନେଇଛନ୍ତି। ମେ' ମାସ ୧ ତାରିଖରୁ ବିଭାଗ ଓ ଜିଲ୍ଲାମାନଙ୍କରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଚାଲୁ କରିବା ପାଇଁ ନିଷ୍ପତ୍ତି ନିଆଯାଇଅଛି। ଏହି କଣ୍ଟ୍ରୋଲ୍ ରୁମ୍ ଦାୟିତ୍ୱରେ ଜଣେ ପ୍ରଥମ ଶ୍ରେଣୀ ଅଧିକାରୀ ରହିବେ। ଜୁନ୍ ୧୮ ଓ ୧୯ ତାରିଖରେ ପ୍ରତ୍ୟେକ ବର୍ଷ ଭଳି ସମସ୍ତ ଜିଲ୍ଲା ସଦର ମହକୁମା, ବନ୍ୟା/ବାତ୍ୟା ଆଶ୍ରୟସ୍ଥଳୀ, ବ୍ଲକ ସ୍ତରରେ ଓ ବାତ୍ୟା ମକ୍ଲିଲ ଅନୁଷ୍ଠିତ ହେବ। ୩୧୭ଟି ଫାୟାର ଷ୍ଟେସନଗୁଡ଼ିକରେ ଆବଶ୍ୟକୀୟ ସନ୍ଧାନ ଓ ଉଦ୍ଧାର ଉପକରଣ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ତାଲିମପ୍ରାପ୍ତ ଅଧିକାରୀମାନେ ଅବସ୍ଥାନ କରିଛନ୍ତି। ଏନ୍‌ଡିଆରଏଫ ତୃତୀୟ ବାଟାଲିୟନରେ ୧୭ଟି ଟିମ୍ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ୧୬ଟି ଟିମ ମୁଣ୍ଡଳୀଠାରେ ଏବଂ ଗୋଟିଏ ଟିମ ବାଲେଶ୍ୱର ଠାରେ ଅବସ୍ଥାପିତ ଅଛନ୍ତି। ଏହି ଏନଡିଆରଏଫ ଟିମ୍ ଓସଡମା ଏବଂ ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରୁଛନ୍ତି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଏନଡିଆରଏଫ୍ ଟିମ୍ ନିୟୋଜିତ ପାଇଁ ସେମାନଙ୍କର ବ୍ୟବହୃତ ଗାଡିକୁ ବିଡିଓ ତହସିଲଦାରମାନେ ଆବଶ୍ୟକୀୟ ତେଲ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯିବ। ସେହିପରି ୮୭୯ ଟି ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ସମ୍ଭାବ୍ୟ ବାତ୍ୟା ପୂର୍ବରୁ ସ୍ଥାନାନ୍ତରିତ ଲୋକମାନଙ୍କୁ ସୁରକ୍ଷିତ ରଖିବା ପାଇଁ ବ୍ୟବହାର କରାଯାଉଛି। ଏହି ଆଶ୍ରୟସ୍ଥଳୀ ଗୁଡିକରେ ଥିବା ବିଭିନ୍ନ ଆପଦକାଳୀନ ଉପକରଣ ଓ ଯନ୍ତ୍ରପାତି ଏବଂ ଲାଇଟ୍ ଓ ଜେନେରେଟର ଗୁଡିକୁ ଯାଞ୍ଚ କରିବା ପାଇଁ ଓସଡମାକୁ ନିର୍ଦ୍ଦେଶ ଦିଆଯାଇଅଛି। ଆଶ୍ରୟସ୍ଥଳୀ ମାନଙ୍କରେ ଥିବା ଟାୱାର ଲାଇଟ୍ର କାର୍ଯ୍ୟକ୍ଷମ ଉପରେ ଯାଞ୍ଚ କରି ସଚଳ ଟାୱାର ଲାଇଟ୍ ଗୁଡ଼ିକର ତାଲିକା ପ୍ରସ୍ତୁତ କରିବା ପାଇଁ ଓସଡମାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳ ସମ୍ପଦ ବିଭାଗ ଠିକ୍ ସମୟରେ ବନ୍ୟାର ପୂର୍ବାନୁମାନ, ବିଭିନ୍ନ ନଦୀ ପ୍ରଣାଳୀର ଜଳସ୍ତର ଏବଂ ଜଳ ପ୍ରବାହ ଏବଂ ଜଳଭଣ୍ଡାରର ସୁପରିଚାଳନା କୁ ନିଶ୍ଚିତ କରିବେ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ସ୍ୱାସ୍ଥ୍ୟ ଓ ଯୋଜନା ପ୍ରସ୍ତୁତ କରିବେ।





## ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ସ୍ୱାଭିମାନ ଦିବସ ପାଳିତ

# ‘ସବୁଥିରେ ସ୍ୱତନ୍ତ୍ର ଥିଲେ ମଧୁବାବୁ’

**ଭୁବନେଶ୍ୱର :** ଉତ୍କଳ ଗୌରବ ମଧୁସୂଦନ ଦାସ ସବୁଥିରେ ସ୍ୱତନ୍ତ୍ର ଥିଲେ। ତାଙ୍କର କାର୍ଯ୍ୟଧାରା, ତ୍ୟାଗ, ସଂଘର୍ଷ ନିଆରା ଥିଲା। ପ୍ରତିକୂଳ ପରିସ୍ଥିତିରେ ମୁଣ୍ଡ ଟେକି ଛିଡ଼ା ହୋଇ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାରେ ସେ ସିଦ୍ଧହସ୍ତ ଥିଲେ। ସେ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ଭୁବନେଶ୍ୱର ଓକିଲ ସଂଘ ତରଫରୁ ଜୟଦେବ ଭବନରେ ଆୟୋଜିତ ‘ସ୍ୱାଭିମାନ ଦିବସ’ ଓ ‘ଆଇନଜୀବୀ ଦିବସ’ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ। ଭୁବନେଶ୍ୱର ଓକିଲ ସଂଘର ସଭାପତି ଧନେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଅବସରପ୍ରାପ୍ତ ଆଇଏଫ୍ଏସ୍ ପୂର୍ବତନ ରାଷ୍ଟ୍ରଦୂତ ସଞ୍ଜୟ କୁମାର ପଣ୍ଡା ଯୋଗଦେଇ ଓଡ଼ିଶାର ଗୌରବମୟ ଇତିହାସ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ମଧୁସୂଦନଙ୍କ ଗାଁ ସତ୍ୟଭାମାପୁରକୁ




ମହାତ୍ମାଗାନ୍ଧୀ ଆସିଥିବା ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘ ତରଫରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବରିଷ୍ଠ ଆଇନଜୀବୀ ତଥା ଭୁବନେଶ୍ୱର ବାର କାଉନସିଲ୍‌ର ପୂର୍ବତନ ସଭାପତି ଅଶୋକ କୁମାର ପାତ୍ର, ପୂର୍ବତନ ସଦସ୍ୟ ଆତ୍ମପ୍ରକାଶ ମହାନ୍ତି, ଆଇନଜୀବୀ ରାଜେନ୍ଦ୍ର କୁମାର ମହାନ୍ତି, ସିଦ୍ଧାର୍ଥ କୁମାର ଦାସ, ଅଜୟ ମହାନ୍ତି, ଶ୍ୟାମସୁନ୍ଦର କବି, ମିନତି ପଟ୍ଟନାୟକ, ଦିଲ୍ଲୀପ ମହାନ୍ତି, ସନ୍ଧ୍ୟାରାଣୀ ପଣ୍ଡାଙ୍କୁ ମଧୁସୂଦନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସଂଗ୍ରାମ କେଶରୀ ପ୍ରଧାନଙ୍କୁ ଓକିଲାତିରେ ଜୀବନବ୍ୟାପି ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟ ପ୍ରାରମ୍ଭରେ ବରିଷ୍ଠ ଆଇନଜୀବୀ ତଥା ସ୍ତମ୍ଭକାର ଶୀଳଭଦ୍ର ଶାସ୍ତ୍ରୀ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ଶାସ୍ତ୍ରୀଙ୍କ ଉପସ୍ଥାପନା ଶୈଳୀ ପାଇଁ ସବୁ ମହଲରୁ ପ୍ରଶଂସା କରାଯାଇଛି। ଭୁବନେଶ୍ୱର ଓକିଲ ସଂଘର ସମ୍ପାଦକ ତାପସ ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓକିଲ ସଂଘ ଉପସଭାପତି ଅଞ୍ଜନ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଓକିଲ ସଂଘର ଯୁଗ୍ମ ସଂପାଦକ ସୁକାନ୍ତ କୁମାର ସାହୁ, ସହାୟକ ସମ୍ପାଦକ ପୁଳିନ କୁମାର ମାଥା, କୋଷାଧ୍ୟକ୍ଷ ମନୀଷ କୁମାର ନାୟକ ଏବଂ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# କାର୍ଯ୍ୟାରମ୍ଭ ପୂର୍ବରୁ ପିସି ମାଗୁଛନ୍ତି ବ୍ଲକ ଅଧ୍ୟକ୍ଷା



**ଗଣିଆ :** ବିକାଶମୂଳକ କାର୍ଯ୍ୟରେ ବାଧକ ସାଜିଛନ୍ତି ବ୍ଲକ ଅଧ୍ୟକ୍ଷା ଓ କନିଷ୍ଠ ଯନ୍ତ୍ରୀ। ଗଣିଆ ବ୍ଲକରେ ହେଉଥିବା ପ୍ରତିଟି ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଠିକାଦାରଙ୍କ ଠାରୁ ୫% ପିସି ଦାବି କରାଯାଉଛି। ରାସଙ୍ଗ ପଞ୍ଚାୟତ ଅଧିନରେ ଥିବା ରାସଙ୍ଗ ଗ୍ରାମର ଜଣେ ୱାର୍ଡମେମ୍ବର ଗୋଟିଏ କାମ ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ନିକଟକୁ ଯାଇଥିଲେ। ଯେହେତୁ ଏହା କନିଷ୍ଠ ଯନ୍ତ୍ରୀଙ୍କ ନାମରେ ୱାର୍କ ଅର୍ଡର ତେଣୁ କନିଷ୍ଠ ଯନ୍ତ୍ରୀ ସମ୍ପୃକ୍ତ ୱାର୍ଡମେମ୍ବରଙ୍କୁ କହିଲେ ପ୍ରଥମେ ବ୍ଲକ ଅଧ୍ୟକ୍ଷାଙ୍କ ସହିତ କଥା ହୋଇ ସବୁ ତୁଟାଇଲେ ଯାହା ହେବ। ଜେଇ ମଧ ୱାର୍ଡମେମ୍ବରଙ୍କ ସହ ସାଙ୍ଗରେ ଯାଇ ଅଧ୍ୟକ୍ଷାଙ୍କୁ ସାକ୍ଷାତ କରିଥିଲେ। ଜେଇଙ୍କ ସାମ୍ନାରେ ଅଧ୍ୟକ୍ଷା ପ୍ରଥମେ ପିସି କଥା ତୁଟିଲେ କାର୍ଯ୍ୟ ଆରମ୍ଭ ହେବ କହିଲେ। ତେଣୁ ସାଧାରଣରେ ଦାବି ହେଉଛି କାମ ପୂର୍ବରୁ ପିସି ଦାବି କରିବା କେତେ ଯଥାର୍ଥ। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଅନେକ ଗୁମର ପଦାକୁ ଆସିବ।

## କୋଟିଆରେ ପୁଣି ଆନ୍ଧ୍ରର ଦଦାଗିରି

# ‘ବିଜୁ ପକ୍କା ଘର’ରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଫଟୋ

**ଭୁବନେଶ୍ୱର :** ଓଡ଼ିଶାରେ ଆବାସ ଯୋଜନାରେ ନିର୍ମାଣ ହେଉଥିବା ପକ୍କା ଘରେ ଲାଗିବ କାହାର ଲୋଗୋ? ଏହାକୁ ନେଇ ରାଜ୍ୟରେ ଅନେକ ସମୟରେ ଦୁଇ ରାଜନୈତିକ ଦଳ- ବିଜେଡି ଓ ବିଜେପି ମଧ୍ୟରେ କନ୍ଦଳ ଦେଖିବାକୁ ମିଳେ। ହେଲେ ଏହାରି ଭିତରେ କୋଟିଆରେ ଆବାସ ଯୋଜନାର ତିଆରି ହୋଇଥିବା ଘରେ ଆନ୍ଧ୍ରପ୍ରଦେଶ ଷ୍ଟିକର ମାରି ପଳାଇ ଯାଇଛି। ଖାଲି ଷ୍ଟିକର ମାରି ନାହାନ୍ତି, ଆନ୍ଧ୍ର ପ୍ରଦେଶର ଅଧିକାରୀମାନେ ସେଠାରେ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରିଥିଲେ। କୋଟିଆର ତଳସେମ୍ଭି ଓ ଉପରସେମ୍ଭି ଗାଁରେ ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ଅବାସ ଯୋଜନାରେ ଘର ନିର୍ମାଣ କରିଥିଲେ। ତିଆରି ହୋଇଥିବା ଘରର ଡାହାଣ



ପାର୍ଶ୍ୱରେ ବିଜୁ ପଟ୍ଟନାୟକ ଫଟୋ ଥିବା ‘ବିଜୁ ପକ୍କା ଘର’ ଲୋଗୋ ଲାଗିଛି। ଆଉ ବାମ ପାର୍ଶ୍ୱରେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ଫଟୋ ଥିବା ଷ୍ଟିକର ଲାଗିଛି। ଆନ୍ଧ୍ର ଅଧିକାରୀମାନେ ଏହି ଦୁଇ ଗାଁରେ ବୁଲି ବୁଲି ଘରେ ଘରେ ଜଗନ ଷ୍ଟିକର ଲଗାଇଛନ୍ତି। ଓଡ଼ିଶା ସରକାରଙ୍କ ଲୋଗୋ ଥିବା ସତ୍ତ୍ୱେ ଆନ୍ଧ୍ର ଷ୍ଟିକର ମାରିଥିବା ଦେଖିବାକୁ ମିଳିଛି। ଏଥିସହ ସର୍ଭେ କରିଥିବା ଜଣାପଡ଼ିଛି। ସେହିପରି ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆର ଉପରଗଞ୍ଜେଇପଦର ଗାଁରେ ମାଗଣାରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଗାଁ ଲୋକମାନେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଶିବିରକୁ ଯାଇଥିବା ଦେଖିବାକୁ ମିଳିଛି। ମେଡିକାଲ୍ ଚେକ୍‌ଅପ୍ ପରେ ଗାଁ ଲୋକଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଛି। ପାର୍ବତୀପୁରମ ମାନ୍ୟତା ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିବା ଜଣାପଡ଼ିଛି। ଆନ୍ଧ୍ରପ୍ରଦେଶର ଅଧିକାରୀମାନେ ଆସି ଷ୍ଟିକର ମାରିଲେ ଓ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଚାଲିଗଲେ। ହେଲେ କୋରାପୁଟ୍ ଜିଲ୍ଲା ପ୍ରଶାସନ ଏ ସମ୍ପର୍କରେ ଜାଣିପାରିଲା ନାହିଁ। ଏଠି ପ୍ରଶ୍ନ ଉଠୁଛି, କୋରାପୁଟ୍ ପ୍ରଶାସନ କେଉଁଠି ଓ କାହାକୁ ଜଗିଛି? ସୀମାରେ ଜଗିବା କାର୍ଯ୍ୟ କେବଳ ଲୋକ ଦେଖାଣିଆ ନୁହେଁ ତ?

# ଦେଶର ପ୍ରଥମ ଜଳାଶୟ ଗଣନା, ଟପ୍ ଫାଇଭରେ ଓଡ଼ିଶା

**ଭୁବନେଶ୍ୱର:** ଦେଶର ପ୍ରଥମ ଜଳାଶୟ ଗଣନା ରିପୋର୍ଟରେ ଓଡ଼ିଶା ଆଗରେ। ଦେଶର ପ୍ରଥମ ୫ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ଓଡ଼ିଶା। ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ପଛକୁ ଓଡ଼ିଶା ଥିବା ବେଳେ ୫ ନମ୍ବରରେ ରହିଛି ଆସାମ। ଏହି ୫ଟି ରାଜ୍ୟରେ ଦେଶର ୬୩ ପ୍ରତିଶତ ଜଳାଶୟ ରହିଛି ବୋଲି ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ପ୍ରଥମ ରିପୋର୍ଟରେ ଜଣାପଡ଼ିଛି। ରାଜ୍ୟରେ ଥିବା ମୋଟ ୱାଟର ବଡିଜ୍ ମଧ୍ୟରୁ ୯୮ ପ୍ରତିଶତ ଗ୍ରାମାଞ୍ଚଳରେ ଥିବା ବେଳେ ୨ ପ୍ରତିଶତ ସହରାଞ୍ଚଳରେ ରହିଛି। ୫୧ ପ୍ରତିଶତ ଜଳାଶୟ ଘରୋଇ ଥିବା ବେଳେ ବାକି ୪୯ ପ୍ରତିଶତ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି। ଲୁହାପଥର, ମାଙ୍ଗାନିଜ୍, ବକ୍ସାଇଟ ଭଳି ଜଳ ପରିମାଣରେ ବି ଓଡ଼ିଶା



ଆଗରେ ରହିଛି। ଜଳବାୟୁ ପରିବର୍ତ୍ତନ ଏବଂ ଜଳ ସଙ୍କଟ ନେଇ ସାରା ବିଶ୍ୱ ସଂଘର୍ଷ କରୁଥିବା ବେଳେ ଓଡ଼ିଶାରେ ନିକଟ ଭବିଷ୍ୟତରେ ଜଳ ସଙ୍କଟ ହେବ ନାହିଁ ବୋଲି ଗଣନାରୁ ସ୍ପଷ୍ଟ ହୋଇଛି। ଓଡ଼ିଶାରେ ୪୮୦ କିଲୋମିଟର ସମୁଦ୍ର ବେଳାଭୂମି ସାଙ୍ଗକୁ ମଧୁର ଜଳରେ ଦେଶର ୪ ନମ୍ବର ରାଜ୍ୟ ଭାବେ ଉଭା ହେବା ରାଜ୍ୟର ଶିଳ୍ପାୟନ ପାଇଁ ମଧ୍ୟ ଶୁଭ ସଙ୍କେତ। ରାଜ୍ୟରେ ଥିବା ମୋଟ ଜଳାଶୟ ମଧ୍ୟରୁ ୮୯ ପ୍ରତିଶତ ବ୍ୟବହାର ଯୋଗ୍ୟ ରହିଛି। ଏଥିରୁ ୭ ହଜାର ୧୦୯ ଜଳାଶୟ ପ୍ରାକୃତିକ ଉତ୍ସ ହୋଇଥିବା ବେଳେ ୧ ଲକ୍ଷ ୭୪ ହଜାର ୭୨୮ ମନୁଷ୍ୟକୃତ। ୫୧ ପ୍ରତିଶତ ଜଳାଶୟରେ ହଜାରେରୁ ୧୦ ହଜାର କ୍ୟୁବିକ ମିଟର ଯାଏଁ ଜଳଧାରଣ କ୍ଷମତା ରହିଛି। ୨୪ ପ୍ରତିଶତରେ ଏହାଠାରୁ ଅଧିକ ଜଳ ରଖିବାର କ୍ଷମତା ରହିଛି। ପ୍ରତିବର୍ଷ ପୂର୍ଣ୍ଣ ବା ଆଂଶିକ ଭାବେ ୯୨ ପ୍ରତିଶତ ଜଳାଶୟରେ ପାଣି ଉପଲବ୍ଧ ରହୁଥିବା ବେଳେ ମାତ୍ର ୧.୬ ପ୍ରତିଶତ ଜଳାଶୟ କେବେ ପୂରଣ ହୁଏନାହିଁ। ବିଶ୍ୱସ୍ତରର କ୍ଲାଇମେଟ ଇଣ୍ଡେକ୍ସରେ ଓଡ଼ିଶାର ସ୍ଥାନ ଉପରେ ରହିଛି।

# ପ୍ରହ୍ଲାଦ ଖୋସଲା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ପରୀକ୍ଷାରେ କୃତିତ୍ୱ

**ମାଲକାନଗିରି:** ଅଧ୍ୟବସାୟ ଓ ନିଷ୍ଠାର ସହିତ ସାଧନା କଲେ ସିଦ୍ଧି ଅବଶ୍ୟ ପ୍ରାପ୍ତ ହୁଏ। ଏହି କଥାକୁ ପ୍ରମାଣିତ କରିଛନ୍ତି କୁଡୁମୁଲୁଗୁମ୍ମା ଠାରେ ରହୁଥିବା ପରକନମାଲା ଆଶ୍ରମ ବିଦ୍ୟାଳୟର ଶିକ୍ଷକ ପ୍ରହ୍ଲାଦ ଖୋସଲା। କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ନିକଟରେ ଏକ ଛୋଟ ଆଦିବାସୀ ଗାଁ ଡୋଲିଆମ୍ବର ସୁନା ପୁଅ ଶ୍ରୀ ଖୋସଲା ପ୍ରାଥମିକ ଶିକ୍ଷକ ଭାବରେ ମାଲକାନଗିରି ଜିଲ୍ଲା ଜାତି ଓ ଜନଜାତି ଉନ୍ନୟନ ବିଭାଗର ଆଶ୍ରମ ବିଦ୍ୟାଳୟ ରେ ପ୍ରାଥମିକ ଶିକ୍ଷକ ଭାବରେ ଯୋଗଦାନ କରିଥିଲେ। ସବୁବେଳେ କିଛି ସ୍ୱତନ୍ତ୍ର କରି ଦେଖାଇବାର ମନୋବୃତ୍ତି ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଭବିଷ୍ୟତ ଗଢ଼ିବାକୁ ଅଦମ୍ୟ ଉପାସନା କରିଥିଲେ। ବିଦ୍ୟାଳୟରେ



ଶିକ୍ଷାଦାନ ସମୟ ପରେ ବଳକା ସମୟକୁ ବିନିଯୋଗ କରି ଜଣେ ଅଫିସର ହେବାର ସାଧନା ଜାରି ରଖିଥିଲେ। ନିଜ ଉଦ୍ୟମରେ ସେ ବିଇଡି ପାଠ୍ୟକ୍ରମ ସଫଳତାର ସହ ଶେଷ କରି ଓଏଏସ୍ ଅଧିକାରୀ ହେବାପାଇଁ ନିଜସ୍ୱ ଢଙ୍ଗରେ ପ୍ରଚେଷ୍ଟା ଜାରି ରଖିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଘୋଷିତ ଅଧିସୂଚନା ଅନୁଯାୟୀ ଶ୍ରୀ ଖୋସଲା ସଫଳତାର ସହ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବରେ ନିୟୋଜିତ ହେବା ପାଇଁ ଓପିଏସି ଦ୍ୱାରା ଆୟୋଜିତ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ନିମନ୍ତେ କୁଡୁମୁଲୁଗୁମ୍ମାର ସମସ୍ତ ବୁଦ୍ଧିଜୀବୀ, ଶିକ୍ଷକ ସଂଘ କର୍ମକର୍ତ୍ତା,ପତ୍ରକାର ସଂଘ ପକ୍ଷରୁ ଖୁସି ବ୍ୟକ୍ତ କରିବା ସହ ଉଷ୍ମସ୍ୱତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ଖୋସଲାଙ୍କ ନିଜ ଗ୍ରାମ ଲକ୍ଷ୍ମୀପୁର ର ସମସ୍ତ ବନ୍ଧୁ ମାନେ ଏହି ଅବସରରେ ଆଶୀର୍ବାଦ ପ୍ରଦାନ କରିଛନ୍ତି। ଛୋଟ ଛୋଟ ପିଲା ମାନେ ସାଧନା ବଳରେ ସିଦ୍ଧି ପ୍ରାପ୍ତ ହୁଅନ୍ତୁ ବୋଲି ଶ୍ରୀ ଖୋସଲା ମତବ୍ୟକ୍ତ କରିଛନ୍ତି।

## ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଲେ ଟୁକୁନି ସାହୁ

# ଓଡ଼ିଶାର ୩ ରୁଟ୍‌ରେ ‘ବନ୍ଦେ ଭାରତ’ ଏକ୍ସପ୍ରେସ ଦାବି

**ଭୁବନେଶ୍ୱର :** ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଚିଠି ଲେଖିଛନ୍ତି। ‘ବନ୍ଦେ ଭାରତ’ ଏକ୍ସପ୍ରେସ୍ ନେଇ ଚିଠି ଲେଖିଛନ୍ତି ପରିବହନ ମନ୍ତ୍ରୀ। ୩ଟି ରୁଟ୍‌ରେ ‘ବନ୍ଦେ ଭାରତ’ ଏକ୍ସପ୍ରେସ୍ ଚଳାଚଳ ପାଇଁ ଚିଠି ଲେଖି ଦାବି କରିଛନ୍ତି ମନ୍ତ୍ରୀ ଟୁକୁନି ସାହୁ। ପୁରୀ-ହାଓଡ଼ା ମଧ୍ୟରେ ‘ବନ୍ଦେ ଭାରତ’ ଚଳାଚଳ ପାଇଁ ଦାବି କରାଯାଇଥିବା ବେଳେ ପୁରୀ-ରାୟପୁର ଭାୟା ରାଉରକେଲା-ସମ୍ବଲପୁର ମଧ୍ୟରେ ଚଳାଚଳ ଲାଗି ଦାବି ହୋଇଛି। ସେହିପରି ଭୁବନେଶ୍ୱର-ହାଇଦ୍ରାବାଦ ମଧ୍ୟରେ ଚଳାଚଳ ପାଇଁ ଦାବି ହୋଇଛି। ସୂଚନା ଅନୁଯାୟୀ, ଓଡ଼ିଶାରେ ପରୀକ୍ଷାମୂଳକ ଭାବେ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଗଡିଛି। ଏହି



ବନ୍ଦେ ଭାରତ ଟ୍ରେନରେ ୧୬ଟି ବଗି ସଂଯୋଗ କରା ଯାଇଥିଲା। ଖଡଗପୁର ଏଡିଆରଏମ୍ ଗିରିଶ କୁମାରଙ୍କ ନେତୃତ୍ୱରେ ଏହି ଟ୍ରେନ ଆସିଥିଲା। ଏହି ଟ୍ରେନ ଭଦ୍ରକରେ ପହଞ୍ଚିବା ପରେ ଭଦ୍ରକ ରେଲୱେ ବିଭାଗ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଟ୍ରେନକୁ ସ୍ୱାଗତ କରିଥିଲେ। ବର୍ତ୍ତମାନ ସୁଦ୍ଧାରେ ଦେଶରେ ୯ଟି ରୁଟରେ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ କରୁଛି। ଏହି ଟ୍ରେନରେ ୧୪ଟି ଏସି ଚେୟାର କାର କୋଚ ରହିଛି ଏବଂ ୨ଟି ଏକ୍‌ଜିକ୍ୟୁଟିଭ ଏସି ଚେୟାରକାର କୋଚ ରହିଛି ଯାହାର ଯାତ୍ରୀ ପରିବହନ କ୍ଷମତା ୧,୧୨୮ ରହିଛି। ଏଥିରେ ହାଇସ୍ପିଡ୍ ଇଣ୍ଟରନେଟ୍, ଆରାମଦାୟକ ଚେୟାର, ବାୟୋ-ଭାକ୍ୟୁମ୍ ଟଏଲେଟ୍, ଜିପିଏସ୍ ଆଧାରିତ ଯାତ୍ରୀଙ୍କ ସୂଚନା ବ୍ୟବସ୍ଥା ଭଳି ଅନେକ ଅତ୍ୟାଧୁନିକ ସୁବିଧା ଓ ସୁବିଧା ରହିଛି। କେନ୍ଦ୍ର ସରକାର ଆସନ୍ତା ୩ ବର୍ଷ ମଧ୍ୟରେ ଦେଶରେ ଏହି ୪୦୦ ବନ୍ଦେ ଭାରତ ଟ୍ରେନ ଚଳାଚଳ କରିବା ପାଇଁ ଯୋଜନା ରଖିଛନ୍ତି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

# ଆଇଏମ୍‌ଡିର ସୂଚନା; ମେ’ରେ ହିଟ୍‌ୱେଭ

**ଭୁବନେଶ୍ୱର :** ମେ ମାସରେ ଆସିପାରେ ହିଟୱେଭ। ଏନେଇ ଆଇଏମଡି ପକ୍ଷରୁ ସତର୍କତା ଜାରି କରାଯାଇଛି। ତେବେ ମେ ମାସରେ ବି ବର୍ଷା ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ସେ କହିଛନ୍ତି- ବିଶେଷ କରି ଉପକୂଳ ଓଡ଼ିଶାରେ ହିଟୱେଭ ଆସିପାରେ। ସେହିପରି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାରରେ ବି ହିଟୱେଭ ଆସିପାରେ। ମେ’ ମାସରେ ସାଧାରଣ ତାପମାତ୍ରାଠାରୁ ଅଧିକ ହେବାର



ସମ୍ଭାବନା ରହିଛି। ମେ’ ମାସରେ କାଳବୈଶାଖୀ ହେବା ସହ ହିଟୱେଭ ରହିବା ସମ୍ଭାବନା ରହିଛି। ଆସନ୍ତା ସପ୍ତାହରେ ତାପମାତ୍ରା ବଢିବା ସମ୍ଭାବନା ରହିଛି। ମେ’ ୧୨ରୁ ୧୮ ତାରିଖ ମଧ୍ୟରେ ହିଟ ୱେଭ ଆସିପାରେ ବୋଲି ସେ କହିଛନ୍ତି। ସେପଟେ ନୂଆଦିଲ୍ଲୀରେ ଆୟୋଜିତ ହୋଇଛି ମିଡିଆ ସର୍ଭେ ଆନାଲିସିସ। ପାଣିପାଗ ସମ୍ପର୍କିତ ବୁଲେଟିନ ପ୍ରସ୍ତୁତି ଓ ଏହାର ପ୍ରସାର ସମ୍ପର୍କରେ ହୋଇଛି ଆଲୋଚନା। କୌଣସି ପ୍ରକାର ପାଣିପାଗ ସମ୍ପର୍କିତ ସୂଚନାର ପ୍ରସାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଆସୁଛି। ଏକ୍ଷେତ୍ରରେ କମ୍ୟୁନିଟି ରେଡିଓ ସମେତ ବିଭିନ୍ନ କାରିଗରିର ଉପଯୋଗ କରାଯାଉଛି। ପାଣିପାଗ ସମ୍ପର୍କିତ ଫୋରକାଷ୍ଟିଂର ଗୁରୁତ୍ୱ ସର୍ବଦା ରହିଛି। ଭାରତୀୟ ପାଣିପାଗ ବିଭାଗ ନିକଟରେ ଅନେକ ପ୍ରକାର ତଥ୍ୟ ରହିଛି। ପାଣିପାଗ ଓ ଜଳବାୟୁ ସମ୍ପର୍କରେ ଆୟୋଜିତ ମିଡିଆ ସମ୍ମିଳନୀରେ ଯୋଗ ଦେଇ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ, ଆଇଏମଡି ପକ୍ଷରୁ ପ୍ରସାରିତ ହେଉଥିବା ବିଭିନ୍ନ ସୂଚନାର କିପରି ଅଧିକ ଉପଯୋଗୀ ହୋଇପାରିବ ସେ କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ନେଇ ଆଲୋଚନା ହୋଇଛି। ଲୋକମାନେ ଯେପରି ସରଳ ଭାବେ ସମସ୍ତ ସୂଚନା ପାଇପାରିବେ ଏବଂ ଜନଜୀବନର ସୁରକ୍ଷା ହୋଇପାରିବ ସେଥିଲାଗି ଗୁରୁତ୍ୱ ଦିଆଯାଇଛି।

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
Contact : 8658607286 / 8917571455

# ଡାକୋଟା ଦେଖିଲେ ଇଣ୍ଡୋନେସିଆ ରାଷ୍ଟ୍ରଦୂତ

**ଭୁବନେଶ୍ୱର :** ଭୁବନେଶ୍ୱର ବିମାନବନ୍ଦରରେ ବିଜୁ ବାବୁଙ୍କ ଡାକୋଟା ଦେଖିଲେ ଇଣ୍ଡୋନେସିଆ ରାଷ୍ଟ୍ରଦୂତ। ତାଙ୍କ ସହ ଏକ ଟିମ୍ ମଧ୍ୟ ବୁଲି ଦେଖିଛନ୍ତି ଡାକୋଟା। ଡାକୋଟାକୁ ଦେଖି ଭାବ ବିହ୍ୱଳ ହୋଇଛନ୍ତି ଇଣ୍ଡୋନେସିଆ ରାଷ୍ଟ୍ରଦୂତ। ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିବା ସହ ଦୁର୍ବିପାକ ମୁକାବିଲା ଓ ଜଳ ପରିଚାଳନାରେ ଓଡ଼ିଶା ଚମ୍ପିଆନ ବୋଲି ସେ କହିଛନ୍ତି। ଦୁର୍ବିପାକ ମୁକାବିଲା ନେଇ ଇଣ୍ଡୋନେସିଆ ପ୍ରଶିକ୍ଷଣ ନେବା ଆବଶ୍ୟକ। ଅଧିକାରୀଙ୍କୁ ପ୍ରଶିକ୍ଷଣ ନେବାକୁ ସେ ଇଣ୍ଡୋନେସିଆ ସରକାରଙ୍କୁ ସୁପାରିସ କରିବେ ବୋଲି କହିଛନ୍ତି। ଏହାସହ



ଆଗାମୀ ବର୍ଷ ବାଲିଯାତ୍ରାକୁ ୭୫ବର୍ଷ ପୂରିବ। ଏନେଇ ଭାରତ-ଇଣ୍ଡୋନେସିଆ ମଧ୍ୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି। ଓଡ଼ିଶା ସରକାରଙ୍କ ବାଲି ମହୋତ୍ସବରେ ଇଣ୍ଡୋନେସିଆ ଭାଗନେବ ବୋଲି କହିଛନ୍ତି ଇଣ୍ଡୋନେସିଆ ରାଷ୍ଟ୍ରଦୂତ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି